


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୩ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 October 2025
Vol.No. 36 ■ No.278 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ଆଇନଜୀବୀ ପୀତାବାସ ପଣ୍ଡା ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ

- ■ବିଜେଡି ନେତା ମାଷ୍ଟରମାଇଣ୍ଡ
- ■ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍
- ■୧୦ ଲକ୍ଷ ଅଗ୍ରୀମ ନେଇଥିଲେ ଅଭିଯୁକ୍ତ
- ■ଫେଲ୍ ମାରିଥିଲେ ବିହାରୀ ସାର୍ପସୁଟର
- ■ଗୁଳି ମାରିଥିଲେ ଗଞ୍ଜାମ କିଲର



ଭୁବନେଶ୍ୱର, ୨୨/୧୦: (ନି.ପ୍ର) ସାରାରାଜ୍ୟରେ ଚହଳ ପକାଇଥିବା ହାଇପ୍ରୋଫାଇଲ ପୀତବାସ ପଣ୍ଡା ହତ୍ୟାକାଣ୍ଡର ଶେଷ ଖିଅ ଖୋଜି ପାଇଛି ପୁଲିସ । ଦୀର୍ଘ ୧୬ଦିନର ଘଣ୍ଟାଚକଟା, ୧୦୦୦ରୁ ଅଧିକ ସିସିଟିଭିର ଯାଂଚ, ୮୦ରୁ ଅଧିକ ଲୋକଙ୍କୁ ପଚରାଉଚରା ପରେ ହୋଇଛି ହତ୍ୟାକାଣ୍ଡର ପର୍ଦ୍ଦାଫାସ । ଫିଲ୍ମ ଷ୍ଟାଇଲରେ ଆସି ଗୁଳି କରିଥିବା ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିବା ପରେ ପୁଲିସ ଯାହା କହିଛି ତାହା ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି । ପୀତବାସଙ୍କୁ ବାଟରୁ ହଠାଇବାକୁ ତାଙ୍କ ମୁଣ୍ଡ ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ପ୍ରଥମେ ସେପ୍ଟେମ୍ବର ୧୦ରୁ ୧୪ ହୋଇଥିଲା ହତ୍ୟା ଯୋଜନା । ବିହାରରୁ ଆସିଥିଲେ ସାର୍ପ ସୁଟର, ରେକି କରିଥିଲେ । କିନ୍ତୁ ପ୍ଲାନ ଏ ଫେଲ ମାରିବା ପରେ ପ୍ଲାନ ବିରେ ସାର୍ପ ସୁଟର ଚିଣ୍ଟୁ ଓ କୁରୁପତି ଭୂୟାଁ, ପୀତବାସଙ୍କୁ ଗୁଳି ହତ୍ୟା କରିଥିଲେ । ଦୁଇ ସାର୍ପସୁଟର ଏକ ଗାଡିରେ ଆସି ପ୍ରଥମେ ନମସ୍କାର କଲେ, କିଏ ବୋଲି ପଚାରିବାରୁ ଗୁଳି କରିଥିଲେ। ଗାଡ଼ି ତଳେ ପଡିଗଲା, କୁରୁପତି ତଳକୁ ଓହ୍ଲାଇ ଗୁଳି କରି ଫେରାର୍ ହୋଇଥିଲେ । ଶୀତଳାପଲ୍ଲୀରେ ପୋଷାକ, ଜୋତା, ବଦଳେଇଲେ, ବନ୍ଧୁକ ପୋତିଥିଲ ୨ ସୁଟର । ଜାତୀୟ ରାଜପଥ ଦେଇ ରାମେଶ୍ୱର ପାଖରେ ଗାଡ଼ିଛାଡି ବସରେ ଭୁବନେଶ୍ୱର ଆସି ଫେରାର ମାରିଥିଲେ। ପୀତବାସଙ୍କୁ ବାଟରୁ ହଠାଇବାକୁ ତାଙ୍କ ମୁଣ୍ଡ ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ପ୍ରଥମେ ସେପ୍ଟେମ୍ବର ୧୦ରୁ ୧୪ ହୋଇଥିଲା ହତ୍ୟା ଯୋଜନା ।

ବିହାରରୁ ଆସିଥିଲେ ସାର୍ପ ସୁଟର , ରେକି କରିଥିଲେ । କିନ୍ତୁ ପ୍ଲାନ ଏ ଫେଲ ମାରିବା ପରେ ପ୍ଲାନ ବିରେ ସାର୍ପ ସୁଟର ଚିଣ୍ଟୁ ଓ କୁରୁପତି ଭୂୟାଁ, ପୀତବାସଙ୍କୁ ଗୁଳି ହତ୍ୟା କରିଥିଲେ । ଦୁଇ ସାର୍ପସୁଟର ଏକ ଗାଡିରେ ଆସି ପ୍ରଥମେ ନମସ୍କାର କଲେ, କିଏ ବୋଲି ପଚାରିବାରୁ ଗୁଳି କରିଥିଲେ। ଗାଡ଼ି ତଳେ ପଡିଗଲା, କୁରୁପତି ତଳକୁ ଓହ୍ଲାଇ ଗୁଳି କରି ଫେରାର୍ ହୋଇଥିଲେ । ଶୀତଳାପଲ୍ଲୀରେ ପୋଷାକ, ଜୋତା, ବଦଳେଇଲେ, ବନ୍ଧୁକ ପୋତିଥିଲ ୨ ସୁଟର । ଜାତୀୟ ରାଜପଥ ଦେଇ ରାମେଶ୍ୱର ପାଖରେ ଗାଡ଼ିଛାଡି ବସରେ ଭୁବନେଶ୍ୱର ଆସି ଫେରାର ମାରିଥିଲେ। ଆଉ ପଛରୁ ସେଇ ସାର୍ପସୁଟରଙ୍କୁ ସହଯୋଗ କରୁଥିଲେ ବିଜେଡିର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା । ସାର୍ପସୁଟରଙ୍କୁ ଦେଇଥିଲେ ୧୦ଲକ୍ଷ । ବିକ୍ରମଙ୍କ ସହ ପୀତବାସଙ୍କର ବ୍ୟକ୍ତିଗତ, ବୃତ୍ତିଗତ, ଅର୍ଥନୈତିକ, ରାଜନୈତିକ ବିବାଦ ଲାଗି ରହିଥିଲା। ବାର କାଉନସିଲ ନିର୍ବାଚନ ପରେ ଏହି ବିବାଦ ଆହୁରି ବଢ଼ିଥିଲା। ତାପରେ ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ସହ ମିଶି ପୀତବାସଙ୍କୁ ହଟାଇବାକୁ ହୋଇଥିଲା ଷଡଯନ୍ତ୍ର ।

## ବଙ୍ଗୋପସାଗରରେ ପଛକୁ ପଛ ଆସୁଛି ୨ ଲଘୁଚାପ: ବଢ଼ିଲା ବାତ୍ୟା ଭୟ !

ଭୁବନେଶ୍ୱର, ୨୨/୧୦ (ନି.ପ୍ର): ବଙ୍ଗୋପସାଗରରେ ପଛକୁ ପଛ ଲଘୁଚାପ । ବଢିଲା ବାତ୍ୟା ଆଶଙ୍କା, ବଙ୍ଗୋପାସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ହୋଇ ଆଗକୁ ବଢୁଥିବାବେଳେ ପଛକୁ ଦାନାବାନ୍ଧିଲାଣି ଆଉ ଏକ ଲଘୁଚାପ । ଦକ୍ଷିଣ ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ୨୪ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପଟି ଅଧିକ ଘନୀଭୂତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯାହାର ପ୍ରଭାବରେ ୨୫ ଓ ୨୬ ତାରିଖରେ ଓଡ଼ିଶାରେ ବଡ଼ ବର୍ଷା ହେବାର ଆଶଙ୍କା କରାଯାଉଛି । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ, ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆସନ୍ତାକାଲି ଅବପାତରେ ପରିଣତ ହେବ । ଏହା ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବ । ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ଆହୁରି ଘନିଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ନାହିଁ । ତେବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ଦିନ ଯାଏଁ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର ବର୍ଷାର ପ୍ରଭାବ ରହିବ । ବଙ୍ଗୋପସାଗରରେ ପଛକୁ ପଛ ଲଘୁଚାପ ଆସୁଥିବାରୁ ସତର୍କ କରିଛନ୍ତି ସରକାର । ଯେ କୌଣସି ପରିସ୍ଥିତିର ମୁକାବିଲ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଆଉ ଏକ ତଥ୍ୟ ଏହି ବାତ୍ୟା ଚିନ୍ତାକୁ ଦୁଇଗୁଣିତ କରିଦେଇଛି । ୨୬ ବର୍ଷ ତଳେ ୧୯୯୯ ମସିହାରେ ସମାନ ଭାବେ ଦୁଇ ଦୁଇଟି ଲଘୁଚାପ ଆସିଥିଲା । ପ୍ରଥମ ଲଘୁଚାପ ଗୋପାଳପୁରରେ ସ୍ଥଳଭାଗ ଛୁଇଁଥିଲା । ଦ୍ୱିତୀୟଟି ମହାବାତ୍ୟାର ରୂପ ନେଇ ଜଗତସିଂହପୁର ଏରସମାରେ ସ୍ଥଳଭାଗ ଛୁଇଁଥିଲା । ଦ୍ୱିତୀୟ ବାତ୍ୟାଟି ମଧ୍ୟ ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହୋଇଥିଲା । ଯାହା ବଳ ଗୋଟାଇ ଓଡ଼ିଶା ମୁହାଁ ହୋଇଥିଲା । ତେବେ ବାତ୍ୟାକୁ ନେଇ ଏବେ କିଛି କହିବା ଉଚିତ୍ ହେବନି ବୋଲି ପାଣିପାଗ ବିଜ୍ଞାନୀ ମତ ରଖିଛନ୍ତି । ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ।

## ଯୁକ୍ତ ୨ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୧୦,୫୭୬ ଜଣ ଚୟନ

ଭୁବନେଶ୍ୱର, ୨୨/୧୦ (ନି.ପ୍ର): +୨ ନାମଲେଖା ନିମନ୍ତେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ତୃତୀୟ ପର୍ଯ୍ୟାୟର ପ୍ରଥମ ଚୟନ ରିପୋର୍ଟ ଅନୁଯାୟୀ, ମୋଟ ୧୦,୫୭୬ ଜଣ ଆବେଦନକାରୀଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ ୮୫୮୭ ଜଣ ନୂତନ ଆବେଦନକାରୀ ଅଛନ୍ତି ଯେଉଁମାନେ ପୂର୍ବ ପର୍ଯ୍ୟାୟରେ ଆବେଦନ କରି ନଥିଲେ। ଷ୍ଟ୍ରିମ୍ ଅନୁଯାୟୀ, କଳାରେ ସର୍ବାଧିକ ସଂଖ୍ୟକ ଚୟନ କରାଯାଇଛି (୬,୫୮୪), ଏହାପରେ ବିଜ୍ଞାନ (୨,୪୩୯), ସଂସ୍କୃତ (୯୪୬), ବାଣିଜ୍ୟ (୪୧୬) ଏବଂ ଧନ୍ଦାମୂଳକ (୧୯୧) ।

## ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ: ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୧୦ (ନି.ପ୍ର): ଓଡ଼ିଶା ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ ଦାୟିତ୍ୱ ଦୀର୍ଘ ୨୩ଦିନ ଧରି କ୍ରାଇମବ୍ରାଂଚ ପାଖରେ ରହିଛି । ଚାକିରି ଆଶାରେ ଲାଂଚ ଦେଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କୁ ଜେଲ୍ ପଠାଇଥିବା କ୍ରାଇମବ୍ରାଂଚ କେବଳ ଛୋଟ ମୁଣ୍ଡ(୯ଜଣ ଦଲାଲ)ଙ୍କୁ ଗିରଫ ମଧ୍ୟରେ ନିଜର ତଦନ୍ତକୁ ସୀମିତ ରଖିଛି । ଏହି ଦୁର୍ନୀତି ସହ ଜଡ଼ିତ ଓପିଆରବି, ଗୃହ ବିଭାଗର ଅଧିକାରୀ, ଆଇଟିଆଇ ଲିମିଟେଡ ଓ ସିଲିକନ୍ ଟେକଲାବ୍ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦୂରର କଥା ସାମାନ୍ୟ ଜେରା କରିବାରେ ସକ୍ଷମ ହୋଇପାରିନାହିଁ । ଏପରିକି କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ଓ ପୁଲିସ ଡିଜି ୱାଇବି ଖୁରାନିଆ ଏହି ମାମଲାର ନିୟମିତ ସମୀକ୍ଷା କରୁଥିଲେ ମଧ ଲାଂଚ ନେଇଥିବା ବଡ଼ମୁଣ୍ଡଙ୍କୁ କାହିଁକ ତଦନ୍ତ ପରିସରଭୁକ୍ତ କରାଯାଉନଥିଲା ତାହା ଏବେ ସାଧାରଣରେ ସନ୍ଦେହ ବଢ଼ାଇଛି । ସମୟ ଗଡ଼ାଇ କେସକୁ ଚାପି ଦେବା ଓ ' ଦୁର୍ନୀତି ସିଣ୍ଡିକେଟ'କୁ ସୁରକ୍ଷା ଦେବାକୁ କସରତ ଚାଲିଥିବା ନେଇ ମଧ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଥିଲା । ଏପଟେ ତଦନ୍ତର ଏଭଳି ଦିଶାହୀନ ଗତିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୁବ୍ଧ ହେବା ସହ ସିବିଆଇକୁ ତଦନ୍ତଭାର ଦେବାକୁ ନିଷ୍ପତ୍ତି ନେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ଅକ୍ଟୋବର ୬ ତାରିଖରେ ନୂଆପଡ଼ା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ

▶▶ପୃଷ୍ଠା ୭

## ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ହତ୍ୟା: ହତ୍ୟାକାଣ୍ଡ ଘଟାଇଥିଲେ ସ୍ୱାମୀ ଦୀପକ ରାଉତ



ଭୁବନେଶ୍ୱର, ୨୨/୧୦ (ନି.ପ୍ର): ଅପର୍ଣ୍ଣା ପ୍ରିୟଦର୍ଶିନୀ ମୃତ୍ୟୁ ମାମଲାରେ ନୂଆମୋଡ଼ । ଦୁର୍ଘଟଣା ନୁହେଁ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କର ହୋଇଥିଲା ହତ୍ୟା। ସ୍ୱାମୀ ଦୀପକ ରାଉତ ଅତି ନିର୍ଦ୍ଦୟ ଭାବେ ଅପର୍ଣ୍ଣାଙ୍କର ହତ୍ୟା କରିଥିବାର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଛି ପୁଲିସ । ପୂରା ଘଟଣା ଉପରୁ ପରଦା ହଟାଇବାକୁ ଦୀପକଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବ ପୁଲିସ । ଝାରପଡ଼ା ଜେଲରେ ବନ୍ଦ ଥିବା ଦୀପକଙ୍କୁ ପଚରାଉଚରା ବେଳେ ବଡ଼ ପ୍ରମାଣ ପାଇଛି ପୁଲିସ । ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣି ରାଧାକିଶୋର ପୁରଠାରେ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ନେଇ ପୂର୍ବରୁ ପୁଲିସକୁ କହିଥିଲା ଦୀପକ । ତେବେ ଅପର୍ଣ୍ଣାଙ୍କ ହତ୍ୟା କରାଯାଇଥିବା ଅଭିଯୋଗ ଆସିବା ପରେ ଶବ ? ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃଯାଞ୍ଚ କରାଯାଇଥିଲା । ସ୍ୱତନ୍ତ୍ର ଡାକ୍ତରୀ ଟିମର ଚୂଡ଼ାନ୍ତ ରିପୋର୍ଟରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃଯାଞ୍ଚ ପରେ ମଧ ତାହା ଦୁର୍ଘଟଣା ଜନିତ କ୍ଷତ ନୁହେଁ

▶▶ପୃଷ୍ଠା ୭

## ଭୁବନେଶ୍ୱର ୟୁନିଟ୍ -୧ ପରିବା ମାର୍କେଟରେ ଅଗ୍ନିକାଣ୍ଡ: ପରେ ରାସ୍ତା ଉପରେ ହାତାହାତି

ଭୁବନେଶ୍ୱର, ୨୨/୧୦ (ନି.ପ୍ର): ହୁତୁ ହୁତୁ ଜଳିଲା । ହାଟରେ ହୁରି ପଡ଼ିଲା । ସବୁ ଜଳି ପୋଡ଼ିଗଲା । ଛାରଖାର ହେଲା ୩୦ଟି ଦୋକାନ। ରାଜଧାନୀ ଭୁବନେଶ୍ୱର ୟୁନିଟ୍ ୱାନ୍ ପରିବା ମାର୍କେଟ। ଠିକ୍ ଅପରାହ୍ଣ ୨ଟା ସମୟରେ ହଠାତ ହୁତୁହୁତୁ ହୋଇ ଦୋକାନ ଗୁଡ଼ିକ ଜଳିବାକୁ ଲାଗିଲା। ପ୍ରଥମେ ଗୋଟିଏ ପରେ ଦୁଇଟି । ଧିରେ ଧିରେ ଏମିତି ୨୮ଟି ପରିବା ଦୋକାନ, ୨ଟି ହୋଲସେଲ୍ ଦୋକାନରେ ନିଆଁର ଆଁରେ ପାଉଁଶ ହୋଇଯାଇଛି । ପ୍ରାୟ ଏକ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି । ଦୋକାନରେ ନିଆଁ ଲାଗି ସବୁ କିଛି ପାଉଁଶ ହୋଇଯାଇଛି। କାରଣ କଣ କିଛି ବୁଝିବା ଆଗରୁ ନିଆଁ ବ୍ୟାପି ଯାଇଥିବାରୁ ସ୍ଥାନୀୟ ବ୍ୟବସାୟୀ ନିଆଁ ଲିଭାଇବାକୁ ଲାଗି ପଡ଼ିଥିଲେ। ପରେ ପରେ ଦମକଳ ବାହିନୀର ୧୧ଟି ଗାଡ଼ି ନିଆଁ ଲିଭା କାମରେ ନିୟୋଜିତ ହୋଇଥିଲା। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅଗ୍ନିଶମ ବାହିନୀ ପ୍ରାୟ ୨ ଘଣ୍ଟା ପରେ ନିଆଁ ଲିଭାଇବାକୁ ସକ୍ଷମ ହୋଇଥିଲା। କିଏ ଛାତି ପିଟି କାନ୍ଦୁଛି, କିଏ ଭାଗ୍ୟକୁ ଆଦରି ମୁଣ୍ଡରେ ହାତ ଦେଇ ବସିଛି ।

## ବିହାର ନିର୍ବାଚନରେ ପୁଣିଥରେ ଦେଖିବାକୁ ମିଳିବ ପରିବାରବାଦ ରାଜନୀତି



ନୂଆଦିଲ୍ଲୀ, ୨୨/୧୦ : ପରିବାରର ପେଟ ପୋଷିବା ପାଇଁ, ସେ ଛଅ ବର୍ଷ ବୟସରେ ମଇଁଷି ଚରାଉଥିଲେ, କ୍ଷୀର ବିକ୍ରୟ କରୁଥିଲେ । ଆଜି, ଭୋଜପୁରୀ ଷ୍ଟାର ଶତ୍ରୁଘ୍ନ ଯାଦବ, ଯାହାକୁ ଖେସାରି ଲାଲ ଯାଦବ ଭାବରେ ମଧ୍ୟ ଜଣାଶୁଣା ଆରଜେଡି ଟିକେଟ୍‌ରେ ନିର୍ବାଚନ ଲଢୁଛନ୍ତି । ଦିଲ୍ଲୀରେ ଲିଟି-ଚୋଖା ବିକ୍ରୟ କରି ଭୋଜପୁରୀ ଶିଳ୍ପରେ ପ୍ରସିଦ୍ଧି ଅର୍ଜନ କରିଥିବା ଖେସାରିଙ୍କ ଉପରେ ୨୫ ବର୍ଷ ପରେ ଛାପରା ଆସନରେ ଆରଜେଡିକୁ ବିଜୟୀ କରାଇବାର ଦାୟିତ୍ୱ ରହିଛି । ସାରନ ଜିଲ୍ଲାର ଛପରା ନିର୍ବାଚନମଣ୍ଡଳୀରୁ ଖେସରୀଙ୍କୁ ଦାୟିତ୍ୱ ଦେଇଛି ଆରଜେଡି । ଆରଜେଡି ଖେସାରୀଙ୍କୁ ଟିକେଟ ଦେବାର ରାଜନୈତିକ କାରଣଟି ହେଉଛି , ଗରିବ ଘରୁ ଆସିଥିବା ଖେସାରୀଙ୍କର ଝାଡ଼ଖଣ୍ଡ ସହ ୟୁପିରେ ମଧ ଷ୍ଟାରଡମ୍ ରହିଛି । କୁହାଯାଉଛି ଖେସାରୀଙ୍କ ବିଜୟ ନିର୍ଭର କରେ ସ୍ୱାଧୀନ ପ୍ରାର୍ଥୀ ରାଖୀ ଗୁପ୍ତାଙ୍କ ପ୍ରଦର୍ଶନ ଉପରେ। ଯଦି ରାଖୀ ଏନଡିଏ ଭୋଟ୍ ବ୍ୟାଙ୍କ ଦୁଇ ଭାଗ କରିପାରିଲେ ତେବେ ଖେସାରୀ ଲାଭରେ ରହିବେ । ହେଲେ ପ୍ରଶ୍ନ ଖେସାରୀଙ୍କୁ ଏତେ ସହଜରେ ଛାଡିବନି ବିଜେପିରେ ସାମିଲ ହୋଇଥିବା ଅଭିନେତା, ସେ ପୱନ ସିଂ ହୁଅନ୍ତୁ ଅବା ସାଂସଦ ରବି କିଷନ୍ ବା ନିରହୁଆ ଏମାନେ ଖେସାରୀଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବେ ଖାସ୍ କରି ଖେସାରୀଙ୍କ କ୍ୟାମ୍ପେନଙ୍କୁ ଭଣ୍ଡୁର କରିବାକୁ ବିଜେପିର ଷ୍ଟାର ଟିମ୍ ଏବେ ଠାରୁ ଫୁଲ୍ ଆକ୍ଟିଭ୍ । ଏବେ ଆସିବା ବିହାରରେ ମାଉଣ୍ଟେନ ମ୍ୟାନ ଭାବେ ପରିଚିତ ଦଶରଥ ମାଝିଁଙ୍କ ପୁଅଙ୍କ ଉପରକୁ , କଂଗ୍ରେସ ସହ ରାହୁଲ ଗାନ୍ଧୀଙ୍କ ଉପରେ ଅଭିମାନ କରିଛନ୍ତି ଭାଗୀରଥ ମାଝିଁ । କହିଛନ୍ତି ଦିଲ୍ଲୀ କଂଗ୍ରେସ ଭବନରେ ଚାରି ଦିନ ରହି ଆଶ୍ୱସନା ପାଇଥିଲି ହେଲେ ଦଳ ଟିକେଟ ଦେଲା ନାହିଁ । ମାଝିଁ କହିଛନ୍ତି, ପାଟନାରେ ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ ସମୟରେ ଟିକେଟ୍ ବିଷୟରେ ଆଲୋଚନା ହୋଇଥିଲା । ରାହୁଲ ଗାନ୍ଧୀ ପଚାରିଥିଲେ ନିର୍ବାଚନ ଲଢ଼ିବେ କି ନାହିଁ । ସେପଟେ ବିହାର ରାଜନୀତିରେ ପରିବାରବାଦକୁ ଅଧିକ ଗୁରୁତ୍ୱ । ୪୨ ପ୍ରାର୍ଥୀ ଏପରି ଅଛନ୍ତି ଯାହାଙ୍କ ପରିବାର ଲୋକ ଆଗରୁ ବିଧାୟକ, ସାଂସଦ ରହି ସାରିଛନ୍ତି ।

## ବଢ଼ିଲା ବିଜେଡିର ଟେନସନ୍: ୮ ମାସରେ ବନ୍ଧା ହେଲେଣି ୪ ନେତା

ଭୁବନେଶ୍ୱର, ୨୨/୧୦ (ନି.ପ୍ର): କେବେ ଖଣି ଦୁର୍ନୀତି, କେବେ ଦୁଷ୍କର୍ମ, କେବେ ଜମି ଜାଲିଆତି ତ କେବେ ହତ୍ୟା ମାମଲା । ଏଭଳି ବଡ଼ ବଡ଼ ଅପରାଧରେ ଅଭିଯୁକ୍ତ ହୋଇ ୮ ମାସରେ ବନ୍ଧା ହେଲେଣି ବିଜେଡିର ୪ ଟାଣୁଆ ନେତା, ଯାହାକୁ ନେଇ ଏବେ ଅକଳରେ ପଡ଼ିଛି 'ଶଙ୍ଖ' ଶିବିର । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଅଭିଯୁକ୍ତ ବିଜେଡି ନେତା ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ କରିଛି ବ୍ରହ୍ମପୁର ପୁଲିସ । ବିକ୍ରମଙ୍କୁ ପୁଲିସ ବାନ୍ଧିବା ପରେ ତାଙ୍କ ବେଲ୍ କୁ କୋର୍ଟ ଖାରଜ କରିଛନ୍ତି ଆଉ ଏବେ ବିକ୍ରମ ଜେଲ୍ ଯାଇଛନ୍ତି । ଏନେଇ ରାଜ୍ୟ ରାଜନୀତିରେ ଉଠିଛି ଝଡ଼, ବିଜେଡିକୁ ଗୁଣ୍ଡା ଦଳ ବୋଲି କହି କଡ଼ା ସମାଲୋଚନା କରିଛନ୍ତି ବିରୋଧୀ । ଖାଲି ବିକ୍ରମ ଯେ ବିଜେଡିର ଅଡୁଆ ବଢ଼ାଇଛନ୍ତି ତା' ନୁହେଁ । ବର୍ଷ ଆରମ୍ଭରୁ ଖଣି ଦୁର୍ନୀତିରେ ଛନ୍ଦି ହୋଇଥିବା ରାଜା ଚକ୍ରଙ୍କ ଗିରଫଦାରୀ ମଧ ବିଜେଡି ପାଇଁ ଟେନସନ୍ ବଢ଼ାଇଥିଲା । ଏତିକିରେ ସରିନଥିଲା ବିଜେଡି ନେତାଙ୍କ ଆପରାଧିକ ତାଲିକା, ଜମି ଜାଲିଆତି ସହ କୋଟି କୋଟି ଟଙ୍କା ଠକେଇ ମାମଲାରେ ଗତ ମାସରେ ବନ୍ଧା ହୋଇଥିଲେ ନିମାପଡ଼ା ବିଜେଡିର ଟାଣୁଆ ନେତା ଦିଲ୍ଲୀପ ନାୟକ। ହତ୍ୟା, ଦୁର୍ନୀତି, ଠକେଇ ବାଦ୍ ସବୁଠାରୁ ସଙ୍ଗିନ୍ ଅପରାଧ ଦୁଷ୍କର୍ମ ଅଭିଯୋଗରେ ବି ଛନ୍ଦି ହୋଇଛି ବିଜେଡି ।

## ଭାରତୀୟ ଦ୍ରବ୍ୟ ଉପରେ ୧୫ରୁ ୧୬% ଟାରିଫ କମାଇବ ଆମେରିକା



ନୂଆଦିଲ୍ଲୀ, ୨୨/୧୦ : ବହୁପ୍ରତୀକ୍ଷିତ ଭାରତ-ଆମେରିକା ବାଣିଜ୍ୟ ଡିଲ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଡିଲ୍ ଘୋଷଣା ହେବା ପରେ ଭାରତୀୟ ଦ୍ରବ୍ୟ ଉପରେ ଆମେରିକା ଲାଗୁ କରୁଥିବା ଟାରିଫକୁ ୧୫ରୁ ୧୬% ହ୍ରାସ କରିପାରେ। ଏବେ ଭାରତରୁ ଆମେରିକା ଆମଦାନୀ କରୁଥିବା ଦ୍ରବ୍ୟ ଗୁଡ଼ିକ ଉପରେ ୫୦% ଟାରିଫ ଲାଗୁ କରୁଛି। ଡିଲ ପରେ ଏହା ହ୍ରାସ ପାଇବ ବୋଲି ଜାତୀୟ ଗଣମାଧ୍ୟମ ମିଣ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ପ୍ରସ୍ତାବିତ ବୁଝାମଣାର ଫୋକସ ମୁଖ୍ୟତଃ ଶକ୍ତି ଓ କୃଷି କ୍ଷେତ୍ର ଉପରେ ରହିଛି। ଆଲୋଚନା ସ୍ତରରେ ଥିବା ଗୋଟିଏ ପ୍ରମୁଖ ବିଷୟ ହେଲା ରୁଷ ଠାରୁ ଆମଦାନୀ ହେଉଥିବା ଅଶୋଧିତ ତୈଳକୁ ଭାରତ ନିୟମିତ ଭାବେ ହ୍ରାସ କରିବ। ରୁଷର ଶକ୍ତି ସପ୍ଲାଏ ଉପରେ ବିଶ୍ୱର ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ୱାଶିଂଟନ କରୁଥିବା ଯୋଜନାର ଏହା ହେଉଛି ପ୍ରମୁଖ ଅଂଶବିଶେଷ। ଆଲୋଚନା ସହ ଜଡ଼ିତ ଅଧିକାରୀମାନେ ମିଣ୍ଟକୁ କହିଛନ୍ତି ଯେ ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଚଳିତ ମାସ ଶେଷ ଭାଗରେ ହେବାକୁ ଥିବା ଇଝରଇଘ ସମ୍ମିଳନୀ ପୂର୍ବରୁ ଉଭୟ ଦେଶ ପରସ୍ପର ସହ ବାଣିଜ୍ୟ ଡିଲ୍ ଚୂଡ଼ାନ୍ତ କରିବା ଲକ୍ଷ୍ୟରେ ରହିଛନ୍ତି। ଇଝରଇଘ ସମ୍ମିଳନୀରେ ହିଁ ଏହି ଡିଲ୍ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଏ ସମ୍ପର୍କରେ ମିଣ୍ଟ ପକ୍ଷରୁ ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ଓ ହ୍ୱାଇଟ ହାଉସ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେହି ବି ଏହା ଉପରେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇ ନାହାନ୍ତି। ଦୁଇ ଦେଶ ମଧ୍ୟ ଚାଲିଥିବା ଆଲୋଚନାରେ ଶକ୍ତି ଓ କୃଷି କ୍ଷେତ୍ରକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ମଧ୍ୟ ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଡିଲ ଆଲୋଚନା ସମୟରେ ଏହି ଦୁଇ କ୍ଷେତ୍ରକୁ ଅଧିକ ଫୋକସ କରାଯାଇଥିଲା। ବୁଝାମଣା ଅନୁସାରେ ଆମେରିକାର

▶▶ପୃଷ୍ଠା ୭

# ପ୍ରେମ ବିବାହ କରି ପତ୍ନୀଙ୍କୁ ଛାଡ଼ି ସ୍ୱାମୀ ଫେରାର : ପତ୍ନୀ ରହୁଥିବା ଘର ଜାଳିଦେଲେ



ପର୍ଜଙ୍ଗ, ୨୨/୧୦ (ନି.ପ୍ର): ପ୍ରେମ ବିବାହ କରି ହଟହଟା ହେଉଛନ୍ତି ଭିନ୍ନକ୍ଷମ ପତ୍ନୀ । ଅଧିକାର ପାଇଁ ମାସ ମାସ ଧରି ସଂଘର୍ଷ କରୁଛନ୍ତି ପତ୍ନୀ । ଶାଶୂଘର ଲୋକଙ୍କ ନାଁରେ ମାମଲା ରୁଜୁ କରି ଦୋଷ ଛଡାଇ ଦେଇଛି ପୁଲିସ । ଶାଶୂଘର ଲୋକେ ନିଜ ଘର ଛାଡ଼ି ଅନ୍ୟତ୍ର ପଳାଇଥିବା ବେଳେ, ଚାଳ ଘରେ ଏକା ରୋଷେଇ କରି ସ୍ୱାମୀ ଅପେକ୍ଷାରେ ରହୁଥିଲେ ଭିନ୍ନ ଜାତିର ଭିନ୍ନକ୍ଷମ ବୋହୂ ଲକ୍ଷ୍ମୀପ୍ରିୟା ବେହେରା (୨୦) । ଗତକାଲି ରାତିରେ ଗାଁ ଲୋକେ ଦୀପାବଳିରେ ପାଳା ଦେଖି ନିଜ ନିଜ ଘରେ ଶୋଇଥିବା ବେଳେ ଭୋର ପ୍ରାୟ ସାଢେ ୪ଟା ବେଳେ କେହି ଦୁର୍ବୃତ୍ତ ଲକ୍ଷ୍ମୀ ରହୁଥିବା ଚାଳ ଘରକୁ ନିଆଁ ଲଗାଇଦେଇଥିଲା । ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳଜିଲ୍ଲା ପର୍ଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ବସନ୍ତପଡ଼ା ଗାଁରେ ।

ଖବର ନେବାରେ ଜଣାପଡେ, କୁମୁସୀ ଗାଁର ଲକ୍ଷ୍ମୀପ୍ରିୟା ବେହେରାଙ୍କର ଚଳିତ ବର୍ଷ ଏପ୍ରିଲରେ ବସନ୍ତ ପଡା ଗାଁର ସୁବ୍ରତ ସାହୁ (୨୨)ଙ୍କ ସହ ଶିବ ମନ୍ଦିରରେ ପ୍ରେମ ଆରମ୍ଭ ହୋଇଥିଲା । ତାପରେ ସମ୍ପର୍କ ବଢ଼ି ବିବାହ କରି ମାସେ ତଳେ ନିଜ ଘରକୁ ଆଣିଥିଲେ ସୁବ୍ରତ । ଘରେ କିନ୍ତୁ ତାଙ୍କୁ ତାଙ୍କ ମା ସୌଭାଗିନୀ ସାହୁ, ଭାଇ ସନାତନ ସାହୁ, ତାଙ୍କ ଭାଉଜ, ଭଉଣୀ ସମସ୍ତେ ବିରୋଧ କରିଥିଲେ । ଏ ନେଇ ଗତ ମାସ ୨୫ ତାରିଖ ରେ ପୁଲିସରେ ଏକ ମାମଲା ରୁଜୁ ହୋଇ ଅସହାୟ ଲକ୍ଷ୍ମୀଙ୍କୁ ଢେଙ୍କାନାଳ ସଖୀ ଗୃହରେ ରଖା ଯାଇଥିଲା । କିଛି ଦିନ ପରେ ସେଠାରୁ ସେ ପଳାଇ ଆସି ପ୍ରାୟ କୋଡିଏ ଦିନ ଧରି ସ୍ୱାମୀ ଅପେକ୍ଷାରେ ଶାଶୂଘର ଚାଳ କୁଡ଼ିଆ ପିଣ୍ଡାରେ ରହି ଆସୁଥିଲେ । ଗତକାଲି ପାଖରେ ପାଲା ହେଉଥିବା ବେଳେ ସେ ଘର ଭିତରକୁ ଯାଇ ଶୋଇଥିଲେ । ଏହାର ସୁଯୋଗ ନେଇ ତାଙ୍କ ନଣନ୍ଦେଇ ଶକ୍ତି ସାମଲ ନିଆଁ ଲଗାଇଦେଇ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ପୀଡ଼ିତା କହିଛନ୍ତି । ସମ୍ମୁଖ ଘରେ ରହୁଥିବା ପଡୋଶୀ ନିତ୍ୟାନନ୍ଦ ସାହୁ ତାଙ୍କ ଲୁଗାରୁ ନିଆଁ ଲିଭାଇ ତାଙ୍କୁ ଉଦ୍ଧାର କରିଥିଲେ । ଲକ୍ଷ୍ମୀ ଆହୁରି କହନ୍ତି କି ପୂର୍ବରୁ ତାଙ୍କ ଶାଶୁ ଘର ଲୋକେ କିରୋସିନି ଢାଳି ମାରିଦେବାକୁ ଉଦ୍ୟମ କରିଥିଲେ । ଗତକାଲି ତାଙ୍କ ନଣଦେଇ ଶକ୍ତି ସାମଲ ମୋ ପାଖ ଦେଇ ଅନେକ ଥର ଯାଆ ଆସ କରିଥିଲେ । ସେ ହିଁ ନିଆଁ ଲଗାଇ ମୋତେ ମାରିଦେବାକୁ ଉଦ୍ୟମ କରୁଥିଲେ । ଗାଁ ସଭାପତି ବାପି ସାହୁ କହନ୍ତି, ନିଆଁ ଲାଗିଯିବ । ପରେ ନିତ୍ୟାନନ୍ଦ ସାହୁ ତାଙ୍କୁ ଉଦ୍ଧାର କରିଥିଲେ । ଆମେ ପର୍ଜଙ୍ଗ ଅଗ୍ନିଶମ ଗାଡ଼ି ଡାକି ନିଆଁକୁ ଲିଭାଇଥିଲୁ । ପୁଲିସକୁ ଖବର ଦେଇ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇଛୁ । ସ୍ୱାମୀ ସୁବ୍ରତ ଅନ୍ୟ ରାଜ୍ୟରେ ଥିବା ବେଳେ ପୁଲିସର ଶିଥିଳ ମନୋଭାବ ପାଇଁ ଭିନ୍ନକ୍ଷମ ଝିଅକୁ ନ୍ୟାୟ ମିଳୁନି ବୋଲି କହୁଛନ୍ତି ପୀଡ଼ିତା ଲକ୍ଷ୍ମୀ ।

# ପୋଖରୀରେ ମାଛ ଯାଆଁଳ ଛାଡିବାକୁ କେନ୍ଦ୍ର କରି ତୁମୁଳ କାଣ୍ଡ

ନୀଳଗିରି , ୨୨/୧୦ (ନି.ପ୍ର): ଊପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ କାନପୁର ଗ୍ରାମରେ ପୋଖରୀ ରେ ମାଛଯାଆଁଳ ଛାଡିବାକୁ କେନ୍ଦ୍ରକରି ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କିଛି ଗ୍ରାମବାସୀଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟି ଯାଇଥିବା ଦେଖିବାକୁ ମିଳିଛି । ଆଶ୍ରାବ୍ୟ ଗାଳି ସହିତ ବିଧା, ଚାପୁଡ଼ା ଗୋଇଠା, ଛୁଟି ଟଣାରେ ଉଭୟ ପକ୍ଷଙ୍କ ବଳ ପ୍ରୟୋଗ, ଈଶ୍ୱରପୁର ଫାଣ୍ଡି ଅଧିକାରୀଙ୍କ ସାନ୍ତ୍ୱନାକୁ ଭୂଲିଗଲେ ଗ୍ରାମବାସୀ । ସୂଚନା ଅନୁସାରେ ବାବା କପିଳେଶ୍ୱରର ସ୍ୱୟଂସହାୟିକା ଗୋଷ୍ଠୀକୁ ଗତ ଜୁଲାଇ ମାସଠାରୁ ପଞ୍ଚାୟତ ତରଫରୁ ୫ବର୍ଷ ପାଇଁ ଲିଜ ସୂତ୍ରରେ କପିଳେଶ୍ୱର ମହାଦେବ ପୋଖରୀ ମିଳିଥିବା ବେଳେ ଗତକାଲି ପ୍ରାୟ ୧୨.୩୦ ମିନିଟ ଅପରାହ୍ନରେ ମାଛ ଜାଆଁଳ ଆଣି ଛାଡୁ ଥିବା ଅବସ୍ଥାରେ ଅପରପକ୍ଷର କିଛି ଗ୍ରାମବାସୀ ପୋଖରୀ ଖୋଳା ଏନଆରଜିଏସ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ପୋଖରୀ ରେ ମାଛ ଛାଡିବାକୁ ଦେବୁ ନାହିଁ ବୋଲି ବାରଣ କରିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ୨୧ ହଜାର ଟଙ୍କାର ଜାଆଁଳ ନଷ୍ଟ ହୋଇଯିବ ଏବଂ ଆପଣ ମାନେ ଟଙ୍କା ପାଇବେ କେମିତି ସେ ବିଷୟରେ ପଞ୍ଚାୟତ ଏବଂ ବ୍ଲକରେ ବୁଝନ୍ତୁ ବୋଲି କହିବା ପରେ ପୋଖରୀ ରେ ଜାଆଁଳ ଛାଡ଼ିବା ଆରମ୍ଭ କରିବା କ୍ଷଣି ଗ୍ରାମବାସୀ ଏବଂ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ବଳ କସା କଷି ହେବା ସହିତ କିଛି ଜାଆଁଳ ପ୍ୟାକେଟକୁ ବିଲକୁ ଗ୍ରାମବାସୀ ମାନେ ଫିଙ୍ଗି ଦେଇଥିଲେ । ଏ ନେଇ ଗ୍ରାମବାସୀ ମନେ ପଞ୍ଚାୟତ ଏବଂ ଯନ୍ତ୍ରୀଙ୍କ ସୁପାରିଶ କ୍ରମେ ଗ୍ରାମରେ ବହୁ ବର୍ଷର ଅବହେଳିତ ପୋଖରୀକୁ ଏନଆରଜିଏସ ଯୋଜନାରେ ୯ଲକ୍ଷ ୫୦ ହଜାର ବ୍ୟୟ ଅଟକଳରେ ଖୋଳାଇ ଥିବା ବେଳେ ଅଦ୍ୟାବଧି ଏ ନେଇ ଟଙ୍କା ମିଳି ନଥିବା ଏବଂ ୧୫ ଦିନ ପରେ ପୋଖରୀ ଶୁଖେଇ ମାପ କରି ଯନ୍ତ୍ରୀ ବିଲ୍ଲ କରିବାକୁ ପ୍ରତିଶୃତି ଦେଇଥିବା ଗ୍ରାମବାସୀ ମତବ୍ୟକ୍ତ କରିଥିଲେ । ତେବେ ଘଟଣାକୁ ନେଇ ଉଭୟ ପକ୍ଷ ଈଶ୍ୱରପୁର ଫାଣ୍ଡିରେ ଏତଲା କରିଥିବା ସୂଚନା ମିଳିଛି ।

# ସହରରେ ମାଙ୍କଡ ଓ ଗାଈ ଗୋରୁଙ୍କ ଆତଙ୍କ : ଦୁର୍ଘଟଣା ବଢୁଛି

ବଲାଙ୍ଗିର, ୨୨/୧୦ (ନି.ପ୍ର): ଜଙ୍ଗଲ କ୍ଷୟ, ଜଙ୍ଗଲ ନଷ୍ଟ, ଜଙ୍ଗଲ ନିଆଁ, ଜଙ୍ଗଲକୁ ଜବରଦଖଲ କରି ଘର, ଜମି ତିଆରି, ଗଛ କାଟିବା ପାଇଁ ବନ୍ୟଜନ୍ତୁ ଯଥା ହାତୀ, ମାଙ୍କଡ, ସରୀସୃପ, ବିଲୁଆ, ବର୍ହା, ମୟୂର ଓ ଅନ୍ୟାନ୍ୟ ପଶୁ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ସହରକୁ ଦୃତ ଗତିରେ ପ୍ରବେଶ କରି ଅବାଧରେ ବଲାଙ୍ଗୀର ସହରର ପାଲେସ ଲାଇନ, ଶାନ୍ତି ପଡା, ଲାଲ ଟିକ୍ରା, ରାଜେନ୍ଦ୍ର ଓ ମହିଳା କଲେଜ୍ ଛକ ଗୁଡିକରେ ମାଙ୍କଡ ଓ କୁକୁର, ଗାଈ ଗୋରୁ ମାନଙ୍କର ଉପଦ୍ରବ ଜୋରରେ ବଢ଼ିଚାଲିଛି । ବିଗତ ଦିନରେ ପ୍ରତୀକ ଦିନରେ ଦୁଇ ଚକିଆ ଯାନରେ ଦୈନିକ ୫ ରୁ ୧୦ ଜଣଙ୍କର ଦୁର୍ଘଟଣା ଘଟିଛି । ଦୁଇ ଦିନ ତଳେ ସାଗର ପଡା ଛକ ମୁଖ୍ୟ ରାସ୍ତାରେ ଘାସିରାମ ଭାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବେଳେ ଆଜି କଲେଜ୍ ଛକ ଠାରେ ଅବସରପ୍ରାପ୍ତ ଶିକ୍ଷକ ମହଡ ବାରିକ ଦୁର୍ଘଟଣାଗ୍ରସ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରେ ବେଡ୍ ରେଷ୍ଟ ରେ ଅଛନ୍ତି । ଅନ୍ତତଃ ଜିଲ୍ଲା ସଦର ମହକୁମାରେ ଏହି କୁକୁର, ଗାଈଗୋରୁ, ମାଙ୍କଡ ଆତଙ୍କ ଓ ଦୁର୍ଘଟଣା କିଭଳି ନ ହେବ ସେ ଉପରେ ଜଙ୍ଗଲ ବିଭାଗ, ପଶୁ ସମ୍ପଦ ବିଭାଗ ଓ ମ୍ୟୁନିସିପାଲଟି ଓ ଜିଲ୍ଲା ସହର ମହକୁମା ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ସହରରେ ଦୁର୍ଘଟଣା ହେବ ନାହିଁ ବୋଲି ସହରରେ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ସେଲ୍, ଆରଏସପିର ସାମଗ୍ରୀ ପରିଚାଳନା ବିଭାଗର କର୍ମଚାରୀ 'ଶାବାସ ଯୋଜନା' ଅଧୀନରେ ପୁରସ୍କୃତ




ରାଉରକେଲା, ୨୨/୧୦ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୮ ତାରିଖରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ, ବିଭାଗର ଅଧିକାରୀଙ୍କ ସମେତ ୧୯ ଜଣ କର୍ମଚାରୀଙ୍କୁ କାର୍ଯ୍ୟ କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ 'ସେଲ୍ ଶାବାସ ଯୋଜନା' ଅଧୀନରେ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଅଧକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ସାମଗ୍ରୀ ପରିଚାଳନା (ପର୍ଚେଜ୍) ବିଭାଗର ସିଜିଏମ ଶ୍ରୀ ଟି. ବିନୋଦ, ସାମଗ୍ରୀ ପରିଚାଳନା (ଷ୍ଟୋର୍ସ) ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଆଶିଷ ରଞ୍ଜନ ଏବଂ ସାମଗ୍ରୀ ପରିଚାଳନା (ମାର୍କେଟିଂ) ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଅଜୟ ଶୁକ୍ଲାଙ୍କ ସହିତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ସେଲ୍ ଶାବାସ ପୁରସ୍କାର ଯୋଜନାର ବର୍ଗ-୧ ଅଧୀନରେ ୧୫ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲାବେଳେ ଦ୍ୱିତୀୟ ବର୍ଗ ଅଧୀନରେ ଏମଏମ (ପର୍ଚେଜ୍) ବିଭାଗର ଏଜିଏମ ଶ୍ରୀ ଆଶୁତୋଷ, ଏମଏମ (ଷ୍ଟୋର) ବିଭାଗର ଏଜିଏମ ଶ୍ରୀ ଏସ୍ କେ ରଜକ, ଏମଏମ (ପର୍ଚେଜ୍) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ସୌଭାଗ୍ୟ ବିଶ୍ୱାଳ ଏବଂ ଏମଏମ (ମାର୍କେଟିଂ) ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଏସ୍ କେ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରୀ ଅନିଲ କୁମାର ସମାବେଶକୁ ସମ୍ବୋଧିତ କରି, ପୁରସ୍କାରପ୍ରାପ୍ତ ମାନଙ୍କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟଦକ୍ଷତା ଏବଂ ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇବା ସହ ସମସ୍ତ କର୍ମଚାରୀଙ୍କୁ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବା ଏବଂ ଦକ୍ଷତା, ଉତ୍ପାଦକତା ଓ ସାଂଗଠନିକ ଅଭିବୃଦ୍ଧି ବୃଦ୍ଧି ପାଇଁ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ ।

## କାର୍ ଓ ଦେଶୀ ମଦ ଜବତ : ୧ ଗିରଫ

ପୁରୀ, ୨୨/୧୦ (ନି.ପ୍ର): ସମୁଦ୍ରକୂଳ ଥାନା ଅନ୍ତର୍ଗତ ଅର୍ଦ୍ଧାନହାଟ ଠାରେ କାରରେ ଦେଶୀମଦ ରଖିଥିବା ଖବର ପାଇ ପୋଲିସ ଜବତ କରିଥିଲା । ଏ ସମ୍ପର୍କରେ ପୋଲିସ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟ ନଗରରେ ରହୁଥିବା ପ୍ରଦୀପ ବେହେରା (୨୭)ଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ସମୁଦ୍ରକୂଳ ଥାନାରେ ୩୦୭/୨୫ରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତ ପ୍ରଦୀପ ଓଡି୦୫ ଏଏଚ ୪୨୩୬ କାରରେ ବଳିଆପଣ୍ଡାରୁ ପେଣ୍ଠକଟା ଛକ ପର୍ଯ୍ୟନ୍ତ ଦେଶୀମଦ ନେଇ ଯାଉଥିବା ବେଳେ ପୋଲିସ ତା'ର ପିଛା କରିଥିଲା । ପରେ ଅର୍ଦ୍ଧାନହାଟ ଠାରେ ପୋଲିସ କାରକୁ ଧରିଥିଲା । ସେହି କାରରୁ ୬୮ ଲିଟର ଦେଶୀମଦକୁ ପୋଲିସ ଜବତ କରିଛି । ଅଭିଯୁକ୍ତ ପ୍ରଦୀପକୁ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି ।

# ବୀରଗୋବିନ୍ଦପୁର ମା' ଦକ୍ଷିଣ କାଳୀଙ୍କ ପୀଠରେ କାଳୀପୂଜା

ପୁରୀ, ୨୨/୧୦ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ସ୍ଥିତ ମା' ଦକ୍ଷିଣ କାଳୀଙ୍କ ପୀଠରେ ପବିତ୍ର କାଳୀପୂଜା ଅନୁଷ୍ଠିତ ହୋଇଛି । ଆଜି ପୂର୍ବାହ୍ନ ୧୦ଟା ଠାରୁ ସାହାଣ ମେଳା ଦର୍ଶନ ଆରମ୍ଭ ହୋଇଛି । ରାତି ୧୧ଟା ଠାରୁ ମାଙ୍କ ଜଳପ୍ରଭା ଯାତ୍ରା ଆରମ୍ଭ ହୋଇଛି । ବର୍ଷସାରା ଏହି ପୀଠରେ ମା' ଦକ୍ଷିଣ କାଳୀଙ୍କ ପଟ୍ଟ ପୂଜା ହୋଇଥାଏ । ବର୍ଷକରେ ଥରେ ଏହି ପବିତ୍ର ଅବସରରେ ମା'ଙ୍କ ପୀଠରେ ମା' ଦକ୍ଷିଣ କାଳୀଙ୍କ ମୃଣ୍ମୟୀ ମୂର୍ତି ପୂଜା ଅନୁଷ୍ଠିତ ହୁଏ । ମା'ଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଯାହାକୁ ନେଇ ସେଠାରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ମା' ଦକ୍ଷିଣକାଳୀଙ୍କ ଅନ୍ୟ ୨ ଭଉଣୀ ସମଜାଜ ପୁରର ମା' ଉଗ୍ରତାରା ଓ ବୀରପ୍ରତାପପୁରର ମା' କାମରୂପାଙ୍କ ପୀଠରେ ମଧ୍ୟ ସମାନ ଧରଣର ପୂଜା ନୀତି ଅନୁଷ୍ଠିତ ହୋଇଛି ।

# ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ଦୁଇ ମୃତ

ବୈଶିଙ୍ଗା , ୨୨/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥରେ ସୋମବାର ଦୁଇଟି ପୃଥକ ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇ ଥିବା ଜଣାଯାଇଛି । ଗୋଟିଏ ଦୁର୍ଘଟଣା ୧୮ନଂ ଜାତୀୟ ରାଜପଥର ଖଇର ବଣି ରୟାଲ ଢାବା ନିକଟରେ ରବିବାର ବିଳମ୍ବିତ ରାତିରେ ଘଟିଯାଇଛି । ବାଲେଶ୍ୱର ଜିଲ୍ଲା ଦରଖୋଳି ଗ୍ରାମର ଗୋରା ସିଂ ର ପୁଅ ଶାନ୍ତନୁ ସିଂ(୨୮) ନିଜ ବାଇକ ରେ ଯାଉଥିବା ବେଳେ ଢାବା ନିକଟରେ ଆଗରେ ଯାଉଥିବା ଏକ ଲମ୍ବା ଟ୍ରେଲର ପଛରେ ପିଟି ହୋଇ ତଳେ ଛିଟିକି ପଡ଼ିଥିଲା । ଘଟଣା ସ୍ଥଳରେ ହି ତାର ମୃତ୍ୟୁ ଘଟି ଯାଇଥିଲା । ବୈଶିଙ୍ଗା ପୋଲିସ ଖବର ପାଇ ମୃତକ କୁ ବୈଶିଙ୍ଗା ଡାକ୍ତରଖାନା ଆଣି ରଖିଥିଲେ । ସୋମବାର ବ୍ୟବଛେଦ ପାଇଁ ପଠାଇଥିଲେ । ସେହିଭଳି ସୋମବାର ସନ୍ଧ୍ୟାରେ ୧୮ନଂ ଜାତୀୟ ରାଜପଥର ରଙ୍ଗା ମାଟିଆ ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଏହି ଥାନା ଅଧିନ ପଦ୍ମନାଭପୁର ଗ୍ରାମର ଶ୍ରୀଧର ମାଝି ର ପୁଅ ରାମେଶ୍ୱର ମାଝି'(୩୨) ନିଜ ବାଇକ ଯୋଗେ ଘରକୁ ଯାଉଥିବା ସମୟରେ ରଙ୍ଗାମାଟିଆ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ସକାଳେ ବୈଶିଙ୍ଗା ପୋଲିସ ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଥାନାରେ ମାମଲା

ଜୟପୁର, ୨୨/୧୦ (ନି.ପ୍ର): ଉମୁରୀ ଗ୍ରାମର ବିକାଶ ନାଗ(୨୪)କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ଆଜି ସଦରଥାନାରେ ବିକାଶଙ୍କ ମା ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ବିକାଶ ନାଗ ଓ ତାଙ୍କ ମା ସମାରି ନାଗ ଆଜି ମେଡିକାଲ ରୁ ଉମୁରୀ ଯାଉଥିବା ସମୟରେ ଉମୁରୀ ତଳସାହି ନିକଟରେ ଉମୁରୀ ଗ୍ରାମର ୬ଜଣ ଯୁବକ ରାସ୍ତାରେ ଅଟକାଇ ବନ୍ଧୁକ ଦେଖାଇବା ସହ ଲୁହା ପଂଚ ଓ ଖଣ୍ଡାରେ ପୁଅବିକାଶକୁ ଆକ୍ରମଣ କରିଛନ୍ତି । ଯାହା ଫଳରେ ବିକାଶର ଆଖିରେ ଗୁରୁତର ଆଘାତ ଲାଗିଛି । ଏନେଇ ବିକାଶର ମା ସମାରୀ ସଦରଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଡାକ୍ତରଙ୍କ ସମୟୋଚିତ ପଦକ୍ଷେପ ଦ୍ୱାରା ଫାଶୀଜନିତ ଆତ୍ମହତ୍ୟା ଉଦ୍ୟମରୁ ଗୁରୁତର ୯ ବର୍ଷୀୟ ଶିଶୁର ଜୀବନ ରକ୍ଷା

ରାଉରକେଲା, ୨୨/୧୦ (ନି.ପ୍ର): ଏକ ବିରଳ ତଥା ଜଟିଳ ମାମଲାରେ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇ ଜି ଏଚ)ର ଡାକ୍ତରମାନେ ରାଉରକେଲାର ଏକ ୯ ବର୍ଷୀୟ ଶିଶୁର ଜୀବନ ରକ୍ଷା କରିଛନ୍ତି, ଯାହାକୁ ଆତ୍ମହତ୍ୟା ଉଦ୍ୟମ ପରେ ଅଚେତନ ଅବସ୍ଥାରେ ଶିଶୁନିଦାନ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ପିଆଇସିୟୁ)ରେ ଭର୍ତ୍ତି କରାଯାଇଥିଲା ।

ପରୀକ୍ଷା କରିବା ପରେ, ପିଲାଟିର ବେକରେ ଲିଗେଚର ଚିହ୍ନ ପରିଲକ୍ଷିତ ହୋଇଥିଲା । ତାଙ୍କୁ ତୁରନ୍ତ ଇନଟ୍ୟୁବେଟ୍ କରାଯାଇଥିଲା ଏବଂ ପିଆଇସିୟୁରେ ସିଏମଓ ଇନଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ଡକ୍ଟର ଅର୍ଚ୍ଚନା ବେହେରା, ଡକ୍ଟର ମାୟା ବୋଷ, ଡକ୍ଟର ପୁନମ ଏକ୍କା, ଡକ୍ଟର ବିବେକାନନ୍ଦ ସିଂହ ଏବଂ ଡିଏନବି ଦଳର ତତ୍ତ୍ୱାବଧାନରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା । ଡକ୍ଟର ବି. କେ. ନାୟକଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳ ମଧ୍ୟ ଚିକିତ୍ସା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ତ୍ୱରିତ ଏବଂ ସମନ୍ୱିତ ବହୁବିଧ ପ୍ରୟାସ ମାଧ୍ୟମରେ, ରୋଗୀଙ୍କ ସ୍ୱାସ୍ଥ୍ୟଗତ ସ୍ଥିତି ଧୀରେ ଧୀରେ ଉନ୍ନତ ହୋଇଥିଲା । ପରେ ତାଙ୍କୁ ସଫଳତାର ସହିତ ଚିକିତ୍ସା କରାଯାଇଥିଲା, ଏବଂ ମାନସିକ ପରାମର୍ଶ ସହ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା ।

ଆଇଜିଏଚର ୨୪ ଘଣ୍ଟିଆ ଶିଶୁ ଯତ୍ନ ସୁବିଧା ଉପଲବ୍ଧତା ସହିତ ଡାକ୍ତରଙ୍କର ସଫଳ ଦକ୍ଷ ପ୍ରୟାସ ପୁନର୍ଜୀବନ ହସଲରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଆତ୍ମହତ୍ୟା ପ୍ରବଣତା ପାରମ୍ପରିକ ଭାବେ କିଶୋର ବୟସଙ୍କ ସହିତ ଜଡିତ ଥିବା ବେଳେ, ଏଭଳି ସାମ୍ପ୍ରତିକ ଧାରା କିଶୋର ବୟସ ପୂର୍ବରୁ ପିଲାମାନଙ୍କ ମଧ୍ୟରେ ଏକ ଚିନ୍ତା ର କାରଣ ରୂପେ ଦେଖାଦେଇଛି । ବିଶେଷଜ୍ଞମାନେ ଏଭଳି ଘଟଣା କୁ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆର ବହୁଳ ବ୍ୟବହାର, ସାଇବର-ଅପରାଧ, ଅନୁପଯୁକ୍ତ ଅନଲାଇନ୍ ବିଷୟର ଅବାଧ ବ୍ୟବହାର ହେତୁ ମାନସିକ ଚାପ ସମେତ ଅନେକ କାରଣକୁ ଦାୟୀ କରିଛନ୍ତି । ଏହି ଘଟଣାଟି ସଚେତନଶୀଳ ପିତାମାତାଙ୍କ ତଦାରଖ, ଡିଜିଟାଲ୍ ସାକ୍ଷରତା ଏବଂ ଛୋଟ ବୟସରୁ ପିଲାମାନଙ୍କ ମଧ୍ୟରେ ଭାବପ୍ରବଣ ସ୍ଥିରତା ଏବଂ ସୁସ୍ଥତା ପାଇଁ ସ୍କୁଲ-ସ୍ତରୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜରୁରୀ ଆବଶ୍ୟକତାର ଗୁରୁତ୍ୱକୁ ଆଲୋକପାତ କରୁଛି । କୋମଳମତି ଶିଶୁର ସଫଳ ଆରୋଗ୍ୟ ଲାଭ ପୁଣି ଥରେ ଆଇ ଜି ଏଚ ର ତ୍ୱରିତ ପ୍ରତିକ୍ରିୟା, ବହୁବିଧ ଶୃଙ୍ଖଳାଗତ ଦଳଗତ କାର୍ଯ୍ୟ ଏବଂ ଉଚ୍ଚ-ଗୁଣବତ୍ତା ସହ ଶିଶୁଙ୍କ ଯତ୍ନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି - ଯାହା ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ରରେ ମଧ୍ୟ ନୂତନ ଆଶା ସହ ଜୀବନ ରକ୍ଷା କରିବାରେ ସଫଳ ହୋଇଛି ।

## ଆମ୍ବାଗୁଡାରେ ଶ୍ୟାମାକାଳୀ ପୂଜା

ଜୟପୁର, ୨୨/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡାରେ ଶ୍ୟାମାକାଳୀ ପୂଜା ଆରମ୍ଭ ହୋଇଛି । ଉତ୍ସବ ମୁଖର ହୋଇଛି ପରିବେଶ । କଳସ ଯାତ୍ରା ହେବା ପରେ ରାତ୍ର ୧୨ଟା ପରେ ମା ଙ୍କ ପୂଜା ଆରମ୍ଭ ହୋଇ ଆଜି ଶେଷ ହୋଇଛି । ମୃଣ୍ମୟୀ ମୂର୍ତ୍ତିଙ୍କୁ ୭ ଦିନ ଧରି ହୋମ ପୂଜା ପାଠ, ଆଳତି ହେବ । ରବିବାର ମାଙ୍କୁ ମେଲାଣି ଦିଆଯିବ । ପୂର୍ବରୁ ବଙ୍ଗଳା ସମ୍ପ୍ରଦାୟର ଲୋକେ ପ୍ରଥମେ ପୂଜା ଆରମ୍ଭ କରିଥିବା ବେଳେ ବର୍ତମାନ ଆମ୍ବାଗୁଡା ବାସୀଙ୍କ ତରଫରୁ ପୂଜା କରାଯାଉଛି । ୩୩ ବର୍ଷ ଧରି ମାଙ୍କ ନିକଟରେ ପୂଜା କରାଯାଉଥିବା କମିଟି ତରଫରୁ ସୂଚନା ଦିଆଯାଇଛି । ତୋରଣ ଆଲୋକ ମାଳାରେ ସଜ୍ଜିତ କରାଯାଇଛି ।

# ରୋଭର୍ସ କ୍ଲବର ୬୫ତମ ଜନ୍ମ ବାର୍ଷିକ ସମାରୋହ : ପୁରୁଖା ଖେଳାଳୀ ଗୁଲ ମହମ୍ମଦଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୨୨/୧୦ (ନି.ପ୍ର): ଭଦ୍ରକ ପୁରୁଣା ବଜ଼ାର ରୋଭର୍ସ କ୍ଲବର ୬୫ ତମ ଜନ୍ମ ବାର୍ଷିକ ସମାରୋହ କ୍ଲବ ପରିସରରେ ପାଳିତ ହୋଇ ଯାଇଛି । ଏହି ସଭାରେ କ୍ଲବର ସଭାପତି ହାଜି ଅବଦୁଲ କାସିମ ଖାନଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । ସମାଜସେବୀ ସୁଧାକର ରାଉତ ଅତିଥିମାନଙ୍କୁ ଆମନ୍ତ୍ରିତ କରି ମଂଚକୁ ଆଣିଥିଲେ ଏବଂ ସମସ୍ତ ଅତିଥି ଆଲୋକର ଦୀପ ଲଗେଇଥିଲେ ଏବଂ କବି ତଥା ମାଷ୍ଟର ମୁସ୍ତାକ ଗୌହର ସଂଚଳନରୁ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଭଦ୍ରକର ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ , ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଧାମନଗର ବିଧାୟକ ମୁକ୍ତିମଣ୍ଡଳ , ଭଦ୍ରକ ପୌରପାଳିକାର ପୌରାଧକ୍ଷ ଗୁଲମକ୍କୀ ଦଲଓ୍ୱାଜି ହବିବ ,ପୁରୁଣା ବଜ଼ାର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ,ଫେଲୋସିପ ଅଧକ୍ଷ ଏସଏମ ଫାରୁକ , ଜିଲ୍ଲା ବରିଷ୍ଠ ନାଗରିକ ସଙ୍ଘର ସଭାପତି ଲଲାଟେନ୍ଦୁ ମହାପାତ୍ର, ସମ୍ପାଦକ କୈଳାଶ ବାବୁ , ତ୍ୟାଗଭୂମିର ସଭାପତି ଅଜୟ ନାୟକ , ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ନେତ୍ରୀ ଅନିତାବାଳା ଆଶ୍ଚର୍ଯ୍ୟ , ମୁସଲିମ ଜମାତର ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ ଓ ରବି ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତ ଅତିଥିଙ୍କୁ କ୍ଲବ ସଭ୍ୟାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ସଭାରେ କ୍ଲବର ଜନ୍ମଦିନ ଉତ୍ସବ ପାଇଁ ଅତିଥି ଦ୍ୱାରା କେକ କଟା ହୋଇଥିଲା । ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ ଦୁଇ ପର୍ଯ୍ୟାୟରେ ଛଅ ଲକ୍ଷ୍ ଟଙ୍କା କ୍ଲବ ଘରର ଉପର ମହଲା ତିଆରି କରିବା ପାଇଁ ଦେଇଥିଲେ ତାହା ଆଜି ନିଜେ ଉଦଘାଟନ କରିଥିଲେ । ସମସ୍ତ ଅତିଥିଙ୍କ ଦ୍ୱାରା କ୍ଲବର ପୁରୁଖା ଫୁଟବଲ ଖେଳାଳୀ ଶେଖ ଗୁଲ ମହମ୍ମଦଙ୍କୁ ଫୁଲତୋଡ଼ା, ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଭଦ୍ରକ ଏକ ଭାଇଚାରା ସହର ଏବଂ ଏହି ରୋଭର୍ସ କ୍ଲବ ମହାବୀର ପଡିଆ ଠାରେ ଫୁଟବଲ ଖେଳି ଜାତୀୟ ସ୍ତରରେ ଫୁଟବଲ ଖେଳି ସୁନାମ ଅର୍ଜନ କରିଛନ୍ତି, ତାହା ଆଜି ଆମ ପାଇଁ ଗର୍ବ । କିନ୍ତୁ ମହାବୀର ପଡିଆକୁ ଷ୍ଟାଡିଆମ ର ରୂପରେଖା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଅନୁଦାନ ଆସିଥିଲା ତାହା ଉକ୍ତ ଟଙ୍କା ଫେରିଯାଇଛି ବୋଲି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ । ଏବଂ ତାଙ୍କ ଜବାବରେ ବିଦ୍ୟାଧର ସାହୁ କହିଥିଲେ ଯେ କେବଳ ନେତା ଚାହିଁଲେ ଫେରୀ ଯାଇଥିବା ଟଙ୍କା ଆମ ପାଖକୁ ଆସିବ ନାହିଁ , ଯେହେତୁ ସମସ୍ତେ ମିଳିମିଶି ଚାହିଁଲେ ପୁଣି ଉକ୍ତ ଟଙ୍କା ଫେରିବ ଏବଂ ଷ୍ଟାଡ଼ିଆମ ତିଆରି ହୋଇପାରିବ । ଏହି ଜନ୍ମଦିନ ବାର୍ଷିକ ସମାରୋହ ରେ କ୍ଲବର ସମ୍ପାଦକ ହରୀ ପ୍ରସାଦ ନନ୍ଦୀ ବିବରଣୀ ପାଠ କରିଥିଲେ ଓ ଉପ ସଭାପତି ଦିଲ୍ଲୀପ ସିଂହ୍ନା , ସହ ସମ୍ପାଦକ ସହିଲ ଅହେମଦ ଓ ମହେବୁବ ଖାନ, କୋଷାଧ୍ୟକ ହାଜି ଅବୁ ହୋସେନ, ମିର୍ଜା ଇଜାଜ଼ ବେଗ, ଶେଖ ଫାରୁକ, ମିର୍ଜା ଫରୟାଦ ବେଗ , ଶେଖ ନାଶିର ଅଲି, ସଲିମ ଖାନ, ଶେଖ ଜୁଲଫୁକାର ,ସୈୟଦ କେତାବ ଅଲ୍ଲୀ, ଦିଲାଓ୍ୱାର ଅଲ୍ଲୀ ,ମୀର ମହମ୍ମଦ ସମିର ପ୍ରମୁଖ ଉପସ୍ଥିତ' ରହିଥିଲେ ।

# କେନ୍ଦୁଝର ଟାଉନ ଥାନାର ଗୋବିନ୍ଦପୁର ଅଂଚଳରୁ ସେକ୍ସ ରାକେଟ ଠାବ

କେନ୍ଦୁଝର, ୨୨/୧୦ (ନି.ପ୍ର): କେନ୍ଦୁଝର ଟାଉନ ଥାନାର ଗୋବିନ୍ଦପୁର ଅଂଚଳରୁ ସେକ୍ସ ରାକେଟ ଠାବ ହୋଇଛି । ଦେହ ବ୍ୟବସାୟରେ ନିୟୋଜିତ ୫ ଜଣ ଯୁବତୀ ଉଦ୍ଧାର ହେବା ସହ, ରାଣୀ ମହୁମାଛି ସହିତ ୨ ଜଣ ଗ୍ରାହାକ ଓ ୩ ଜଣ ଦଲାଲ ଗିରଫ ହୋଇଛନ୍ତି । ୨ ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ନରଣପୁର ଓ ଅନ୍ୟ ଜଣେ ତୁରୁମୁଙ୍ଗା ଅଂଚଳର ହୋଇଥିବା ବେଳେ ୨ ଜଣ ଦଲାଲ ଯୋଡ଼ା ଓ ଅନ୍ୟଜଣେ କାଶିପୁର ଅଂଚଳର ବୋଲି ଜଣାପଡିଛି । ପୋଲିସର ସୂଚନା ଅନୁସାର ଏହି ଅଂଚଳର ଏକ ଘରେ ସେକ୍ସ ରାକେଟ ଚାଲିଥିବା ନେଇ ବିଶ୍ୱସ୍ଥ ସୂତ୍ରରୁ ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ସେଠାରୁ ଏହି ୧୧ ଜଣ ଙ୍କୁ ନିଜ ହେପାଜତ କୁ ନେବା ସହ ସେମାନଙ୍କ ଠାରୁ ଅନେକ ଆପତି ଜନକ ସାମଗ୍ରୀ ସହ ୨ ଟି ମୋଟର ସାଇକଲ ୬ ଟି ମୋବାଇଲ ୧୦ ହଜାର ୩୦୦ ଟଙ୍କା ଆଦି ଜବତ କରିଛି । ଏହା ସହ ସେକ୍ସ ରାକେଟ୍ ଚାଲିଥିବା ଘରଟିକୁ ପୋଲିସ ସିଲ କରିଛି । ଦେହ ବ୍ୟବସାୟରେ ନିୟୋଜିତ ୫ ଜଣ ଯୁବତୀ ଙ୍କ ମଧ୍ୟରୁ ଜଣେ ଝାରଖଣ୍ଡ ରାଜ୍ୟର ହୋଇଥିବା ବେଳେ ଅନ୍ୟ ୪ ଜଣ ଓଡ଼ିଶାର । ଏହି ସେକ୍ସ ରାକେଟ ର ରାଣୀ ମହୁମାଛି ଆଗରୁ ମଧ୍ୟ ଏହି କାମ ପାଇ ଜେଲ ଯାଇଥିଲେ ଓ ଏହି ୬ ଜଣଙ୍କର ସ୍ୱାସ୍ଥ୍ୟ ରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ।

**ଧାରାବାହିକ:** ଭାଗ-୧୯

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ପ୍ରିୟ ବନ୍ଧୁ ବସୁଦେବ ଓ ଦେବକୀଙ୍କ କଷ୍ଟଦାତା କଂସ ମରିବାରେ ତୁମେ ଯେତିକି ଖୁସି ଆମେ ମଧ ସେତିକି ଆନନ୍ଦିତ । ଏବେ କୁହ, ମୋର ପ୍ରାଣପ୍ରିୟ କୃଷ୍ଣବଳରାମ କୁଶଳରେ ଅଛନ୍ତି ତ ? ସେମାନେ ମୋତେ, ଯଶୋଦାକୁ, ଗୋପୀ, ଗୋପାଳ, ଗୋପପୁର, ଯମୁନା, ଗୋବର୍ଦ୍ଧନ ଆଦିକୁ ମନେ ପକାଉଛନ୍ତି ତ । ତାଙ୍କରି ପାଦ ଚିହ୍ନିତ କୁଞ୍ଜବନ ଶୋଭିତ ନିଜର କ୍ରୀଡାଭୂମି ବୃନ୍ଦାବନକୁ କୃଷ୍ଣ ମନେ ପକାଉଛନ୍ତି ତ ? ସତ କହିଲ ତାର ସେହି ଶ୍ରୀମୁଖ ଦର୍ଶନର ଭାଗ୍ୟ ଆମର କେବେ ଆସିବ ? କେବେ ସେ ଆମକୁ ଦୟା କରିବ ? ତାକୁ ଝୁରି ଝୁରି ଏ ପ୍ରାଣ କେବଳ ଛଟପଟ ହେଉଛି, ତାର ସେହି ଚନ୍ଦ୍ରମା ତୁଲ୍ୟ ମୁହଁ ସର୍ବଦା ଆମ ଆଖିରେ ନାଚୁଛି । ତାର ଡାକ ସର୍ବଦା କାନରେ ଅନୁରଣିତ ହେଉଛି । କେତେ କେତେ ବିପଦରୁ ସେ ଆମକୁ ଉଦ୍ଧାର କରିଛି । ନିଜର ଅଲୌକିକ କର୍ମରେ ଜଗତକୁ ସ୍ତମ୍ଭିତ କରିଥିବା କୃଷ୍ଣ ସର୍ବଦା ହସମୁଖ । ସତେ ଯେପରି ସେଥିରୁ ଅମୃତ ବୃଷ୍ଟି ହେଉଛି । ତାର ଦର୍ଶନରେ ଜୀବ ଜଗତ କଥା ଛାଡ ତରୁଲତାମାନେ ମଧ ଉଲ୍ଲସିତ ହୋଇପଡୁଥିଲେ । ତାର ଅଦର୍ଶନରେ ସମସ୍ତେ ବ୍ୟାକୁଳ ହେଉଛନ୍ତି । ତାର ନାମକରଣ ସମୟରେ ଗର୍ଗାଚାର୍ଯ୍ୟ କହିଥିଲେ, କୃଷ୍ଣ ସାମାନ୍ୟ ମନୁଷ୍ୟ ନୁହେଁ, ସେ ପରମ ଦେବତା । କେବଳ ଦେବକାର୍ଯ୍ୟ ନିମିତ୍ତ ସେ ମାୟା ମନୁଷ୍ୟର ରୂପ ଧରିଛନ୍ତି । ସେ ଅନେକ ବଳବାନ ଅସୁର, ମଲ୍ଲ ଯୋଦ୍ଧାମାନଙ୍କୁ ବଧ କରିବା ସହ ଗୋବର୍ଦ୍ଧନକୁ ସାତଦିନ ପର୍ଯ୍ୟନ୍ତ ନିଜ କାଣି ଆଙ୍ଗୁଠିରେ ତୋଳି ଧରି ଇନ୍ଦ୍ର କୋପରୁ ଆମକୁ ରକ୍ଷାକଲା । ତାର କଥା କହି ବସିଲେ ସରିବନାହିଁ, ଏହିଭଳି କହୁ କହୁ ନନ୍ଦରାଜା ବାତ୍ସଲ୍ୟ ପ୍ରେମାନନ୍ଦରେ ବିହ୍ୱଳ ହୋଇପଡି ଅଶ୍ରୁ ମୁଞ୍ଚନ କଲେ । ନନ୍ଦରାଣୀ ନିଜ କୁମରଙ୍କ ଗୁଣ ଶୁଣୁ ଶୁଣୁ ବାତ୍ସଲ୍ୟ ରସରେ ଉତ୍‌ଫୁଲିତ ହେବାରୁ ବକ୍ଷରୁ କ୍ଷୀର ସ୍ରବିବା ଆରମ୍ଭ ହୋଇ ପିନ୍ଧାବସନକୁ ଆଦ୍ରକଲା । ଉଦ୍ଧବ ମନେ ମନେ ବିଚାର କରୁଥାନ୍ତି ସ୍ୱୟଂ ଭଗବାନଙ୍କୁ ନିଜର ପୁତ୍ର ରୂପେ ପାଇଥିବା ଏହି ଦମ୍ପତ୍ତି ବାସ୍ତବରେ ଭାଗ୍ୟବାନ । ସେ ମୃଦୁ ମୃଦୁ ହସି କହିଲେ, ହେ ନନ୍ଦରାଜା, ମାତା ଯଶୋବନ୍ତୀ ତୁମେ ଆଉ ଦୁଃଖ କରନାହିଁ । ସ୍ୱୟଂ ତ୍ରିଲୋକାଧିପତି, ସୃଷ୍ଟି, ସ୍ଥିତି ଓ ପ୍ରଳୟର ଅଧିଶ୍ୱରଙ୍କୁ ତୁମେ ଯେଉଁ ଭାଗ୍ୟ ବଳରେ ପୁତ୍ର ରୂପେ ପାଇଛ ତାର ପଟ୍ଟାନ୍ତର ନାହିଁ । ବଳରାମ ଓ କୃଷ୍ଣ ଦୁହେଁ ପୁରାଣ ବା ପ୍ରକୃତି ପୁରୁଷ । ଏ ଦୁହେଁ ସର୍ବ ଶରୀରରେ ପ୍ରବିଷ୍ଟ ହୋଇ ପ୍ରାଣଦାନ ଦିଅନ୍ତି ଓ ଜ୍ଞାନର ସଂଚାର କରନ୍ତି । ଅନ୍ତଃ କାଳରେ ଜୀବ ତାଙ୍କରିଠାରେ ଲୀନ ହୁଏ ବା ତାଙ୍କରି ଭିଆଣରେ ଜୀବ ଅନ୍ୟ ଶରୀର ପ୍ରାପ୍ତହୁଏ । ପ୍ରାଣ ଯିବା ସମୟରେ କ୍ଷଣକ ସମୟ ପାଇଁ ଜୀବ ସେହି ଚରଣରେ ମନ ନିବେଶ କଲେ ଜୀବର ସମସ୍ତ କର୍ମବାସନା ଲୋପହୁଏ, ସେ ସୂର୍ଯ୍ୟଭଳି ତେଜସ୍ୱୀ ହୋଇ ପରମଗତି ପ୍ରାପ୍ତ ହୁଏ । କାଷ୍ଠ ଭିତରେ ଅଗ୍ନି ଯେପରି ଅବସ୍ଥାନକରେ ସେହିପରି ସୃଷ୍ଟି, ସ୍ଥିତି, ପାଳନର ଏକ, ଅଦ୍ୱିତୀୟ, ସର୍ବମୟ କର୍ତ୍ତା ମାୟାମାନବ ଭଗବାନ ଶ୍ରୀକୃଷ୍ଣ ସର୍ବତ୍ର ବ୍ୟାପୀ ରହିଛନ୍ତି । ତାଙ୍କର ଆପଣା, ପର ଭେଦାଭାବ ନାହିଁ । ଯେ ତାଙ୍କୁ ଯେପରି ପ୍ରେମ-ଭକ୍ତି-ପୂତ ହୃଦୟରେ ନିବିଡ ଭାବେ ଚାହେଁ, ସେ କେବେ ତାହାର ପାଖ ଛାଡନ୍ତି ନାହିଁ । ତୁମର ତାଙ୍କପ୍ରତି ନିବିଡ ପ୍ରେମାନୁରାଗ ହେତୁ, ସଶରୀରେ ନହେଲେ ମଧ ସେ ସର୍ବଦା ତୁମରିପାଖେ ଅଛନ୍ତି । ସେ ନିଶ୍ଚୟ ତୁମ ନିକଟକୁ ଆସିବେ ଏଥିରେ ସନ୍ଦେହ ନାହିଁ । ଏହି ବିଶ୍ୱବ୍ରହ୍ମାଣ୍ଡର ସେ ଅଦ୍ୱିତୀୟ କର୍ତ୍ତା, ସମସ୍ତେ ତାଙ୍କର । ତାଙ୍କର ଜନ୍ମମୃତ୍ୟୁ ନାହିଁ କି ସେ ଦେହ ବା କର୍ମ ବନ୍ଧନରେ ଆବଦ୍ଧ ନୁହଁନ୍ତି । ବୁଢିଆଣୀ ଜାଲର ଅଠା ତା ନିଜ ଗୋଡରେ ନଲାଗିବା ଭଳି ତାଙ୍କ ସୃଷ୍ଟ ତ୍ରିଗୁଣାତ୍ମ ମାୟା ତାଙ୍କୁ ଆବଦ୍ଧ କରିପାରେ ନାହିଁ । ସାଧୁ, ସନ୍ଥ ଓ ଧର୍ମର ରକ୍ଷା ପାଇଁ ସେ ନିଜ କ୍ରୀଡାରେ ନିଜେ ଦେବ, ମାନବ, ପଶୁ, ଜଳଚର ଆଦି ନାନା ମାୟାରୂପ ଧାରଣ କରି ଅବଶେଷରେ ଲୀଳା ଉଦ୍ଦେଶ୍ୟ ସାଧନ କରିସାରି ପୁନର୍ବାର ନିଜେ ନିଜକୁ ସମ୍ବରଣ କରନ୍ତି । ସେ ନିଜେ ଯୋଗମାୟା ବଳରେ ସକଳ ଘଟରେ ଥାଇ ପ୍ରାଣୀର ମନରେ ଅହଂକାର ଅର୍ଥାତ ମୁଁ, ମୋର ଭାବକୁ ସୃଷ୍ଟି କରନ୍ତି । ଫଳରେ ଜୀବ ନିଜକୁ କର୍ତ୍ତା ବୋଲି ମନେକରେ । ସେହି ସର୍ବ ନିୟନ୍ତା ଭଗବାନ କେବଳ ତୁମର ପୁତ୍ର ନୁହଁନ୍ତି, ସେ ସକଳ ପ୍ରାଣୀର ଆତ୍ମା, ପୁତ୍ର, ପିତା, ମାତା, ଭ୍ରାତା, ଭଗିନୀ, ସଖା, ସହୋଦର, ସ୍ୱାମୀ, ସର୍ବସ୍ୱ । ଦେବତା, ନର, ଅସୁର, କିନ୍ନର, ସ୍ଥାବର, ଜଙ୍ଗମ କେହି ତାଙ୍କଠାରୁ ଅଲଗା ନୁହଁନ୍ତି । ସେ ସମସ୍ତଙ୍କଠାରେ ଓ ସମସ୍ତେ ତାଙ୍କଠାରେ ଅବସ୍ଥିତ । ଭୂତ, ବର୍ତ୍ତମାନ ଓ ଭବିଷ୍ୟ ସର୍ବକାଳରେ, ସର୍ବତ୍ର ସେ ବିଦ୍ୟମାନ । ଉଦ୍ଧବ ଓ ନନ୍ଦରାଜଙ୍କ କଥପୋକଥନରେ ରାତ୍ରି ପ୍ରଭାତ ହେଲା । ଗୋପୀମାନେ ପ୍ରଭାତ ପୂର୍ବରୁ ଗାତ୍ର ସ୍ନାନକରି ଦୀପାବଳୀ ପ୍ରଜ୍ୱଳନ କଲେ । ଗୃହ ଓ ଗୃହାଙ୍ଗନ ମାର୍ଜନା, ସ୍ନାନ, ଶୌଚାଦି ନିତ୍ୟକର୍ମ ସାରି ଶ୍ରୀବାସୁଦେବଙ୍କ ଆରାଧନା କଲେ । ପରେ ଦଧିମନ୍ଥନ କଲେ । କୃଷ୍ଣ ଭାବପନ୍ନ କାରଣରୁ ସେମାନେ ଜ୍ୟୋର୍ତିମୟ ହୋଇଉଠିଲେ । ଶ୍ରୀକୃଷ୍ଣଙ୍କ ମଙ୍ଗଳମୟ ଚରିତକୁ ଗାନ କରୁ କରୁ ସେମାନେ ଭାବ ବିହ୍ୱଳ ହୋଇପଡିଲେ । ସେମାନଙ୍କର ନିତମ୍ବ, ବକ୍ଷୋଜ, କଣ୍ଠାହାର, କୁଣ୍ଡଳାଦି ଆନ୍ଦୋଳିତ ହେଉଥିଲା । କପୋଳରୁ ସ୍ୱେଦବିନ୍ଦୁ ନିର୍ଗତ ହୋଇ ମୁଖ ଶୋଭାକୁ ବହୁଗୁଣିତ କରୁଥିଲା । ସେମାନଙ୍କ କୃଷ୍ଣଗାନ, ଦଧିମନ୍ଥନ ଓ ଗୋଦୋହନର ଧ୍ୱନି ଅପୂର୍ବ ସ୍ୱର ଝଙ୍କାର ସୃଷ୍ଟି କରୁଥିଲା, ଯାହାକୁ ଶ୍ରବଣ କରି ଦେବତାମାନେ ମଧ ଆତ୍ମହରା ହେଉଥିଲେ । ସୂର୍ଯ୍ୟୋଦୟପରେ ଗୋପାଙ୍ଗନାମାନେ ଯମୁନା ଯିବା ବାଟରେ ଉଦ୍ଧବଙ୍କ ସ୍ୱର୍ଣ୍ଣମୟ ରଥକୁ ଦେଖି ନିଜ ଭିତରେ କଥା ହେବାକୁ ଲାଗିଲେ, ଏହି ସୁଦୃଶ୍ୟ ରଥଟି କାହାର ? ଆମର ରକ୍ତ, ମାଂସକୁ ନେଇ ତାର ପ୍ରଭୁ କଂସାସୁରକୁ ପିଣ୍ଡ ଦେବ କି ? ସେମାନଙ୍କ କଥୋପକଥନ ବେଳେ ଉଦ୍ଧବ ନିତ୍ୟକର୍ମ ସାରି ସେଠାରେ ପହଞ୍ଚିଗଲେ ।

### ୪୭ ଅଧ୍ୟାୟ (ଉଦ୍ଧବଙ୍କ ନିକଟରେ ଗୋପୀମାନଙ୍କର କୃଷ୍ଣବିରହ ଦୁଃଖ କଥନ)

ଶ୍ରୀ ଶୁକଦେବ କହିଲେ, ଗୋପୀମାନେ ଶ୍ରୀ ଉଦ୍ଧବଙ୍କ ମୁହଁକୁ ନିରେଖି ଚାହିଁ ବିସ୍ମିତ ହୋଇ କହିଲେ, ଏ ଅପୂର୍ବ ପୁରୁଷଟି ଗୋପପୁରକୁ କାହୁଁ ଆସିଲା ? ପୀତବସନ ପରିଧାନ, ଆଜାନୁ ଲମ୍ବିତ ବାହୁ, ପ୍ରସ୍ଫୁଟିତ କମଳପ୍ରାୟ ନୟନ ଯୁଗଳ, ବକ୍ଷସ୍ଥଳେ କମଳମାଳ, କର୍ଣ୍ଣରେ କୁଣ୍ଡଳ, ଦେବତାଙ୍କଠୁ ବି ବଳି ଶରୀର ତେଜ, ଆମ କୃଷ୍ଣଚନ୍ଦ୍ରଙ୍କ ଭଳି ବେଶ ସବୁତ ପିନ୍ଧିଛି ଏବଂ ଅଙ୍ଗ ଅଙ୍ଗ ସେହିଭଳି ଦେଖା ଯାଉଛି ନିଜ ନିଜ ମଧ୍ୟରେ କହି ରଥ ଚାରିପାର୍ଶ୍ୱରେ ଘେରିଯାଇ ଜାଣିଲେ ଯେ ସେ ଶ୍ରୀକୃଷ୍ଣଙ୍କ ଦୂତ ଏବଂ ତାଙ୍କରି ଲାଗି ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରେରିତ । ତେଣୁ ସେମାନେ ଅତ୍ୟନ୍ତ ଆନନ୍ଦର ସହ ଉଦ୍ଧବଙ୍କୁ ସ୍ୱାଗତ କଲେ, ଉଦ୍ଧବ ମଧ ଗୋପୀମାନଙ୍କର ସ୍ନେହ ଦେଖି ରଥରୁ ଓହ୍ଲାଇ ସେମାନଙ୍କ ମଧ୍ୟକୁ ଗଲେ । ଭଗବାନ ଶ୍ରୀକୃଷ୍ଣଙ୍କ ସାନିଧ ପ୍ରାପ୍ତ ସେହି ଗୋପୀମାନଙ୍କର ପଦରଜ ପାଇବାକୁ ଉଦ୍ଧବ ଯେତେବେଳେ ମଥାନତ କଲେ ଗୋପୀମାନେ ତାଙ୍କୁ ବାରଣ କରି ହସ୍ତ ଧରିନେଇ ଉତ୍ତମ ଆସନରେ ବସାଇଲେ । ପ୍ରଥମେ ସେମାନେ ପ୍ରିୟତମ କୃଷ୍ଣଙ୍କୁ ମନେ ପକାଇ ଆକୁଳଭାବେ କ୍ରନ୍ଦନ କରିବାରୁ ସେମାନଙ୍କର ବାକସ୍ଫୁରଣ ହେଲାନାହିଁ । ପରେ ପ୍ରକୃତିସ୍ଥ ହୋଇ କହିଲେ, "ହେ ପ୍ରିୟ ଉଦ୍ଧବ, ଏତେ ଦିନରେ ଆମ ପ୍ରଭୁଙ୍କର ଆମର କଥା ମନେ ପଡିଲା ! ଆମକୁ ଓ ତାଙ୍କ ପିତାମାତାଙ୍କୁ ଦେଖିବାକୁ ତୁମକୁ ପଠାଇଛନ୍ତି ପରା ? ହଉ କଣ ଦେଖିବ ଦେଖ, ସେ ଛାଡିଗଲାଠାରୁ ଆମେ ସମସ୍ତେ ମରିଯାଇଛୁ । ଆମର ଜୀବନକୁ ତ ସେ ସାଥିରେ ନେଇଯାଇଛନ୍ତି, କେବଳ ନିର୍ଜୀବ ଶରୀର ମାତ୍ର ଅଛି । ଆମକୁ ସ୍ନେହ ବନ୍ଧନରେ ବାନ୍ଧି ବାୟାଣୀ କଲେ, ଦେହ, ମନ, ପ୍ରାଣ ସବୁ ଆବୋରି ନେଲେ । ଆମକୁ ସ୍ୱର୍ଗୀୟ ସୁଖ, ସୌଭାଗ୍ୟ ପ୍ରଦାନ କରି କେଉଁ ଅପରାଧରେ ନିଷ୍ଠୁରଭାବେ ପରିତ୍ୟାଗ କଲେ । କଣ୍ଟ କରିଥିଲେ ଫେରିବାର ସେ ବି ଭୁଲିଗଲେ । ତୁମେ ତ ତାଙ୍କର ବିଶ୍ୱାସୀ, ତୁମକୁ ବା ଆମର ଗୋପନୀୟ କଣ ଅଛି ? କେତେ ଜନ୍ମର ତପସ୍ୟାର ଫଳ ସ୍ୱରୂପ ସେ ମିଳିଥିଲେ, ତାଙ୍କ ଲାଗି ସ୍ୱାମୀ, ସନ୍ତାନ, ପରିବାର ସବୁ ଭୁଲି ତାଙ୍କୁ ହିଁ ମନପ୍ରାଣ ଅର୍ପଣ କଲୁ । ଏବେ ତାଙ୍କୁ ମୂର୍ଚ୍ଛି କିପରି ରହିବୁ ? ଆମେମାନେ କେବେଠାରୁ ମରିଯାଆନ୍ତୁଣି କେବଳ ତାଙ୍କର ଅଧରାମୃତ ପାନ କରିଥିବା କାରଣରୁ ଏ ପର୍ଯ୍ୟନ୍ତ ପ୍ରାଣଟା କଲବଲ ହେଉଛି ସିନା ଯାଉନି । ଏଭଳି ବଞ୍ଚିବାଠାରୁ ମୃତ୍ୟୁ ଭଲ । ତାଙ୍କ ପାଇଁ ଆମେ ବ୍ୟାକୁଳ ହେଉଥିଲେ ହେଁ ସେ ଆମକୁ ମନେ ପକାଉନାହାନ୍ତି । କେଜାଣି ତାଙ୍କ ପିତାମାତାଙ୍କୁ ଦେଖିବାକୁ ତୁମକୁ ପଠାଇଥିବେ । ପ୍ରସ୍ଫୁଟିତ ପୁଷ୍ପରୁ ମଧୁପାନ କରି ଭ୍ରମର ଯେପରି ତାକୁ ତ୍ୟାଗକରେ, ଅଧ୍ୟୟନ ଶେଷରେ ଛାତ୍ର ଗୁରୁଙ୍କୁ ତ୍ୟାଗ କଲାଭଳି ଆମର ପ୍ରାଣାଧିକ ଶ୍ରୀକୃଷ୍ଣ ଆମମାନଙ୍କୁ ଅତି ନିଷ୍ଠୁରଭାବେ ତ୍ୟାଗକରି ଚାଲିଗଲେ । ଏହିପରି କହୁ କହୁ ଗୋପୀମାନେ କୃଷ୍ଣଗୁଣ ସ୍ମରଣ କରି, ଲଜ୍ଜା ସଂକୋଚ ଛାଡି ବାୟାଣୀ ତୂଲ୍ୟ ରୋରୁଦ୍ୟମାନ ଅବସ୍ଥାରେ ଉଦ୍ଧବଙ୍କର ଚରଣ ତଳେ ଲୋଟିଗଲେ । ଉଦ୍ଧବ ସେମାନଙ୍କୁ ନାନା ମଧୁର କଥା କହି ସାନ୍ତ୍ୱନା ଦେବାକୁ ଚେଷ୍ଟାକଲେ । ବୃନ୍ଦାବତୀ ନାମକ ଗୋପୀ ଗହଳ ମଧରେ ଯାଇନପାରି ଗୋବିନ୍ଦ ପାଦପଦ୍ମରେ ମନଧ୍ୟାନ ଅର୍ପଣ କରିଦେଇ ଚୁପ ବସିଥିଲା । ଏହି ସମୟରେ ଗୋଟାଏ ଭ୍ରମର ଆସି ତା ଚରଣ ନିକଟରେ ଗୁଣୁଗୁଣୁ ହେବାରୁ ବୃନ୍ଦାବତୀ ତାକୁ ଘଉଡାଇବାକୁ ଯାଇ କହିଲା, ରେ ଦୁଷ୍ଟ ମଧୁପ ତୋର ଠାକୁର କୃଷ୍ଣଙ୍କର ସ୍ୱଭାବ ପରି ତୋ ସ୍ୱଭାବ । କୁସୁମରୁ ମଧୁ ସଂଗ୍ରହ କରି ତୁ ତାକୁ ତ୍ୟାଗକରୁ ଥରେ ହେଲେ ପଛକୁ ଚାହୁଁନା । ଏବେ ମୋର ଚରଣରେ କାହିଁକି ଲୋଟୁଛୁ ? ଯା ତୋର ଠାକୁରଙ୍କୁ କହିବୁ ସେ ତ ଆମକୁ ଛାଡିଯାଇ ମଥୁରା ନାରୀଙ୍କ ମୋହପାଶରେ ଆବଦ୍ଧ ହେଲେଣି, ସେମାନେ ତ ଆମ ସପତଣୀ । ତୋର ଠାକୁର ମଥୁରା ନାରୀଙ୍କ ପ୍ରେମରେ ବଶ ହୋଇ ଯେତେବେଳେ ସେଠାରେ ରହିଲେଣି ତୋଠାରେ ଆମର ଆଉ ଶ୍ରଦ୍ଧାନାହିଁ । ବୃଥାରେ କାହିଁକି ପାଦରେ ଲୋଟୁଛୁ ? ମଥୁରା ନାରୀଙ୍କ ଅଙ୍ଗଲେପିତ କୁସୁମ-ଚନ୍ଦନ, ସେମାନଙ୍କ କ୍ରୀଡାକାଳରେ ଆମର ପ୍ରଭୁ ଶ୍ରୀକୃଷ୍ଣଙ୍କ ଶ୍ରୀଅଙ୍ଗରେ ଲାଗିଲାଭଳି ତୁ ନିଜେ ପୁଷ୍ପରୁ ମଧୁ ଆସ୍ୱାଦନ କଲାବେଳେ ତୋ ମୁଖରୁ କୁଙ୍କୁମ ରଙ୍ଗର ପୁଷ୍ପପରାଗ ଲାଗିଯାଇଛି । ଲାଲ ଦେଖାଯାଉଛି । ଏହାପରେ ବି ତୋତେ ଟିକିଏ ଲଜ୍ଜା ନାହିଁ ସେହି ପରାଗରଞ୍ଜିତ ମୁହଁରେ ଆସି ମୋର ଚରଣତଳେ ଗୁଞ୍ଜନ କରୁଛୁ ! ଯା ଯା ଫେରି ଯାଇ ତୋର ପ୍ରଭୁଙ୍କୁ କହ, ମଥୁରା ନାରୀଙ୍କର ସେ ସର୍ବଦା ମାନ ଭଞ୍ଜନ କରୁଥାନ୍ତୁ । ଆମକୁ ନ ପଚାରିଲେ ନାହିଁ, ଯେତେ ଦିନ ଭାଗ୍ୟରେ ଥିଲା ତାଙ୍କୁ ପାଇଲୁ, ଏବେ ଆମ ଭାଗ୍ୟ ରବି ଅସ୍ତମିତା ହେଲେ ଭ୍ରମରରେ, ତୁ ଉଡିଯାଇ ଗୋଟାଏ କଥା କହିବୁ, ସେ ସିନା ସଶରୀରେ ଆମ ନିକଟରୁ ଚାଲିଗଲେ, କିନ୍ତୁ ଆମେ ତ ତାଙ୍କୁ ଆମ ହୃଦୟ ମନ୍ଦିରରେ ଅଭିଷିକ୍ତ କରି ଚତୁର୍ଦ୍ଦିଗରେ ପ୍ରୋମନୁରାଗର ପ୍ରାଚୀର ବେଷ୍ଟନ କରିଦେଇଛୁ ସେଠାରୁ ସେ କିପରି ଯିବେ ?" ଏପରି କହୁ କହୁ ବୃନ୍ଦାବତୀ ଅତ୍ୟନ୍ତ ବ୍ୟାକୁଳଭାବେ କାନ୍ଦିବାକୁ ଲାଗିଲା ଏବଂ ଶ୍ରୀକୃଷ୍ଣଙ୍କ ସହିତ ନିବିଡ ପ୍ରେମାନୁଭୂତିର ପ୍ରସଙ୍ଗ, ଭ୍ରମର ନିକଟରେ ଲଜ୍ଜା ସଂକୋଚ ତ୍ୟାଗକରି ବର୍ଣ୍ଣନା କଲା । ହେ ଭ୍ରମର ଆମର ନିଦାରୁଣ ଦୁଃଖର ଘଟଣା ତୁ ଶୁଣିବୁ ?

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ଗଣ୍ଠି**

# ନକରାତ୍ମକ କଥାରେ ପ୍ରଭାବିତ ହୁଅନ୍ତୁ ନାହିଁ



ଶ୍ୱେତା ରାଉତ୍

ଲୋକମାନେ ଆମକୁ ଧୋକା ଦେଇ ପାରନ୍ତି, ଘୃଣା କରି ପାରନ୍ତି, ଗାଳି କରି ପାରନ୍ତି, ଆମକୁ ନିଚା ଦେଖେଇ ପାରନ୍ତି,ଏସବୁ ସେମାନଙ୍କ ଅସଂସ୍କାର ହୋଇପାରେ। ତାଙ୍କୁ ଆୟତ୍ତ କରିବା ଆମ ହାତରେ ନଥାଏ। ସେମାନେ ତାଙ୍କ ସ୍ୱଭାବ ଅନୁସାରେ ଆଚରଣ କରନ୍ତି ଏବଂ ତାହା ହିଁ ତାଙ୍କୁ ଆନନ୍ଦ ଦିଏ। ଆମେ ଯାହାକୁ ଶ୍ରଦ୍ଧା କରୁଥିବା ସେ ମଧ ଉପରେ ଉପରେ ଭଲ କଥା କହି ମନ ଭିତରେ ଆମ ପ୍ରତି ଈର୍ଷା, ଦ୍ୱେଷ, ଘୃଣାଭାବ ରଖିଥାଇ ପାରନ୍ତି ଏବଂ ଆମେ ତାଙ୍କର ଭାବନା ଦେଖି ଛଳନାପୂର୍ଣ୍ଣ କଥାରେ ଆପାୟିତ ହୋଇଯାଇଥାନ୍ତି। ଜରୁରୀ ନୁହେଁ ସମସ୍ତେ ଆମ ସହିତ ଭଲ ଆଚରଣ କରିବେ ବା ପ୍ରଶଂସା କରିବେ। ତେଣୁ କିଏ କଣ ଆମକୁ କହିଲେ, ଆମ ପ୍ରତି କିଭଳି ଭାବନା ରଖିଲେ ତା'ଉପରେ ଗୁରୁତ୍ୱ ନଦେଇ ନିଜ କର୍ମ କରିଚାଲିବା ବୁଦ୍ଧିମାନର ପରିଚୟ। ଅନ୍ୟକୁ ନିୟନ୍ତ୍ରଣରେ ରଖିବା ଆମ ହାତରେ ନାହିଁ, କିନ୍ତୁ ଯେପର୍ଯ୍ୟନ୍ତ ଆମେ ବାହାରର କୌଣସି କଥାକୁ ନିଜ ମନକୁ ନେବା ନାହିଁ, କେହି ଆମ ଭିତରକୁ ଆସି ଆମ ବିଚାରକୁ ଦୁର୍ବଳ କରିପାରିବେ ନାହିଁ।

କେହି ଯଦି କୁହେ 'ତୁମେ ଲାଞ୍ଚ ନେଉଛ, ଅଫିସରେ ଚୋରୀ କରୁଛ, ତୁମର ବ୍ୟବହାର ଖରାପ ବୋଲି ଲୋକେ କୁହାକୁହି ହେଉଛନ୍ତି, ତୁମେ ବହୁତ ଅଳସୁଆ' ଇତ୍ୟାଦି ଇତ୍ୟାଦି, ହୁଏତ ଆପଣ ଏସବୁ ସହି ପାରିବେ ନାହିଁ। ନିଜେ ଠିକ୍ ବୋଲି ଗୁଡାଏ ପ୍ରମାଣ ଦେବା ଭଳି କଥା କହିବେ, ନଚେତ୍ ଯିଏ ଆପଣଙ୍କ ବିଷୟରେ ଏତେ ଖରାପ କହିଛି ଜାଣିବାକୁ ଚାହିଁବେ। ଜାଣିବା ପରେ ଫୋନ୍ କରି ତାକୁ କ୍ରୋଧରେ ଗୁଡାଏ ଶୁଣାଇବେ। ଏଥିରେ ଲାଭ କଣ ହେବ ? ଆପଣଙ୍କ କ୍ରୋଧ ବା ଗାଳି ସେ ବ୍ୟକ୍ତିଙ୍କୁ ସୁଧାରି ପାରିବନି ବରଂ ରକ୍ତଚାପ ବଢିବ।ଏ କ୍ଷେତ୍ରରେ ଆପଣ ଗୋଟିଏ କଥା କହି ନିଜର କ୍ରୋଧ, ଅସନ୍ତୋଷଠୁ ଦୂରେଇ ରହିପାରିବେ ଯେ'ମୁଁ ମୋର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୂଚାରୁରୂପେ ପାଳନ କରୁଛି, ମୋ ଆତ୍ମା କହୁଛି ମୁଁ ଠିକ୍। ଆପଣଙ୍କୁ ଯଦି ତାହା ଦିଶୁନାହିଁ କିମ୍ବା ଆପଣ ହୃଦୟଙ୍ଗମ କରି ପାରୁନାହାନ୍ତି ତାହା ଆପଣଙ୍କ ବ୍ୟକ୍ତିଗତ ବିଚାର। ଏହା ମୋତେ ଆଦୌ ପ୍ରଭାବିତ କରିବ ନାହିଁ'।

ଆଗରୁ ଜୀବନ ଭିନ୍ନ ପ୍ରକାରର ଥିଲା। ବ୍ୟକ୍ତି ଦୀର୍ଘାୟୁ ଥିଲା ଏବଂ ବୃଦ୍ଧ ହେବାପରେ ଦେହତ୍ୟାଗ କରୁଥିଲା। କିନ୍ତୁ ଏବେ ଜୀବନ ଅକସ୍ମାତ୍ ହୋଇଯାଇଛି।ଏଇନେ ଅଛି ଏଇନେ ନାହିଁ। କେହି କହି ପାରିବନି କେତେବେଳେ ଶରୀରରୁ ପ୍ରାଣବାୟୁ ଉଡିଯିବ। ଗୋଟିଏ ମିନିଟ୍ ପୂର୍ବରୁ ମଧ ଆପଣ ସୂଚନା ପାଇ ନପାରନ୍ତି। ଶରୀର ସୁସ୍ଥ ଦିଶୁଥିଲେ ମଧ,ମାନସିକ ଶାନ୍ତି ଥିଲେ ମଧ କେବେ ବି କିଛି ଦୁର୍ଘଟଣା ଆମକୁ ହରେଇ ଦେଇପାରେ। ତେଣୁ ପ୍ରତି ଦିନ,ପ୍ରତି ମୁହୂର୍ତ୍ତ ଜୀବନର ଅମୂଲ୍ୟ ମୁହୂର୍ତ୍ତ। କାହାର ଆକ୍ଷେପ, ଅପବାଦ,ତିରସ୍କାରକୁ ଗୁଣିହୋଇ ଏ ମୂଲ୍ୟବାନ ଜୀବନକୁ ନଷ୍ଟ କରିବା ଆଦୌ ଠିକ୍ ନୁହେଁ। ଈଶ୍ୱର କରନ୍ତୁ ସବୁବେଳେ ଆମ କର୍ମ ସୁକର୍ମ ହେଉ,ଆମ ବିଚାର ସକରାତ୍ମକ ହେଉ, ଆମ ହୃଦୟ ପରିଷ୍କାର ରହିଥାଉ ଏବଂ ଆମେ ଏଭଳି ଗୋଟେ ପବିତ୍ର ଆତ୍ମା ହୋଇ ରହିବା ଉଚିତ୍ କି ଯେକୌଣସି ସମୟରେ ଦେହତ୍ୟାଗ କରିବାର ଅବଶୋଷ ନରୁହେ। ଆମକୁ ଆକ୍ଷେପ କରୁଥିବା ବ୍ୟକ୍ତିଙ୍କର ବି ମଙ୍ଗଳ ହେଉ। ଈଶ୍ୱର ତାଙ୍କୁ ସଦ୍ ବୁଦ୍ଧି ଦିଅନ୍ତୁ ଏହା ହିଁ କାମନା କରିବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# କେବଳ ସୌନ୍ଦର୍ଯ୍ୟ ନୁହେଁ, ଘରର ଐଶ୍ୱର୍ଯ୍ୟ ବୃଦ୍ଧି କରେ ଏସବୁ ଇଣ୍ଡୋର ପ୍ଲାଣ୍ଟ, ଜାଣନ୍ତୁ...

**ଇଣ୍ଡୋର ପ୍ଲାଣ୍ଟ କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରେନାହିଁ ଘର ପରିବେଶକୁ ବିଶୁଦ୍ଧ କରିବା ସହ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରିଥାଏ । ତେବେ ଏମିତି ବି କିଛି ଗଛ ରହିଛି ଯାହାକୁ ଘରେ ଲଗାଇଲେ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ସୁଖଶାନ୍ତି ବଢ଼ିଥାଏ...**







ବାମ୍ବୋ ପ୍ଲାଣ୍ଟ ଘରକୁ ସୁଖ, ଶାନ୍ତି, ସୌଭାଗ୍ୟ ଓ ପ୍ରସିଦ୍ଧି ଆଣିଥାଏ । ଏହାକୁ ଲିଭିଂ ରୁମ୍‌ରେ ରଖିବା ଶୁଭ ହୋଇଥାଏ । ତା'ଛଡ଼ା ଅଫିସ୍ ଡେସ୍କରେ ବି ଏହାକୁ ରଖିପାରିବେ । ଆବଶ୍ୟକ ହେଲେ କାହାକୁ ଗିଫ୍ଟ ଆକାରରେ ବି ଏହି ପ୍ଲାଣ୍ଟ ଦେଇପାରିବେ ।
ମନିପ୍ଲାଣ୍ଟକୁ ଇଣ୍ଡୋର ପ୍ଲାଣ୍ଟ ଭାବେ ଘର ଭିତରେ ରଖିହେବ । ଯଦି ସୁବିଧା ନାହିଁ ତା'ହେଲେ ଅଗଣାରେ ବି ଲଗାଇହେବ । ଖାସ୍ କରି ଘରର ଦକ୍ଷିଣ-ପୂର୍ବ କୋଣରେ ଏହି ଗଛକୁ ଲଗାଇବା ଦ୍ୱାରା ଘରର ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ ।
ପ୍ରେମ ଓ ସଦ୍‌ଭାବର ପ୍ରତୀକ କୁହାଯାଉଥିବା ପିସ୍ ଲିଲିକୁ ଖାସ୍ କରି ବେଡ୍‌ରୁମ୍‌ରେ ଲଗାଇଲେ ନିଦ ଭଲ ହେବା ସହ ଦୁଃସ୍ୱପ୍ନ ଆସି ନଥାଏ । ତା'ଛଡ଼ା ପତ୍ନୀପତିଙ୍କ ସମ୍ପର୍କ ବି ନିବିଡ଼ ହୋଇଥାଏ ।
ସ୍ନେକ୍ ପ୍ଲାଣ୍ଟ ବି ସକାରାତ୍ମକ ଉର୍ଜ୍ଜାକୁ ଆକର୍ଷିତ କରିଥାଏ । ତା'ଛଡ଼ା ଏହା ଏକ ଏୟାର ପ୍ୟୁରିଫାୟାର ପ୍ଲାଣ୍ଟ ମଧ । ସେଥିପାଇଁ ଏହାକୁ ଘରେ ବିଶେଷକରି ଝରକା ପାଖରେ ରଖିଲେ ଘରର ବାତାବରଣ ସ୍ୱଚ୍ଛ ରହିଥାଏ ବୋଲି ବିଶ୍ୱାସ କରାଯାଏ ।
ରବର ପ୍ଲାଣ୍ଟକୁ ବି ଘର ଭିତରେ ଲଗାଇବା ଶୁଭ । କାରଣ ଏହି ଗଛ ଆର୍ଥିକ ସମୃଦ୍ଧି ଆଣିବାରେ ବିଶେଷ ସହାୟକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ଏହି ଗଛକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ଲଗାଇବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

# ଏହି ୬ ଅଭ୍ୟାସ କରିଦେବ ଦରିଦ୍ର

ମନୁଷ୍ୟ ନିଜ ଜୀବନରେ ସୁଖରେ ଜୀବନଯାପନ କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତଶାସ୍ତ୍ରରେ ଅନେକ ପ୍ରକାରର ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଏହା ବ୍ୟକ୍ତିଙ୍କୁ ବଞ୍ଚିବାର କଳା ଶିଖାଇଥାଏ । ଏକ ଶ୍ଳୋକ ମାଧମରେ ଦରିଦ୍ର ନ ହେବା ପାଇଁ ଜଣଙ୍କୁ କେଉଁ ଅଭ୍ୟାସ ତ୍ୟାଗ କରିବା ଉଚିତ୍ ତାହା ଚାଣକ୍ୟ କହିଛନ୍ତି । ଆସନ୍ତୁ ଜାଣିବା ସେ ବିଷୟରେ । ଜଣେ ବ୍ୟକ୍ତିକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ । ମଇଳା ପୋଷାକ ପିନ୍ଧିଥିବା ବ୍ୟକ୍ତିଙ୍କ ନିକଟକୁ କେବେବି ଲକ୍ଷ୍ମୀ ଆସନ୍ତି ନାହିଁ। କାରଣ ଏପରି ଲୋକଙ୍କୁ ସବୁ ଦିଗରୁ ଘୃଣା କରାଯାଇଥାଏ । ମଇଳା ଦାନ୍ତ ଥିବା ଲୋକମାନଙ୍କ ପାଖରେ ମଧ ଲକ୍ଷ୍ମୀ ବାସ କରନ୍ତି ନାହିଁ। ତାଙ୍କୁ ଦାରିଦ୍ର୍ୟର ସାମ୍ନା କରିବାକୁ ପଡିଥାଏ । ଦାନ୍ତ ସଫା କରୁଥିବା ବ୍ୟକ୍ତିଙ୍କ ଉପରେ ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି। ଆବଶ୍ୟକଠାରୁ ଅଧିକ ଖାଉଥିବା ଲୋକ କେବେବି ଧନୀ ହୋଇପାରିବ ନାହିଁ। ଗରିବ ଲୋକ ଅଧିକ ଦାରିଦ୍ର୍ୟର ଶିକାର ହୁଅନ୍ତି । ତିକ୍ତ ଶବ୍ଦ କହୁଥିବା ବ୍ୟକ୍ତି ଧନୀ ହୋଇପାରିବ ନାହିଁ। କାରଣ ତାର କଥାରେ ଅନ୍ୟଲୋକ ଆହତ ହୋଇଥାନ୍ତି। ଏଣୁ ସର୍ବଦା ବୁଝି ବିଚାରି କଥା କହିବା ଉଚିତ । ଅଧିକ ଶୋଉଥିବା ବ୍ୟକ୍ତିଙ୍କ ନିକଟକୁ ଲକ୍ଷ୍ମୀ ଆସନ୍ତି ନାହିଁ। ଏପରି ବ୍ୟକ୍ତି ମଧ କେବେ ଧନୀ ହୁଅନ୍ତି ନାହିଁ । ବିନା କାରଣରେ ଶୋଇବା କ୍ଷତିକାରକ ମଧ ହୋଇପାରେ। ପ୍ରତାରଣା ଏବଂ ଅସାଧୁତା ଦ୍ୱାରା ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି ଅଧିକ ସମୟ ଧରି ଧନୀ ରହନ୍ତି ନାହିଁ। ସେମାନେ ଶୀଘ୍ର ଟଙ୍କା ହରାନ୍ତି ବୋଲି ଚାଣକ୍ୟ କହିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପର୍ଯ୍ୟବେକ୍ଷଣ ବ୍ୟବସ୍ଥାର ବିଫଳତା: ପ୍ରଦୂଷଣ ନିୟନ୍ତ୍ରଣର ପ୍ରତିବନ୍ଧକ

କୌଣସି ନୀତିର ସଫଳତା ଓ ଶକ୍ତି, ତାହା ଯେଉଁ ତଥ୍ୟ ଉପରେ ଆଧାରିତ, ତାର ବିଶ୍ୱସନୀୟତା ଉପରେ ନିର୍ଭର କରେ । ଯେତେବେଳେ ପ୍ରମାଣ ହିଁ ଦୁର୍ବଳ ଏବଂ ଭ୍ରମାତ୍ମକ ହୋଇଯାଏ, ସେତେବେଳେ ସମଗ୍ର ଶାସନ ବ୍ୟବସ୍ଥା ଏକ ଅଦୃଶ୍ୟ ସଙ୍କଟ ମଧ୍ୟକୁ ଠେଲି ହୋଇଯାଏ । ବର୍ତ୍ତମାନ ଭାରତର ପରିବେଶ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାରେ ଏହି ସଙ୍କଟ ସ୍ପଷ୍ଟ ଭାବେ ଦେଖାଯାଉଛି । ଦେଶର ବିଭିନ୍ନ ସହରରେ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ମାପିବା ପାଇଁ ସ୍ଥାପିତ ହୋଇଥିବା ଅତ୍ୟାଧୁନିକ ନେଟୱାର୍କଗୁଡ଼ିକରୁ ମିଳୁଥିବା ତଥ୍ୟ ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଏକ ଗଭୀର ଶାସନଗତ ବିଫଳତାର ସଙ୍କେତ, ଯାହା ଜନସ୍ୱାସ୍ଥ୍ୟ, ସାମାଜିକ ବିଶ୍ୱାସ ଏବଂ ଦେଶର ଆନ୍ତର୍ଜାତୀୟ ପ୍ରତିବଦ୍ଧତାକୁ ଦୁର୍ବଳ କରୁଛି ।

ବହୁ ଆଡମ୍ବରରେ ଆରମ୍ଭ କରାଯାଇଥିବା ବାସ୍ତବ-ସମୟ (real-time) ପର୍ଯ୍ୟବେକ୍ଷଣ ପ୍ରଣାଳୀର ମୂଳ ଉଦ୍ଦେଶ୍ୟ ଥିଲା ନୀତି ନିର୍ଦ୍ଧାରକ ଏବଂ ଜନସାଧାରଣଙ୍କୁ ସଠିକ ସମୟରେ ସଠିକ ସୂଚନା ପ୍ରଦାନ କରିବା । କିନ୍ତୁ ବାସ୍ତବତା ଏହାର ବିପରୀତ । ଦେଶର ଅନେକ ମହାନଗରରେ ନାଗରିକମାନେ ଯେତେବେଳେ ବିଷାକ୍ତ ବାୟୁରେ ଶ୍ୱାସରୁଦ୍ଧ ଅନୁଭବ କରନ୍ତି, ସରକାରୀ ପୋର୍ଟାଲରେ ବାୟୁର ମାନକୁ 'ମଧ୍ୟମ' ବା 'ସନ୍ତୋଷଜନକ' ବୋଲି ଦର୍ଶାଯାଏ। ଏହି ଅମେଳର କାରଣ ଖୋଜିଲେ ଜଣାପଡ଼େ ଯେ ପ୍ରଦୂଷଣ ମାପିବା ପାଇଁ ଉଦ୍ଦିଷ୍ଟ ସମ୍ବେଦନଶୀଳ ସେନ୍ସରଗୁଡ଼ିକୁ ଅନେକ ସମୟରେ ଏଭଳି ସ୍ଥାନରେ ଲଗାଯାଉଛି, ଯେଉଁଠାରେ ପ୍ରଦୂଷଣର ପ୍ରକୃତ ସ୍ତର ଧରାପଡ଼ିବ ନାହିଁ । କେଉଁଠି ଗଛର ଘଞ୍ଚ ଛାଇ ତଳେ, ତ କେଉଁଠି କାନ୍ଥ ପଛରେ କିମ୍ବା ଅପେକ୍ଷାକୃତ ସ୍ୱଚ୍ଛ ପରିବେଶ ଥିବା ଅଞ୍ଚଳରେ ଏହାକୁ ସ୍ଥାପନ କରାଯାଉଛି । ଏହାଦ୍ୱାରା ଯେଉଁ ତଥ୍ୟ ସଂଗ୍ରହ ହେଉଛି, ତାହା ବାସ୍ତବ ସ୍ଥିତିର ପ୍ରତିନିଧିତ୍ୱ କରିବା ପରିବର୍ତ୍ତେ ଏକ ଭ୍ରମ ସୃଷ୍ଟି କରୁଛି । ଏହିପରି ଭ୍ରମାତ୍ମକ ତଥ୍ୟ ଉପରେ ଆଧାରିତ ନୀତି କେବେବି ସଫଳ ହୋଇପାରିବ ନାହିଁ ।

ଏହାର ପରିଣାମ ଅତ୍ୟନ୍ତ ଭୟାବହ । ଯେତେବେଳେ ପ୍ରଦୂଷଣର ପ୍ରକୃତ ସ୍ତରକୁ ଲୁଚାଇ ଦିଆଯାଏ, ସରକାର କଠୋର ପଦକ୍ଷେପ ନେବାରେ ବିଳମ୍ବ କରନ୍ତି । ଶିଳ୍ପସଂସ୍ଥା, ଯାନବାହନ କିମ୍ବା ନିର୍ମାଣ କାର୍ଯ୍ୟରୁ ହେଉଥିବା ପ୍ରଦୂଷଣ ଉପରେ ଆବଶ୍ୟକୀୟ କଟକଣା ଲାଗୁ ହୋଇପାରେ ନାହିଁ । ଫଳରେ, ସମସ୍ୟାଟି ଦିନକୁ ଦିନ ଜଟିଳ ହେବାରେ ଲାଗେ । ଏହା କେବଳ ନୀତିଗତ ବିଫଳତା ନୁହେଁ, ଏହା ଜନସାଧାରଣଙ୍କ ସହ ଏକ ପ୍ରକାରର ପ୍ରତାରଣା । ସରକାରୀ ତନ୍ତ୍ର ଉପରୁ ଲୋକଙ୍କର ବିଶ୍ୱାସ ତୁଟିଯାଏ । ଯେତେବେଳେ ଜଣେ ସାଧାରଣ ନାଗରିକ ନିଜ ଅଙ୍ଗେ ନିଭାଉଥିବା ସମସ୍ୟା ଏବଂ ସରକାରୀ ତଥ୍ୟ ଭିତରେ ଆକାଶ-ପାତାଳ ତଫାତ୍ ଦେଖେ, ସେତେବେଳେ ସମଗ୍ର ବ୍ୟବସ୍ଥା ଉପରେ ତାର ଆସ୍ଥା କମିଯାଏ ।

ଏହି ସମସ୍ୟା କେବଳ ବାୟୁ ପ୍ରଦୂଷଣ କ୍ଷେତ୍ରରେ ସୀମିତ ନୁହେଁ । ଶବ୍ଦ ପ୍ରଦୂଷଣ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି । ଦେଶର ଅଧିକାଂଶ ସହରରେ ଶବ୍ଦର ସ୍ତର ନିର୍ଦ୍ଧାରିତ ସୀମାଠାରୁ ବହୁତ ଅଧିକ, ଯାହା ନାଗରିକଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । କିନ୍ତୁ ଏହାକୁ ମାପିବା ପାଇଁ ଥିବା ନେଟୱାର୍କଗୁଡ଼ିକ ମଧ୍ୟ ତ୍ରୁଟିପୂର୍ଣ୍ଣ । ଏଥିପାଇଁ ଥିବା ଆଇନଗୁଡ଼ିକ ପୁରୁଣା ଏବଂ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ଦୁର୍ବଳ । ପ୍ରଯୁକ୍ତିବିଦ୍ୟାକୁ ଏକ ବୈଜ୍ଞାନିକ ଅନୁଶାସନ ସହ ବ୍ୟବହାର କରିବା ପରିବର୍ତ୍ତେ, ଏହାକୁ କେବଳ ଏକ ପ୍ରଦର୍ଶନୀ ଭାବରେ ଉପସ୍ଥାପନ କରାଯାଉଛି । ଏହି ଚକ୍‌ଚକ୍ କରୁଥିବା ଉପକରଣଗୁଡ଼ିକ ପଛରେ ଥିବା ବୈଜ୍ଞାନିକ କଠୋରତାର ଅଭାବ ଏକ ଅସ୍ୱଚ୍ଛ ବାତାବରଣ ସୃଷ୍ଟି କରୁଛି, ଯେଉଁଠି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଅସମ୍ଭବ ହୋଇପଡୁଛି ।

ଏହି ତଥ୍ୟଗତ ଜାଲିଆତିର ସବୁଠାରୁ ବଡ଼ ମୂଲ୍ୟ ଦେଶର ନାଗରିକମାନଙ୍କୁ ନିଜ ସ୍ୱାସ୍ଥ୍ୟ ଦ୍ୱାରା ଦେବାକୁ ପଡୁଛି । ବିଭିନ୍ନ ଆନ୍ତର୍ଜାତୀୟ ରିପୋର୍ଟ ସ୍ପଷ୍ଟ ଭାବେ ଦର୍ଶାଇଛି ଯେ ବାୟୁ ପ୍ରଦୂଷଣ କାରଣରୁ ଭାରତୀୟମାନଙ୍କ ହାରାହାରି ଆୟୁଷ ପାଞ୍ଚ ବର୍ଷରୁ ଅଧିକ କମିଯାଉଛି । ଯେତେବେଳେ ବିପଜ୍ଜନକ ବାୟୁକୁ 'ମଧ୍ୟମ' ବୋଲି କୁହାଯାଏ, ସେତେବେଳେ ଆଜ୍‌ମା ରୋଗୀ, ଶିଶୁ ଏବଂ ବୟସ୍କମାନଙ୍କୁ ଅଜାଣତରେ ମୃତ୍ୟୁମୁଖକୁ ଠେଲି ଦିଆଯାଏ । ସେହିପରି, ତ୍ରୁଟିପୂର୍ଣ୍ଣ ଶବ୍ଦ ତଥ୍ୟ ନବଜାତ ଶିଶୁ ଏବଂ ହୃଦ୍‌ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରେ । ପ୍ରତ୍ୟେକ ଭ୍ରମାତ୍ମକ ସୂଚକାଙ୍କ ପଛରେ ଏକ ପ୍ରତିରୋଧଯୋଗ୍ୟ କ୍ଷତିର କାହାଣୀ ଲୁଚି ରହିଥାଏ । ଏହା ନାଗରିକର ସମ୍ବିଧାନ ପ୍ରଦତ୍ତ ସୁସ୍ଥ ଜୀବନ ବଞ୍ଚିବାର ଅଧିକାର ଉପରେ ଏକ ସିଧାସଳଖ ଆକ୍ରମଣ ।

ଏହି ସମସ୍ୟାର ସମାଧାନ ପାଇଁ ଏକ ବହୁସ୍ତରୀୟ ପଦକ୍ଷେପର ଆବଶ୍ୟକତା ରହିଛି । ପ୍ରଥମତଃ, ପରିବେଶ ପର୍ଯ୍ୟବେକ୍ଷଣକୁ ଏକ ଅମଲାତାନ୍ତ୍ରିକ ଔପଚାରିକତା ଭାବେ ନ ଦେଖି, ଏହାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିଚାଳନା କରାଯିବା ଉଚିତ୍। ସେନ୍ସର ସ୍ଥାପନ ପାଇଁ ଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ । ଦ୍ୱିତୀୟତଃ, ସମଗ୍ର ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ କଞ୍ଚା ତଥ୍ୟକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରାଯିବା ଦରକାର । ତୃତୀୟ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି, ଏକ ସ୍ୱାଧୀନ ତୃତୀୟ-ପକ୍ଷ ଦ୍ୱାରା ନିୟମିତ ଭାବେ ଏହି ପର୍ଯ୍ୟବେକ୍ଷଣ ନେଟୱାର୍କଗୁଡ଼ିକର ଅଡିଟ୍ କରାଯିବା । ଏହାଦ୍ୱାରା ରାଜନୈତିକ ଏବଂ ଶିଳ୍ପଗତ ଚାପରୁ ମୁକ୍ତ ଏକ ବାସ୍ତବ ଚିତ୍ର ସାମ୍ନାକୁ ଆସିପାରିବ। ଏହା ସହିତ, ନାଗରିକ ସମାଜକୁ ଏହି ପ୍ରକ୍ରିୟାରେ ସାମିଲ କରି ଏକ ନାଗରିକ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ଗଠନ କରାଯାଇପାରିଲେ, ସରକାରୀ ତନ୍ତ୍ର ଉପରେ ଏକ ସକାରାତ୍ମକ ଚାପ ସୃଷ୍ଟି ହେବ ।

ପରିଶେଷରେ, ଏହା ମନେ ରଖିବାକୁ ହେବ ଯେ ଏହି ବିତର୍କ କେବଳ କିଛି ଯନ୍ତ୍ରପାତି ବା ତଥ୍ୟକୁ ନେଇ ନୁହେଁ, ଏହା ଦେଶର କୋଟି କୋଟି ଲୋକଙ୍କ ଜୀବନ ଓ ଭବିଷ୍ୟତ ସହିତ ଜଡ଼ିତ । ଭାରତର ଦ୍ରୁତ ସହରୀକରଣ ଏବଂ ଆର୍ଥିକ ବିକାଶର ପଥରେ ପରିବେଶ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଯଦି ଏହି ଆହ୍ୱାନର ମୁକାବିଲା ପାଇଁ ଆମର ମୂଳ ତଥ୍ୟ ହିଁ ଭ୍ରମାତ୍ମକ ହୁଏ, ତେବେ ଆମର ସମସ୍ତ ଯୋଜନା ବିଫଳ ହେବା ସୁନିଶ୍ଚିତ । ବାସ୍ତବ-ସମୟ ପ୍ରଯୁକ୍ତିବିଦ୍ୟା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ତାହା ବାସ୍ତବତାକୁ ପ୍ରତିଫଳିତ କରିବ । ନଚେତ୍, ଏହି ବାସ୍ତବ-ସମୟ ନେଟୱାର୍କଗୁଡ଼ିକ କେବଳ ବାସ୍ତବ-ସମୟର ପ୍ରତାରଣାରେ ପରିଣତ ହେବ, ଯାହାର ମୂଲ୍ୟ ଆମକୁ ଏବଂ ଆମର ଆଗାମୀ ପିଢ଼ିକୁ ନିଜ ଫୁସଫୁସ୍ ଏବଂ ସ୍ୱାସ୍ଥ୍ୟ ଦେଇ ପରିଶୋଧ କରିବାକୁ ପଡ଼ିବ।

# ଜାତୀୟ ସେବା ଯୋଜନା ଓ ଛାତ୍ରସମାଜ

ଡ଼. ମନୋଜ କୁମାର ମହାନ୍ତି

୧୯୬୯ ମସିହା ସେପ୍ଟେମ୍ବର ୨୪ରେ ଗାନ୍ଧୀଙ୍କ ଜନ୍ମଶତବାର୍ଷିକ ଉପଲକ୍ଷେ ଭାରତ ସରକାରଙ୍କ ଶିକ୍ଷା ବିଭାଗର ସ୍ୱରାଷ୍ଟ୍ର ମନ୍ତ୍ରୀ ଡ଼. ଭି.କେ.ଆର.କେ ରାଓ ୩୭ଟି ବିଶ୍ୱବିଦ୍ୟାଳୟରେ ଭାତୀୟ ସେବା ଯୋଜନାକୁ ଶୁଭାରମ୍ଭ କରିଥିଲେ। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଏକ ବିଶେଷ କାର୍ଯ୍ୟକ୍ରମରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । କାରଣ ୧୯୫୮ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଗାନ୍ଧୀଙ୍କ ଦେଶସେବାର ମହନୀୟତାକୁ ଗୋଷ୍ଠୀକେନ୍ଦ୍ର ମାଧ୍ୟମରେ ଗାଁରୁ ସହର ପର୍ଯ୍ୟନ୍ତ ସେବାର ମନୋବୃତ୍ତିକୁ ଯୁବକ ଓ ଛାତ୍ରଗୋଷ୍ଠୀ ମଧ୍ୟରେ ସ୍ୱେଚ୍ଛାକୃତଭାବେ ଏକ ସଚେତନ ସୃଷ୍ଟିକରିବା ସହ ସମାଜ ତଥା ଦେଶସେବାରେ ଯୁବବର୍ଗଙ୍କୁ ନିୟୋଜିତ କରାଇବା ଲକ୍ଷ୍ୟରେ ସେ ଆହ୍ୱାନ ଦେଇଥିଲେ। ଏସବୁ ପ୍ରଚ୍ଛଦ ପଟରେ ମହାତ୍ମା ଗାନ୍ଧୀଙ୍କ ଦେଶ ଓ ସମାଜ ସେବା ଥିଲା ମୂଳ ଲକ୍ଷ୍ୟ।

ପ୍ରତ୍ୟେକ ଦେଶ ଏକ ନିର୍ଦ୍ଧିଷ୍ଟ ମୂଲ୍ୟବୋଧପାଇଁ ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଥାଏ। ବିଶ୍ୱରେ ଯେତେ ଭୂଖଣ୍ଡ ଅଛି ସେମଧ୍ୟରୁ ଭାରତବର୍ଷ ସ୍ୱତନ୍ତ୍ର। ପ୍ରାକୃତିକ ଶୋଭାଠାରୁ ଆରମ୍ଭ କରି ମାନବିକ ମୂଲ୍ୟବୋଧ ପର୍ଯ୍ୟନ୍ତ ଭାରତୀୟ ପରିଚୟ ନିଆରା। ଆମ ପରମ୍ପରା, ସଂସ୍କୃତି ଆମ ଜୀବନ ସହ ଜଡିତ। ବସୁଧୈବ କୁଟୁମ୍ବ କମ୍ ହେଉଛି ଆମ ବିଶାଳ ହୃଦୟର ପରିଭାଷା। ବିଶ୍ୱଶାନ୍ତି ଆମର ଏକମାତ୍ର ଲକ୍ଷ୍ୟ। ପ୍ରେମ, ଦୟା, କରୁଣା ଓ ସେବା ଆମ ରକ୍ତରେ, ଶିରା ପ୍ରଶିରାରେ। ପ୍ରେମ- ଦୟା-କରୁଣାର ଉର୍ଦ୍ଧ୍ୱରେ ସେବା। ଯେଉଁ ସେବା ମଣିଷ ମଧ୍ୟରେ ପ୍ରେମ, ମମତା, ତ୍ୟାଗ ଓ ସହଯୋଗର ହାତ ବଢ଼େଇଥାଏ।

ଅହିଂସାର ପୂଜାରୀ, ଶାନ୍ତି, ପ୍ରେମ ଓ ସେବାର ମହାମାନବରୂପେ ପରିଚିତ ଗାନ୍ଧୀ ଅନୁଭବ କରିଥିଲେ ଦେଶର ସମସ୍ତ କ୍ଷେତ୍ରରେ ଛାତ୍ରରୂପକ ଯୁବକମାନଙ୍କର ଭୂମିକା ଯୁଗେ ଯୁଗେ । ଶୈଶବ ପରେ କୈଶୋରକୁ ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ ପ୍ରତ୍ୟେକ ଜୀବନପାଇଁ ଏକ ଚଳଚଞ୍ଚଳ ପ୍ରବାହମାନ ସ୍ରୋତ, ଶକ୍ତି ଓ ସାମର୍ଥ୍ୟର ତେଜୀୟାନ ଦ୍ୱୀପଶିଖା। ଭାରତର ସ୍ୱାଧୀନତା ସଂଗ୍ରାମପାଇଁ ଭାରତୀୟ ଆବାଳ-ବୃଦ୍ଧ-ବନିତା ବହୁମାତ୍ରାରେ ଅନୁପ୍ରାଣିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଯୁବଗୋଷ୍ଠୀ। ଗାନ୍ଧୀଙ୍କ ପାଦରେ ପାଦ ମିଶେଇ ଯେମିତି ଯୁବକ ନେହେରୁ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିଥିଲେ। କ୍ରାନ୍ତିକାରୀମାନଙ୍କ ମଧ୍ୟରେ ଭଗତ ସିଂ, ଖୁଦିରାମ ବୋଷ, ସୁଭାଷ ଚନ୍ଦ୍ର ବୋଷ, ବିନାୟକ ଦାମୋଦର ସବାରେକର, ବିର୍ଷମୁଣ୍ଡା, ବୀର ସୁରେନ୍ଦ୍ର ସାଏ ଏବଂ ବକ୍ସି ଜଗବନ୍ଧୁ ଆଦି ପ୍ରମୁଖ ଯୁବଗୋଷ୍ଠୀ ଦେଶପାଇଁ ନିଜ ଜୀବନକୁ ବଳି ଦେବାକୁ ପଛେଇ ନଥିଲେ। ଧର୍ମ ପ୍ରଚାରକଭାବେ ଆଦିଗୁରୁ ଶଙ୍କରାଚାର୍ଯ୍ୟ, ଗୌତମ ବୁଦ୍ଧ, ମହାବୀର ଜୈନ, ଏବଂ ସ୍ୱାମୀ ବିବେକାନନ୍ଦ । ଯୁବଶକ୍ତି ହିଁ ଅସମ୍ଭକୁ ସମ୍ଭବ କରିବାରେ ଦକ୍ଷ। ଯଦି ଯୁବ ତଥା ଛାତ୍ରସମାଜ ମଧ୍ୟରେ ଦେଶପ୍ରେମ ଓ ସେବାର ମହମନ୍ତ୍ରରେ ଦିକ୍ଷୀତ କରାଯାଏ ତେବେ ଭାରତ ଭଳି ଦେଶରେ ଅନେକ ପରିବର୍ତ୍ତନ ସହ ସାମାଜିକ ଉନ୍ନତି ପରିଲକ୍ଷିତ ହେବ। ବିଶେଷକରି ଛାତ୍ରସମାଜ ଯେଉଁମାନେ ଆଗମୀ ଭବିଷ୍ୟତ, ଯାହାକୁ ନେଇ ଦେଶ ଓ ସମାଜ ଦେଖେ ଅନେକ ସ୍ୱପ୍ନ। ଛାତ୍ରମାନଙ୍କୁ ଚାରିତ୍ରିକ ଶୃଙ୍ଖଳା ସହ ସାମାଜିକ ଦାୟିତ୍ୱବୋଧକୁ ଶିକ୍ଷା ମାଧ୍ୟମରେ ଦିଆଗଲେ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ନିଶ୍ଚୟ ହେବ। ଗାନ୍ଧୀଙ୍କର ଏହି ସ୍ୱପ୍ନକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ସଫଳ ରୂପାୟନ ହୋଇଥଲା। ତରୁଣ ଛାତ୍ରଛାତ୍ରୀଙ୍କ ସହାୟତାରେ ଗାଁଗହଳିରେ ସାଧାରଣଜନତାଙ୍କ ମଧ୍ୟରେ ସଚେତନ କରିବାର ପ୍ରୟାସରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନାର ସ୍ୱୋଚ୍ଛାସେବୀମାନେ ପ୍ରତିବର୍ଷ ଦୁଇଟି ସ୍ୱତନ୍ତ୍ର ସେବା ଶିବିର ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବନୀକରଣ, ନିଶା ନିବାରଣ, ନାରୀଶିକ୍ଷା, ସ୍ୱାକ୍ଷରତା, ଯୋଗାଭ୍ୟାସ, ନାରୀ ସଶକ୍ତ କରଣ, ରକ୍ତଦାନ, ଦୁର୍ନୀତି ତଥା ଭାରତୀୟ ସଂସ୍କୃତିର ମୁଲ୍ୟବୋଧକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦନା କରାଯାଉଛି। ସାମାଜିକ ସେବାର ମହତ୍ତ୍ୱକୁ ପ୍ରତିପାଦନ କରିବାରେ ଜାତୀୟ ସେବା ଯୋଜନା ଯେଉଁ ବୃହତ୍ ସଂକଳ୍ପ ନେଇଛି ତାହା ସତରେ ପ୍ରଶଂସାର ଯୋଗ୍ୟ। କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଭାରତର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟଗୁଡିକରେ ପ୍ରତିବର୍ଷ ଜାତୀୟ ଏକତା ଶିବିର, ରାଜ୍ୟ ଜାତୀୟ ସେବା ଶିବିର, ଜିଲ୍ଲା ସ୍ତରୀୟ ଯୁବ ନେତୃତ୍ୱ ଶିବିରମାନ ଆୟୋଜନପୂର୍ବକ ଦେଶର ଏକତାକୁ ଅକ୍ଷୁଣ୍ଣ ରଖିବାରେ ଚେଷ୍ଟିତ। ଶୀତକାଳୀନ ସ୍ୱତନ୍ତ୍ର ଶିବିର, ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ସହ ପ୍ରତିମାସରେ ଶିକ୍ଷାନୁଷ୍ଠାନ ଅନେକ ସଚେତନମୁଳକ କାମରେ ଛାତ୍ରଛାତ୍ରୀ ନିଜକୁ ନିୟୋଜିତ କରିଚାଲିଛନ୍ତି ।

ଜାତିବର୍ଣ୍ଣର ସାମାଜିକ ବିଭକ୍ତି କରଣପରେ ବର୍ଣ୍ଣ ଅନୁସାରେ କର୍ମକୁ ବଣ୍ଟି ଦିଆଯାଇଥିଲା ସମାଜ ମଧ୍ୟରେ। ଭିନ୍ନ ଭିନ୍ନ କର୍ମ ଦ୍ୱାରା ସମାଜକୁ ଦିଆ ଯାଉଥିବା ଅବଦାନକୁ ସାଧାରଣ ଭାବେ ସେବା କୁହାଯାଏ। ସେବାଦ୍ୱରା ସାମାଜିକ ଆବଶ୍ୟକତା ପୂରଣ ସହ ବ୍ୟକ୍ତିଗତ ଜୀବିକା ନିର୍ବାହ ହୋଇଥାଏ। ଯେବେ କର୍ମ ନିଜପାଇଁ କରାଯାଏ ତାହାକୁ ଶ୍ରମ କୁହାଯାଏ କିନ୍ତୁ ସେଇ କର୍ମ ସାମୁହିକ ଉଦ୍ଦେଶ୍ୟରେ କରାଗଲେ ତାହା ସେବାରେ ରୂପାନ୍ତରିତ ସହ ସେବାର ସ୍ୱୀକୃତି ଲାଭ କରେ। ସେବା ଶବ୍ଦଟି ମଣିଷର ଏକ ଦିବ୍ୟଗୁଣ ଭାବେ ଅଭିହିତ। କଥାରେ ଅଛି 'ମାନବ ସେବା ହିଁ ମାଧବ ସେବା'। ସେବା ହିଁ ସଚେତନତା, ସେବା ହିଁ ସାଧନା ଓ ସମାଜକୁ ଯୋଡ଼ିବାର, ସେତୁବାନ୍ଧିବାରେ ଏକ ମାତ୍ର ବିକଳ୍ପ। ସେବାର ଅସାଧାରଣ ବ୍ୟକ୍ତିତ୍ୱ, ଓଡ଼ିଶାରେ ପୂରପଲ୍ଲୀରେ ପରିଚିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମାଜ ସେବା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ତାଙ୍କର ସେ କାଳଜୟୀ କବିତାରେ ସେ ଲେଖିଛନ୍ତି: ମଣିଷ ଜୀବନ ନୁହଇ କେବଳ ବର୍ଷମାସ ଦିନଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନଦାଣ୍ଡ '। ପ୍ରେତ୍ୟେକ ମଣିଷ ନିଜର ମହନୀୟ କର୍ମ ତଥା ସମାଜପାଇଁ ଦେଇଥିବା ଯୋଗଦାନ ଯାହା ସାମାଜିକ ଉନ୍ନତି ସହ ଏକ ପରିବର୍ତ୍ତନର ବାର୍ତ୍ତା ମଣିଷ ମଧ୍ୟରେ ଆଣିଥାଏ। ପ୍ରତ୍ୟେକ ଛାତ୍ରଛାତ୍ରୀ ଏକ ଶୃଙ୍ଖଳିତ ଭବିଷ୍ୟତ ତଥା ଉତ୍ତମ ଚରିତ୍ର ଗଠନ ନିମନ୍ତେ ଜାତୀୟ ସେବା ଯୋଜନାରେ ନିଜକୁ ସାମିଲ୍ କରି ନିଜ ସମାଜ ଓ ଦେଶପାଇଁ ସେବାର ମନୋବୃତ୍ତି ସହ ନିଜ ବ୍ୟକ୍ତିତ୍ୱର ବିକାଶ କରନ୍ତୁ ଏହାହିଁ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସର ସଦିଚ୍ଛା।

+କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା,
ବି ଏନ ଏମ ଏ ମହାବିଦ୍ୟାଳୟ,
ଭଦ୍ରକ।
ମୋ:୮୮୯୫୩୪୧୦୩୩

# ମଧୁସୂଦନଙ୍କ ଉପରେ ଦୁଇ ବିରଳ ବ୍ୟକ୍ତିତ୍ୱଙ୍କ ପ୍ରଭାବ



ପୂଜାରାଣୀ ପାଣି

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ବହନ କରନ୍ତି ଉତ୍କଳ ଗୌରବ ଜାତିପ୍ରାଣ ମଧୁସୂଦନ ଦାସ.. ସେତେବେଳେ ଓଡିଶାର ବିଭିନ୍ନ ଅଞ୍ଚଳ ଖଣ୍ଡ ବିଖଣ୍ଡିତ ହୋଇ ଆନ୍ଧ୍ର, ମାନ୍ଦ୍ରାଜ, ବଙ୍ଗଳା ଓ ବିହାର ସହିତ ମିଶି ଥିଲା.. ଭାଷା ଭିତ୍ତିରେ ଖଣ୍ଡ ବିଖଣ୍ଡିତ ବିଚ୍ଛିର୍ନାଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡିଶାକୁ ଗଢିବା ପାଇଁ ମଧୁସୂଦନ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟିତ ଥିଲେ... ମଧୁସୂଦନ ଓଡିଶା ଫେରିବା ପରେ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ଗଠନ କରି ଓଡ଼ିଆ ଜନଜାତିକୁ ଏକତ୍ରିତ କରିଥିଲେ.. ସମ୍ମିଳନୀ ମଞ୍ଚରୁ ବାରମ୍ବାର ବ୍ରିଟିଶ ସରକାରଙ୍କୁ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରଦାନ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା.. ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡିଶା ସ୍ୱତନ୍ତ୍ର ହେଲା.... ସ୍ୱତନ୍ତ୍ର ଓଡିଶା ମଧୁସୂଦନଙ୍କର ଐକିକ ସଂଘର୍ଷର ସଫଳତା... କିନ୍ତୁ ଏ ସଫଳତାର ସ୍ୱାଦ ଚାଖିଲା ବେଳକୁ ମଧୁବାବୁଙ୍କର ଦେହାନ୍ତ ହେଇ ସାରିଥିଲା...

ମଧୁସୂଦନ ଯଦି ଏଇ ଦୁଇ ବ୍ୟକ୍ତି ବିଶେଷଙ୍କ ସଂସ୍ପର୍ଶରେ ଆସି ନଥାନ୍ତେ, ହୁଏତ ମଧୁବାବୁ ଜଣେ ଡେପୁଟି କଲେକ୍ଟର କି ଇନିସ୍ପେକ୍ଟର ହୋଇପାରିଥାନ୍ତେ ମାତ୍ର ଓଡିଶାର ପ୍ରଥମ ଗ୍ରାଜୁଏଟ, ପ୍ରଥମ ଏମ.ଏ. ପ୍ରଥମ ବି.ଏଲ. କି ପ୍ରଥମ ମନ୍ତ୍ରୀ ହେବା କେବଳ ଗୋଟିଏ ଅଭିଳାଷ ହୋଇ ରହିଯାଇଥାନ୍ତା । ନା ଓଡିଶା ସ୍ୱତନ୍ତ୍ର ହୋଇପାରିଥାନ୍ତା ନା ମଧୁବାବୁଙ୍କୁ ଆମେ କହୁଥାନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସ..

ଏଇ ଦୁଇ ବିରଳ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଜଣେ ବାବୁ ବିଚିତ୍ରାନନ୍ଦ ଦାସ ଓ ଅନ୍ୟ ଜଣେ ବାବୁ ନନ୍ଦ କିଶୋର ଦାସ-

ବାବୁ ବିଚିତ୍ରା ନନ୍ଦ ଦାସ -

ବାବୁ ବିଚିତ୍ରା ନନ୍ଦ ଦାସ ଓଡିଶା ରେ 'ଆଦିନେତା' ଭାବରେ ବେଶ ଜଣାଶୁଣା. ତାଙ୍କୁ ଓଡିଶାର ଜନସାଧାରଣ ଓଡ଼ିଆ ଜାତିର 'ଉଦୟ କର୍ତ୍ତା' ଭାବରେ ନିଃସଙ୍କୋଚରେ ଗ୍ରହଣ କରିଛି । ଆଧୁନିକ ଓଡ଼ିଶା ଓ ଓଡ଼ିଆଙ୍କ ବିଷୟରେ ଚିନ୍ତା କରିବା ଓ ଯଥା ସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତିତ୍ୱ... ୧୮୦୩ ମସିହାରେ ଇଂରେଜମାନଙ୍କ ଓଡିଶା ଅଧିକାର ପୂର୍ବରୁ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ ଓ ଜୟୀ ରାଜଗୁରୁଙ୍କ ପରେ ବାବୁ ବିଚିତ୍ରାନନ୍ଦ ଦାସ ଥିଲେ ଉତ୍କଳ ମାତାଙ୍କର ଯୋଗ୍ୟ ଉତ୍ତର ଦାୟଦ. ପରାଧୀନତା ଓ ବିଚ୍ଛିର୍ନାଞ୍ଚଳ ମଧ୍ୟରେ ବାବୁ ବିଚିତ୍ରା ନନ୍ଦ ନିଜର ପ୍ରତିଭାର ପରିସ୍ଫୁଟନ କରାଇ ପାରିଥିଲେ.. ଆଧୁନିକ ଉତ୍କଳର ନିର୍ମାଣ ବିଚିତ୍ରାନନ୍ଦଙ୍କ ଚିନ୍ତାଧାରାରୁ ସୃଷ୍ଟି...

ଯାଜପୁର ଜିଲ୍ଲା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ୧୮୨୬-୨୭ ମସିହା ମଧ୍ୟରେ ଏକ ଜମିଦାର ପରିବାରରେ ବିଚିତ୍ରା ନନ୍ଦଙ୍କର ଜନ୍ମ । ବିଚିତ୍ରା ନନ୍ଦ ଙ୍କର ପିତା ଥିଲେ ତ୍ରିଲୋଚନ ଦାସ । ବିଚିତ୍ରାନନ୍ଦ ଖୁବ ଚଞ୍ଚଳ ସ୍ୱଭାବର ଥିବାରୁ ପିତାଙ୍କ ପରାମର୍ଶରେ ଇଂରାଜୀ ପାଠରେ ମନୋନିବେଶ ନକରି ବାଲେଶ୍ୱର ରେ ନିଜର ପ୍ରଚଣ୍ଡ ଧୀ-ଶକ୍ତି ଓ ଅଦ୍ୱିତୀୟ ପ୍ରତିଭା ବଳରେ ମାତ୍ର ଚଉଦ ବର୍ଷ ବୟସରେ ଲୁଣ ବ୍ୟବସାୟରେ ଠିକାଦାର ହେଇ ପାରିଥିଲେ... ପୁନଶ୍ଚ କଟକର ଫୌଜଦାରୀ ଅଦାଲତ ରେ ସ୍ୱଳ୍ପ କାଳ ପାଇଁ ମୋହରୀର କାର୍ଯ୍ୟରେ ନିଯୁକ୍ତ ଥିଲେ... ବିଚିତ୍ରାନନ୍ଦ ନିଜର ଖ୍ୟାତି ବଳରେ ଖୁବ କମ ସମୟରେ କମିଶନରଙ୍କ ସିରସ୍ତା ଭାବରେ ନିଯୁକ୍ତ ହେଲେ ।

ଟି.ଇ. ରେଭେନ୍ସା ଓଡିଶାରେ କମିଶନର ହୋଇ ଆସିବା ପରେ ବିଚିତ୍ରା ନନ୍ଦ ଦାସଙ୍କ ଉପରେ ଖୁବ ପ୍ରଭାବିତ ହୋଇଥିଲେ । ବାବୁ ବିଚିତ୍ରା ନନ୍ଦଙ୍କୁ ରେଭେନ୍ସା ସାହେବ ନିଜର ପ୍ରଧାନମନ୍ତ୍ରୀ ଭାବରେ ପରିଚିତ କରାଉଥିଲେ । ବିଚିତ୍ରାନନ୍ଦ ଯେ କେବଳ ଜଣେ ସିରସ୍ତା ଥିଲେ ତା ନୁହେଁ । ସେ ଜଣେ ଶୁଦ୍ଧ ଦେଶଭକ୍ତ ଓ ପରୋପକାରୀ ମଣିଷ ଟିଏ ଥିଲେ । ଉତ୍କଳ ସମ୍ମିଳନୀ ପୂର୍ବରୁ ବାବୁ ବିଚିତ୍ରା ନନ୍ଦ ଦାସ 'କରେଜ କୋମ୍ପାନୀ' ଓ ସ୍ୱ ଜାତି-ସମ୍ମିଳନ' ନାମରେ ଦୁଇଟି ଅନୁଷ୍ଠାନ ଗଢିଥିଲେ. କୃଷି ବିଜ୍ଞାନ', 'ଉତ୍କଳ ପାଞ୍ଜି' ଓ' କରଣ କୁଣ୍ଡଳ'ର ରଚୟିତା ମଧ୍ୟ ବାବୁ ବିଚିତ୍ରା ନନ୍ଦ ଦାସ. ପୁରୀ ସ୍ଥିତ 'ଜଗନ୍ନାଥ ବଲ୍ଲଭ' ମଠର ତତ୍ୱାବଧାନରେ ବାବୁ ବିଚିତ୍ରା ନନ୍ଦ ନିୟୋଜିତ ଥିଲେ ।

ବିଚିତ୍ରାନନ୍ଦ ଜଣେ ଜ୍ଞାନୀ, ଗୁଣି, କୁଶଳୀ ଓ ପରୋପକାରୀ ବ୍ୟକ୍ତିତ୍ୱ ହିସାବରେ ସାରା ଓଡିଶା ରେ ବିଦିତ ଥିଲେ । ଗୌରୀଶଙ୍କରଙ୍କୁ ପ୍ରବର୍ତ୍ତାଇ କଟକରେ 'ଉତ୍କଳଦୀପିକା' ନାମରେ ପ୍ରଥମ ଓଡ଼ିଆ ସାପ୍ତାହିକ ସମ୍ବାଦ ପତ୍ରର ପ୍ରତିଷ୍ଠା କରାଇ ଥିଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ସମୟରେ ନିଜର ସମ୍ପତି ବାଡ଼ି ବିକ୍ରି କରି ଅସହାୟ ଲୋକଙ୍କୁ ସାହାଯ୍ୟ କରୁଥିଲେ । ଜାତିଚ୍ୟୁତ ହିନ୍ଦୁ ମାନଙ୍କୁ ନିଜ ହାତରୁ ପଇସା ଖର୍ଚ୍ଚ କରି' 'ପ୍ରାୟଶ୍ଚିତ' କରାଇ ପୁନର୍ବାର ହିନ୍ଦୁ ଧର୍ମରେ ପ୍ରବେଶ କରାଉଥିଲେ । କଟକ କଲେଜ ବା ରେଭେନ୍ସା କଲେଜ ପ୍ରତିଷ୍ଠା ପାଇଁ ଷାଠିଏ ହଜାର ଟଙ୍କା ଅର୍ଥରାଶି ଯୋଗାଡ଼ କରି ବିଚିତ୍ରାନନ୍ଦ ପ୍ରଦାନ କରିଥିଲେ. ନାରୀଶିକ୍ଷା, ନାରୀ ସୁରକ୍ଷା, ଜାତୀୟତା ବାଦ, ଭାଷା ସୁରକ୍ଷା, ସଂସ୍କୃତି, ସାହିତ୍ୟ, କୃଷି ଭଳି କେତେକ ଗୁରୁତ୍ୱପୂର୍ଣ ଦିଗ ଉପରେ ବାବୁ ବିଚିତ୍ରାନନ୍ଦ ଙ୍କର ଅବଦାନ ଅତୁଳନୀୟ ।

ବାବୁ ଜଣେ ସିରସ୍ତା ଥିବାରୁ ଓଡିଶାର ଅନେକ ବ୍ୟକ୍ତି ବିଶେଷ ବିଭିନ୍ନ ପରାମର୍ଶ ବିଚିତ୍ରାନନ୍ଦଙ୍କଠୁ ଗ୍ରହଣ କରୁଥିଲେ. ମଧୁସୂଦନ ଏଣ୍ଟ୍ରାନ୍ସ ପାଶ ପରେ ଏଫ. ଏ. ପଢିବା ପାଇଁ ପ୍ରବଳ ଆଗ୍ରହୀ ଥିଲେ. ତରୁଣ ମଧୁସୂଦନ ଓଡିଶା ର ପ୍ରଥମ ଗ୍ରାଜୁଏଟ ହେବାର ଅଭିଳାଷ ପିତା ରଘୁନାଥ ଦାସଙ୍କୁ ଜଣେଇବାରୁ ପିତା କ୍ଷୁବ୍ଧ ହେଲେ.. ରଘୁନାଥଙ୍କର ଆକାଂକ୍ଷା ପୁଅ ଡେପୁଟି କଲେକ୍ଟର ଚାକିରୀ ଟେ ପାଇଲେ ଘରର ଗୁଜୁରାଣ ମେଣ୍ଟିବ । ତେଣୁ ମଧୁସୂଦନଙ୍କୁ ବାଧ କରାଇ ଚିଠି ଖଣ୍ଡେ ଲେଖି ବିଚିତ୍ରା ନନ୍ଦଙ୍କ ନିକଟକୁ ଚାକିରୀ କରେଇବା ଉଦ୍ଧଶ୍ୟରେ ପଠାଇ ଥିଲେ । ଅନିଚ୍ଛାସତ୍ତ୍ୱେ ବିଚିତ୍ରା ନନ୍ଦଙ୍କୁ ତାଙ୍କ ତୁଳସୀ ପୁର ବାସ ଭବନରେ ଭେଟିଲେ । କଟକ ସ୍କୁଲ ଘଟଣାରୁ ବିଚିତ୍ରା ନନ୍ଦ ମଧୁସୂଦନଙ୍କ ବିଚକ୍ଷଣତା ଓ ସାହାସିକତା ବିଷୟରେ ଅବଗତ ଥିଲେ । ସେଦିନ ମଧୁସୂଦନଙ୍କ ଠିଁ ବୋଧେ ବିଚିତ୍ରା ନନ୍ଦ ଆଗାମୀ ଦିନର ଜନନାୟକଙ୍କୁ ଦେଖିପାରିଥିଲେ । ତେଣୁ ସେ ମଧୁବାବୁଙ୍କୁ ସେଦିନ କହିଥିଲେ- ଓଡ଼ିଆର କପାଳ ଲିଖନ କଣ କେବଳ ଅମଲା ଆଉ ମହାରୀର ହେବା.. ଏଣ୍ଟ୍ରାନ୍ସଠୁ ଅଧିକ କଣ କୋଉ ଓଡ଼ିଆ ପାଠ ପଢିବେ ନାହିଁ...

ଓଡିଶାର ଭାଗ୍ୟୋଦୟ କରିବାକୁ ହେଲେ ଉଚ୍ଚଶିକ୍ଷିତ ଯୁବକ ମାନଙ୍କର ଆବଶ୍ୟକତାକୁ ବିଚିତ୍ରା ନନ୍ଦ ମର୍ମେ ମର୍ମେ ଅନୁଭବ କରିଥିଲେ... ତେଣୁ ସେ ମଧୁସୂଦନଙ୍କୁ ବୁଝାଇ କହିଥିଲେ-ନିଜର ଇଚ୍ଛାଶକ୍ତି ବଳରେ କଲିକତା ଯାଇ ଏଫ.ଏ. କ୍ଲାସରେ ନାମ ଲେଖାଅ.. ଓଡିଶାର ପ୍ରଥମ ଗ୍ରାଜୁଏଟ ହେଇ ଓଡିଶାକୁ ଗର୍ବିତ କରାଅ.. ଏହାପରେ ମଧୁସୂଦନ ଆଉ ଅଟକି ନାହାନ୍ତି.. ରାମଚନ୍ଦ୍ର ଙ୍କ ଭଳି ପିତୃସତ୍ୟ ପାଳନ କରିନାହାନ୍ତି ସତ, ରାମରାଜ୍ୟ ଟିଏ ଗଢିବାରେ ସଫଳ ହେଇଛନ୍ତି ନିଶ୍ଚିତ.. ମଧୁସୂଦନ ବିଚିତ୍ରାନନ୍ଦଙ୍କ ପ୍ରେରଣା ଓ ଉତ୍ସାହ ବଳରେ କଲିକତା ଯିବାକୁ ସାହସ କରିଛନ୍ତି.. ସମୟକ୍ରମେ ସେ ହେଇପାରିଥିଲେ ଓଡିଶାର ପ୍ରଥମ ଗ୍ରାଜୁଏଟ ଓ ପ୍ରଥମ ଡିଗ୍ରୀଧାରୀ ଓକିଲ.. ୧୮୮୧ ମସିହା ରେ ମଧୁସୂଦନ କଲିକତା ରୁ ଓଡିଶା ଫେରିଲେ. ଏହା ପରଠୁ ଓଡିଶାର ନୂଆଇତିହାସ ଲେଖା ହେଲା.. ଆଞ୍ଚଳିକ ପ୍ରାଦେଶର ମିଶ୍ରଣର ଚିନ୍ତନାୟକ ମଧ୍ୟ ବିଚିତ୍ରାନନ୍ଦ. ସେଦିନ କଥା ଛଳରେ ମଧୁବାବୁଙ୍କୁ ବିଚିତ୍ରାନନ୍ଦ କହିଥିଲେ- ଗଞ୍ଜାମ, ସିଂହଭୂମି ଭଳି କେତେକ ଅଂଚଳ ଓଡିଶା ଠୁ ବିଚ୍ଛିନ୍ନ ହୋଇ ରହିଛନ୍ତି.. ବିଚ୍ଛିର୍ନାଞ୍ଚଳ ଗୁଡିକୁ ଏକତ୍ର ନକରିବା ପର୍ଯ୍ୟନ୍ତ ନା ଓଡ଼ିଆଙ୍କ ଭଗ୍ୟୋଦୟ ହେବ ନା ଓଡିଶାର । ମଧୁସୂଦନ ଏଇ କଥା କେଇପଦ ନିଜ ଜୀବନର ଲକ୍ଷ୍ୟ କରିନେଇଥିଲେ. ମାତ୍ର ଦୁଃଖର ବିଷୟ ମଧୁସୂଦନ ଓକିଲ ହେଇ ଓଡିଶା ଫେରିବା ପୂର୍ବରୁ ୧୮୭୫ ମସିହା ରେ ବାବୁ ବିଚିତ୍ରାନନ୍ଦ ଦାସ ଙ୍କର ମାତ୍ର ୪୮ ବର୍ଷ ବୟସରେ ଡାଇବେଟିସ ରୋଗରେ ଆଷ୍ଚର୍ଯ୍ୟଜନକ ଭାବରେ ମୃତ୍ୟୁ ହେଇ ସାରିଥିଲା।

ନନ୍ଦ କିଶୋର ଦାସ

ମଧୁବାବୁଙ୍କର ଧର୍ମାନ୍ତରୀଣ ପ୍ରସଙ୍ଗଟା ଓଡିଶାରେ ଗ୍ରହଣୀୟ ହେଲା ନାହିଁ। ଅନେକ ପତ୍ର ପତ୍ରିକା ମାଧ୍ୟମରେ ମଧୁବାବୁଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମାଲୋଚନା କରାଗଲା। ମଧୁସୂଦନ ସେତେବେଳେ କଲିକତାରେ ଅବସ୍ଥାନ କରୁଥିଲେ। ଓଡିଶାର କେତେକ ଶିଷ୍ଟ ବ୍ୟକ୍ତିବିଶେଷ ଓଡିଶାରେ ମଧୁବାବୁଙ୍କ ଆବଶ୍ୟକତାକୁ ଅନୁଭବ କରି ତାଙ୍କୁ ଓଡିଶା ଫେରିଆସିବା ପାଇଁ ବାରମ୍ବାର ଅନୁରୋଧ କରୁଥିଲେ। ସେହି ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବାବୁ ନନ୍ଦକିଶୋର ଦାସ ଅଗ୍ରଣୀ ଥିଲେ।

ନନ୍ଦକିଶୋର ୧୮୪୫ ମସିହା ରେ କଟକ ଜିଲ୍ଲାର କୁମୁଡା ଜୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ ନୃସିଂହ ଚରଣ ଦାସ। ୧୮୬୦ ମସିହାରେ ଏଣ୍ଟ୍ରାନ୍ସ ପାଶ ପରେ ଶିକ୍ଷା ବିଭାଗରେ ଜିଲ୍ଲା ଇନିସ୍ପେକ୍ଟର ଭାବରେ କାର୍ଯ୍ୟରତ ଥିଲେ। ତାଙ୍କୁ ରାୟବାହାଦୁର ଉପାଧି ପ୍ରଦାନ କରାଯାଇଥିଲା। ନନ୍ଦକିଶୋର ଜଣେ ସରକାରୀ କର୍ମଚାରୀ ଥିବା ମଧ୍ୟେ ନାନା ପ୍ରକାରର ଜନମଙ୍ଗଳ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ କରିପାରିଥିଲେ। ସେତେବେଳେ ଓଡ଼ିଆଙ୍କ ଦଶା ଦେଖି ନନ୍ଦକିଶୋର ବାରମ୍ବାର ମଧୁବାବୁଙ୍କୁ ପତ୍ରଯୋଗେ ଓଡିଶା ଫେରିବାକୁ ଅନୁରୋଧ କରୁଥିଲେ। ନନ୍ଦକିଶୋର ଙ୍କ ଅନୁରୋଧ ରେ ମଧୁବାବୁ ୧୮୮୧ ମସିହାରେ ମଧୁସୂଦନ କଲିକତାରୁ କଟକକୁ ଫେରିଥିଲେ। ମଧୁବାବୁଙ୍କ ରହିବାପାଇଁ ବିହାରୀବାଗଠାରେ ଏକ ବିରାଟ କୋଠା ନନ୍ଦକିଶୋର ଭଡା ନେଇଥିଲେ। ଓଡିଶା ଫେରିବାପରେ ଉଭୟଙ୍କ ମଧ୍ୟରେ ଖୁବ ଘନିଷ୍ଠତା ବଢିଥିଲା। ଉତ୍କଳର ଯଥାବିଧ ଉର୍ଣ୍ଣତି ସାଧନା ପାଇଁ ଉଭୟ କାର୍ଯ୍ୟରତ ଥିଲେ। ଆବଶ୍ୟକ ସ୍ଥଳେ ପରସ୍ପରର ପରାମର୍ଶ ଲୋଡୁଥିଲେ।

୧୮୮୮ ମସିହାରେ ଦିହେଁ ପାରିବାରିକ ସମ୍ପର୍କରେ ବାନ୍ଧିହେଲେ। ନନ୍ଦକିଶୋରଙ୍କ କନ୍ୟା ନିଶାମଣୀଙ୍କୁ ମଧୁସୂଦନଙ୍କ ସାନଭାଇ ଗୋପାଳବଲ୍ଲଭ ବିବାହ କରିଥିଲେ। ନିଶାମଣୀଙ୍କ ଅକାଳ ମୃତ୍ୟୁ ପରେ ନନ୍ଦକିଶୋରଙ୍କ ଆଉ ଏକ କନ୍ୟା ବସନ୍ତକୁମାରୀ ଗୋପାଳବଲ୍ଲଭଙ୍କ ସହଧର୍ମିଣୀ ହୋଇଥିଲେ। ନାରୀନେତ୍ରୀ ବିଶିଷ୍ଟ ସମାଜସେବୀ ମା ରମାଦେବୀ ଗୋପାଳ ବଲ୍ଲଭ ଓ ବସନ୍ତକୁମାରୀଙ୍କ ଔରସରୁ ଜନ୍ମ। ବିଶିଷ୍ଟ ଔପନାସିକ ଉପେନ୍ଦ୍ର କିଶୋର ନନ୍ଦକିଶୋରଙ୍କ ନାତି ଥିଲେ ଯାହାକୁ ପରେ ଗୋପାଳ ବଲ୍ଲଭ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ।

୧୮୯୪ ମସିହା ନନ୍ଦକିଶୋରଙ୍କ ଅକାଳବିୟୋଗ ପର୍ଯ୍ୟନ୍ତ ମଧୁବାବୁ ଓ ନନ୍ଦକିଶୋରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଥିଲା ।ଯେତେବେଳେ ମୁଷ୍ଟିମେୟ ବଙ୍ଗାଳିଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ଧ୍ୱଂସ କରିବାର ହୀନ ଚକ୍ରାନ୍ତ କରାଯାଉଥିଲା ସେତେବେଳେ ଓଡ଼ିଆ ଭାଷାକୁ ବିକଶିତ କରିବାପାଇଁ ତଥାକଥିତ ଓଡ଼ିଆ ସାହିତ୍ୟିକଙ୍କୁ ଓଡ଼ିଆ ସାହିତ୍ୟ ଓ ପାଠ୍ୟପୁସ୍ତକ ରଚନାକରିବା ପାଇଁ ନନ୍ଦକିଶୋର ପ୍ରବର୍ତ୍ତାଇ ଥିଲେ।

ବାସ୍ତବରେ ମଧୁବାବୁଙ୍କ ଜୀବନରେ ଏହି ଦୁଇ ବିଶିଷ୍ଟ ବ୍ୟକ୍ତି ହିଁ ସୂତ୍ରଧର ଅଟନ୍ତି। ଯେଉଁମାନେ ମଧୁସୂଦନଙ୍କ ସହିତ ଓଡିଶାର ମଧ୍ୟ ଭାଗ୍ୟପରିବର୍ତ୍ତନ କରାଇପାରିଛନ୍ତି।

+ବାଳକାଟି, ଖୋର୍ଦ୍ଧା
ମୋ: ୬୩୭୦୧୩୨୦୨୩

କବିତା କୋଣାର୍କ

## ଆହତ ପ୍ରେମର ବ୍ୟଥା

ନୀଳାମ୍ବର ପଣ୍ଡା

ଭଲପାଇବାର ପାଇଛି ପାଉଣା
ପ୍ରେମେ ବିଦାରିତ କ୍ଷତର ଯନ୍ତ୍ରଣା

କହି ହୁଏନା କି ସହି ବି ହୁଏନା
ଆହତ ମନର ବିରହ ଯାତନା ।

ଅଳ୍ପକେ ଦିନର ଗଳ୍ପ ସେ ସମ୍ପର୍କ
ସମ୍ମୋହେ ମଣିଲି ଏକାନ୍ତ ଆତ୍ମୀକ
ଭ୍ରମାତ୍ମକ ଥିଲା ବୁଝା ବିଚାରଣ
ଅଦୂରଦର୍ଶୀତ ଭାବ ହିଁ କାରଣ ।

ଭାବୋତ୍ତେଜନେ ବାସ୍ତବ ଭୁଲିଲି
ଅବାସ୍ତବତାରେ ବୟସ ହାରିଲି
ଶେଷେ ଅବଜ୍ଞାତେ ଆତ୍ମ ସନ୍ତୁଳନ
ନଷ୍ଟନୀଡ ପକ୍ଷୀ ବିଅର୍ଥ ଜୀବନ ।

ଆଜି ନିସ୍ତରଙ୍ଗ ଜୀବନଚର୍ଯ୍ୟାରେ
ଅତୀତ ଝରୁଛି ତପ୍ତ ଅଶ୍ରୁଧାରେ
ନିଃସଙ୍ଗାଚ୍ଛାଦିତ ନିସ୍ତବ୍ଧ ବେଳାରେ
ମନ ଗୁମୁରୁଛି ଅଭୁଲା ସ୍ମୃତିରେ ।

ସେ ଭଲପାଇବା ଅଗ୍ରାହ୍ୟେ ଲୋଟୁଛି
ଆତ୍ମ ସନ୍ତୁଳନେ ଆୟୁଷ ଧାଇଁଛି ।

+ ୭-କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୧

## ମୁକ୍ତାକେଶୀ

ଜଗଦୀଶ ସାହୁ

ଦୀପ ଜଳେ ଭଳିଭଳି
ଆସ ମାଆ ଶ୍ୟାମାକାଳୀ
ଭକ୍ତ କରେ ଅଳି ନରମୁଣ୍ଡ ମାଳି
ଶତ୍ରୁ ଦର୍ପ ଦିଅ ଦଳି ।

ଜିହ୍ୱା ଲହଲହ କରି
ହାତରେ ଖପୁରି ଧରି
ଗଳା ଦେଶେ ହାର ନାଲିଆ ମନ୍ଦାର
ରୂପ ଦିଶେ ଭୟଙ୍କରୀ ।

ମହାଶକ୍ତି ମୁକ୍ତାକେଶୀ
ପାପୀ ରକ୍ତ ନିଅ ଶୋଷି
ନ ହୋଇ ବିମୁଖ ସାଧୁ ସନ୍ଥ ରଖ
କଳିର କଳୁଷ ନାଶି ।

ତୁମରି ଚରଣ ତଳେ
ଶରଣ ମୁଁ କାଳେ କାଳେ
ଗିରିରାଜ ବାଳା ସନ୍ତାନ ବତ୍ସଳା
ସ୍ଥାନ ଦିଅ ତବ କୋଳେ ।

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬










ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୮୪



## ଡ. ସିନ୍ଧୁ ସେନ୍

॥ ଅଣଚାଳିଶ ॥

ଲଙ୍କାର ଚାରିଦ୍ୱାରରେ ମୁଁ ସଶସ୍ତ୍ର ପ୍ରହରୀ ଜଗାଇ ରଖିଥିଲି । ପୂର୍ବ, ପଶ୍ଚିମ, ଉତ୍ତର, ପୂର୍ବ ଚାରିଆଡ଼େ ଆମ ପ୍ରହରୀମାନେ ସଜାଗ ଥିଲେ । ହେଲେ ଏବେ ବାନରବାହିନୀଙ୍କ ଦ୍ୱାରା ସମସ୍ତ ଲଙ୍କାଗଡ଼ ଅବରୁଦ୍ଧ ହୋଇଗଲାଣି । ପ୍ରତିଟି ଦ୍ୱାରରେ ଶତ୍ରୁପକ୍ଷ ସଜାଗ ରହିଛନ୍ତି । ସାମାନ୍ୟ ଟିକିଏ ସୁଯୋଗ ପାଇଲେ ଲଙ୍କା ଭିତରକୁ ଧସେଇ ପଶି ଆସିବେ । ଗୁପ୍ତଚର ମାନଙ୍କ ପାଖରୁ ଶୁଣିଥିଲି ବାନରସେନା ମଧ କମ୍ ପରାକ୍ରମୀ ନୁହଁନ୍ତି, ସେମାନେ ମଧ ରଣକୌଶଳରେ ଧୁରନ୍ଧର। ଆମ ଲଙ୍କାଗଡ଼କୁ ଯେତେ ସୁରକ୍ଷିତ କରି ରଖିବାକୁ ଚାହିଁଲେ ମଧ ବାନରସେନା ମଧ ଆମର ସବୁ ଦ୍ୱାର ସମ୍ମୁଖରେ ପ୍ରତି ଆକ୍ରମଣ ପାଇଁ ଜଗି ରହିଛନ୍ତି । ପୂର୍ବଦ୍ୱାରରେ ଜଗି ରହିଛନ୍ତି ବାନରବୀର ନଳ, ଦକ୍ଷିଣ ଦ୍ୱାରରେ ଜଗି ରହିଛନ୍ତି ବାଳୀପୁତ୍ର ଅଙ୍ଗଦ । ପଶ୍ଚିମଦ୍ୱାରରେ ରହିଛନ୍ତି ବୀରଶ୍ରେଷ୍ଠ ପବନପୁତ୍ର ମହାବୀର ହନୁମାନ, ଉତ୍ତର ଦ୍ୱାରରେ ସ୍ୱୟଂ ରାମ ।

ଭାବୁଥିଲି, ଆଶ୍ଚର୍ଯ୍ୟ ଏ ରାମ, ପତ୍ନୀ ବିରହରେ ଛଟପଟ ହେଉଥିଲେ ମଧ ଅପୂର୍ବ ଥିଲା ତାଙ୍କ ଶୌର୍ଯ୍ୟବୀର୍ଯ୍ୟ । ଅଗ୍ନି ଭଳି ଜଳୁଛନ୍ତି ଯେମିତି । ତାଙ୍କ ସହ ଅଛନ୍ତି ସୁଗ୍ରୀବ, ବିଭୀଷ ଓ ଲକ୍ଷ୍ମଣ । ପର୍ଯ୍ୟାପ୍ତ ବାନରସେନା ମଧ ତାଙ୍କ ସହ ରହିଛନ୍ତି । ବାନରସେନା ମାନଙ୍କ ଧନୁଷ୍ଟଙ୍କାର ଓ ଗଦା ଶବ୍ଦରେ କମ୍ପି ଉଠୁଛି ଲଙ୍କା । ଦୂରରେ ଥିଲେ ବି ମୁଁ ଲଙ୍କାନଗରୀର ଚିତ୍ରପଟ୍ଟକୁ ବେଶ୍ ଦେଖି ପାରୁଥିଲି । ଆମ ନଗରୀର ପ୍ରାଚିରରୁ ଆସମୁଦ୍ର ଯାଏ ଲମ୍ବିଯାଇଛି ବିସ୍ତୀର୍ଣ୍ଣ ବାଲୁକାରାଶି । ସେହି ବାଲୁକାରାଶି ମଧରେ ଛାଇ ହୋଇଯାଇଛନ୍ତି ବାନରସେନା । ଚାରିପଟେ ତୁମୁଳ କୋଳାହଳ । ତାରି ମଧରେ ଭାଂଗିରୁଜି ଇତସ୍ତତଃ ହୋଇ ପଡ଼ିରହିଛି ରଥ, ଶକଟ, ନାନାଦି ଅସ୍ତ୍ରଶସ୍ତ୍ର, ବାସ୍ତବିକ ଏଇ ଅଳ୍ପ କେତୋଟି ଦିନ ମଧରେ ଲଙ୍କା ହତଶ୍ରୀ ହୋଇଯାଇଛି । ଆଉ ଏ ସବୁର କାରଣ ହେଉଛନ୍ତି ସେହି ବନଚାରୀ ରାମ । ବିଭୀଷଣ ସେଦିନ ମୋତେ ରାମଙ୍କ ପ୍ରଶଂସା କରି ସତର୍କ କରାଇ ଦେଇଥିଲେ । କହିଥିଲେ ରାମ ସାଧାରଣ ମାନବ ନୁହଁନ୍ତି । ସ୍ୱୟଂ ବିଷ୍ଣୁଙ୍କ ଅବତାରୀ । ମୁଁ କିନ୍ତୁ ତା କଥାକୁ ତାଚ୍ଛଲ୍ୟ କରି ପରିହାସ କରିଥିଲି । ବାରମ୍ବାର ସାନଭାଇ ମୁହଁରୁ ରାମଙ୍କ ପ୍ରଶଂସା ଶୁଣି ତାକୁ ପଦାଘାତ କରି ଲଙ୍କାରୁ ବିତାଡ଼ିତ କରି ଦେଇଥିଲି । ତାରି ପରିଣାମ ସ୍ୱରୂପ ମୁଁ ଏବେ ଲଙ୍କା ରାଜ୍ୟରେ ନିଜକୁ ନିଜେ ବନ୍ଦୀ କରି ରଖିଛି । ନିଜ ପରିବାର, ଅନୁଚର ମାନଙ୍କ ମଧରେ ମୁଁ ନିଜେ ଆବଦ୍ଧ । ସମସ୍ତେ ହିଁ ମୋତେ ସୀତାଦେବୀଙ୍କୁ ରାମଙ୍କ ନିକଟରେ ଫେରାଇ ଦେବାକୁ ପରାମର୍ଶ ଦେଇଛନ୍ତି, କିନ୍ତୁ ମୁଁ ଯେବେ କାହାରି ପରାମର୍ଶ ଶୁଣିନାହି ଏବେ ପୁଣି ପଛକୁ ଫେରିଯାଇ ପାରିବି ନାହିଁ । ସୀତାଦେବୀଙ୍କୁ ତେଣୁ ଫେରାଇଦେବା ମୋ ପାଇଁ ଅସମ୍ଭବ । ମୋତେ ମୋ ନିଜ ଯାତ୍ରାପଥରେ ଆଗେଇବାକୁ ପଡ଼ିବ । ରାମଙ୍କ ସହ ସନ୍ଧି କରି ତାଙ୍କ ଚରଣ ତଳେ ଆଶ୍ରୟ ନେବାକୁ ଚାହେଁନା । ବରଂ ବୀରତ୍ୱର ଯୁଦ୍ଧ କରିବାକୁ ଚାହେଁ । ଏହାହିଁ ମୋର ସଂକଳ୍ପ । ସ୍ଥିର କଲି, ନିଜେ ହିଁ ଯୁଦ୍ଧକ୍ଷେତ୍ରକୁ ଯାଇ ରାମ ଲକ୍ଷ୍ମଣର ସାମ୍ନା କରିବି । ଦେଖିବି କେତେ ଶକ୍ତିଶାଳୀ ସେମାନେ ।

ମନେମନେ ସ୍ଥିର କଲି, ଯୁଦ୍ଧକ୍ଷେତ୍ରକୁ ତ ଯିବି ହେଲେ, ତା ପୂର୍ବରୁ ଥରେ ରାଣୀ ମନ୍ଦୋଦରୀଙ୍କ ସହ ସାକ୍ଷାତ୍ କରି ଯିବା ଉଚିତ୍ ହେବ । ଉତ୍ତେଜିତ ଭାବେ ମନ୍ଦୋଦରୀ ଭବନ ଆଡ଼େ ମୁହାଁଇଲି । ଏତେ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲି ଯେ, ପରିଚାରିକା ହାତରେ ମନ୍ଦୋଦରୀଙ୍କ ନିକଟକୁ ଖବର ଦେବାକୁ ମଧ ଭୁଲି ଯାଇଥିଲି । ଅପ୍ରସ୍ତୁତ ଥିଲେ ମନ୍ଦୋଦରୀ। ମୋତେ ହଠାତ୍ ଦେଖି ବିଚଳିତ ହୋଇପଡ଼ିଲେ। କହିଲେ, ଲଙ୍କେଶ୍ୱର ଏମିତି କ'ଣ ଜରୁରି କାମ ପଡ଼ିଲା ଯେ କିଛି ଖବର ନଦେଇ ସିଧାସଳଖ ମୋ ଭବନକୁ ଚାଲି ଆସିଲେ।

ହଁ ରାଣୀ ଖାଲି ଜରୁରି ନୁହେଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇବା ପାଇଁ ତୁମ ନିକଟକୁ ଆସିବାକୁ ପଡ଼ିଲା।

ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅର୍ଥାତ୍, ଆଗାମୀ କାଲି ଯୁଦ୍ଧରେ କେଉଁ ମହାବୀରଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇବେ, ଏଇଆ ତ ?

ହଁ ରାଣୀ, କାହାକୁ ଆଉ ପଠେଇବିନି । ମୁଁ ନିଜେ ହିଁ ଯୁଦ୍ଧକ୍ଷେତ୍ରକୁ ଯିବି । ରାମ ଲକ୍ଷ୍ମଣଙ୍କୁ ସାମ୍ନା କରିବି ।

ଲକ୍ଷ୍ୟ କଲି, ମୋ କଥାଶୁଣି ମନ୍ଦୋଦରୀ ଏତେମାତ୍ରାରେ ବିଚଳିତ ହୋଇପଡ଼ିଲେ ଯେ, ସତରେ ଯେମିତି ତାଙ୍କ ମୁଣ୍ଡରେ ବଜ୍ରାଘାତ ହେଲା। କିଛିସମୟ ପାଇଁ ସେ ଭୟ ଓ ଆଶଙ୍କାରେ ମୌନ ହୋଇଗଲେ । ମୋ ଗୋଡ଼ ଦୁଇଟିକୁ ଜାବୁଡ଼ି ଧରି କହିଲେ ସ୍ୱାମୀ ଆପଣ ଯୁଦ୍ଧକ୍ଷେତ୍ରକୁ ଯାଆନ୍ତୁ ନାହିଁ । ଅନେକଦିନ ଧରି ମୁଁ ଅଶୁଭ ଶକୁନର ସ୍ୱପ୍ନ ଦେଖୁଛି । ତାଙ୍କ କଣ୍ଠର ଭାଷା ଥରି ଉଠୁଥିଲା । ମୋ ପାଦ ଦୁଇଟି ତାଙ୍କ ଚକ୍ଷୁର ଲୋତକରେ କ୍ରମଶଃ ଓଦା ହୋଇ ଯାଉଥିଲା । ଯୁଦ୍ଧକ୍ଷେତ୍ରକୁ ନ ଯିବା ପାଇଁ ଅନେକ କାକୁତି ମିନତି କରୁଥିଲେ ମୁଁ କିଛି ବୁଝିପାରୁ ନଥିଲି। ଏଇ କ'ଣ ମୋର ପାଟରାଣୀ ମନ୍ଦୋଦରୀ । ଅତୀତରେ ଯିଏ ମୋ ମସ୍ତକରେ ବିଜୟର ତିଳକ ପିନ୍ଧାଇ ଯୁଦ୍ଧକ୍ଷେତ୍ରକୁ ଯିବାପାଇଁ ଶୁଭେଚ୍ଛା ଜଣାଉଥିଲା । ଆଜି ତାର ଏତେ ପରିବର୍ତ୍ତନ । ଅତ୍ୟଧିକ ଭାବପ୍ରଣତାରେ ବିବଶ ହୋଇ ପଡୁଥିଲା ମନ୍ଦୋଦରୀ । ଭାବୁଥିଲି ମୋର ଏ ଯୁଦ୍ଧଯାତ୍ରା ତ ପ୍ରଥମ ନୁହେଁ । ଅତୀତରେ ମଧ ଏମିତି ଯୁଦ୍ଧଯାତ୍ରା ବେଳେ ସେ ହସିହସି ବିଜୟ ହେବାର ଶୁଭେଚ୍ଛା ଜଣାଇ ବିଦାୟ ଦେଇଥିଲେ । ଅଥଚ, ଏବେ ଏ କି ବିଡ଼ମ୍ବନା ମନ୍ଦୋଦରୀଙ୍କର ? ରାକ୍ଷସବୀର ଲଙ୍କାଧିପତି ରାବଣର ରାଣୀଙ୍କ ପକ୍ଷରେ ଏତେ ଦୁର୍ବଳତା ଶୋଭା ପାଏନା । କାହାକୁ ଭୟ କରୁଛନ୍ତି ମନ୍ଦୋଦରୀ । ସେହି ମାୟାବୀ ରାମଙ୍କୁ । କେମିତି ବୁଝାଇବି ତାଙ୍କୁ । ଲଙ୍କାନଗରୀ ଏବେ ସଂପୂର୍ଣ୍ଣ ଶତ୍ରୁଦ୍ୱାରା କବଳିତ । ରାଜା ହିସାବରେ ପ୍ରଜାମାନଙ୍କର ସୁରକ୍ଷା ମୋର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ଏପରି ପରିସ୍ଥିତିରେ ମୋତେ ଘରେ ଲୁଚି ରହିବାକୁ ମନ୍ଦୋଦରୀ ପରାମର୍ଶ ଦେଉଛନ୍ତି। ନା ନା ରାବଣ କଦାପି ଏମିତି କରିପାରିବନି । ମୋତେ ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିବ ।

ମନ୍ଦୋଦରୀଙ୍କୁ ରୋକ୍‌ଠୋକ୍ ଶୁଣାଇଥିଲେ ମୋ ମନର ଅଭିଳାଷ । କହିଲି ଭୁଲିଯାଉଛି ରାଣୀ, ତୁମେ କେବଳ ମୋର ସହଧର୍ମିଣୀ ନୁହେଁ, ସମଗ୍ର ଲଙ୍କା ନଗରୀର ପାଟରାଣୀ । ରାଜା, ରାଣୀ ଭାବେ ଆମ ଦୁହିଁଙ୍କର କିଛି ବ୍ୟକ୍ତିଗତ ସ୍ୱାର୍ଥ ନଥାଏ । ବରଂ ସମଗ୍ର ପ୍ରଜାକୁଳ ଆମର ସନ୍ତାନ। ତେଣୁ ରାଜ୍ୟର ସ୍ୱାର୍ଥ ହିଁ ଆମ ସ୍ୱାର୍ଥ । ଏ କ୍ଷେତ୍ରରେ ରାଜ୍ୟର ପାଟରାଣୀ ଭାବେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପ୍ରଜାମାନଙ୍କର ସ୍ୱାର୍ଥରକ୍ଷା କରିବା ଆମର ଧର୍ମ ଓ କର୍ତ୍ତବ୍ୟ । ତୁମେ ଥରେ ଭାବି ଦେଖ ରାଣୀ । ଏହି ଯୁଦ୍ଧ କରୁକରୁ ଆମର ସେନାବାହିନୀର କେତେ କେତେ ଯୋଦ୍ଧା ବୀରଗତି ପାଇଲେଣି । ସେମାନଙ୍କର ପରିବାର ଲୋକେ କିଏ ସ୍ୱାମୀହରା ତ କିଏ ପିତୃହରା, ପୁତ୍ରହରା । କେତେକେତେ ସିମନ୍ତୀନିର ସିନ୍ଦୂର ପୋଛି ହୋଇଯାଇଛି ଏ ଯୁଦ୍ଧ ପାଇଁ । ସବୁ ପରିବାରରେ ଏବେ ହାହାକାର । ସେମାନେ ଯଦି ନିଜ ଦେଶ ପାଇଁ ତ୍ୟାଗ କରିପାରୁଛନ୍ତି ତେବେ ତୁମେ ରାଜରାଣୀ ହୋଇ ସେତିକି ତ୍ୟାଗ କରିପାରିବନି କାହିଁକି ? ବରଂ ତୁମେ ମୋତେ ଏସବୁ କ୍ଷେତ୍ରରେ ଉତ୍ସାହ ଦେବା ଦରକାର । ମାନୁଛି ମୋର କିଚି ଭୁଲ୍ ହୋଇଯାଇଛି । ମାତ୍ର ଯାହା ଘଟିଯାଇଛି ତାହା ଆଉ ଫେରିବ ନାହିଁ । ବରଂ ଆଗକୁ ଯାହା ଘଟିବାର ଥିବ, ନିଶ୍ଚୟ ଘଟିବ। ତେଣୁ, ତୁମେ ଯେତେ ଯାହା କହିଲେ ମଧ ମୁଁ ତୁମ କଥାରେ ଏକମତ ହୋଇ ପାରିବିନି। ମୁଁ ତେଣୁ ଆଗାମୀ କାଲି ପ୍ରଭାତରେ ନିଶ୍ଚୟ ଯୁଦ୍ଧକୁ ଯିବି।

ତହିଁ ପରଦିନ ରଥରେ ଚଢ଼ି ଯୁଦ୍ଧକ୍ଷେତ୍ରକୁ ବାହାରିଲି । ମୋ ସହିତ ପୁତ୍ର ଇନ୍ଦ୍ରଜିତ ଆଉ କେତେକ ରାକ୍ଷସବୀର ଆସିବାକୁ ଚାହୁଁଥିଲେ। ସମସ୍ତେ ଚାଲିଗଲେ ଲଙ୍କାନଗରୀକୁ ଜଗିବ କିଏ । ତେଣୁ କିଛି ବୀରଙ୍କୁ ସେଠାରେ ରଖି ସାମାନ୍ୟ କେତେଜଣ ସୈନ୍ୟମାନଙ୍କୁ ନେଇ ଯୁଦ୍ଧକ୍ଷେତ୍ରକୁ ବାହାରିଲି । ମୋର ଜୟଜୟକାର ଧ୍ୱନିରେ ଲଙ୍କା ନଗରୀ କମ୍ପି ଉଠୁଥିଲା । ମୋର ଏକମାତ୍ର ଲକ୍ଷ୍ୟ ଥିଲା ରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିବା । ଯିବା ପଥରେ ସୁଗ୍ରୀବ ମୋ ବାଟ ଓଗାଳି ଠିଆ ହେଲେ । ଇଚ୍ଛା ନଥିଲେ ମଧ ବାଧ ହୋଇ ତାଙ୍କ ସହ ଯୁଦ୍ଧ କରିବାକୁ ପଡ଼ିଲା। ବାନରରାଜ ସୁଗ୍ରୀବ ଥିଲେ ବହୁ ପରାକ୍ରମୀ । କିନ୍ତୁ ମୋ ସହ ସେ ଯୁଦ୍ଧରେ ପରାଜିତ ହେଲେ । ଏମିତି ଅନେକ ବାନରବୀର ମୋ ସହ ଯୁଦ୍ଧ କରି ପରାସ୍ତ ହେଲେ । ଶେଷରେ ରାମାନୁଜ ଲକ୍ଷ୍ମଣ ମୋ ସମ୍ମୁଖରେ ଆସି ଛିଡ଼ା ହେଲେ । ମୋତେ ଯୁଦ୍ଧଂ ଦେହିର ଡାକରା ଦେଇ ବ୍ୟତିବ୍ୟସ୍ତ କରି ପକାଇଲେ । ମୁଁ ତାଙ୍କୁ କହିଲି ଲକ୍ଷ୍ମଣ, ମୁଁ ତୁମ ସହ ଯୁଦ୍ଧ କରିବାକୁ ଆସି ନଥିଲି । ମୁଁ ବୀର । ତେଣୁ ତୁମ ଅଗ୍ରଜ ରାମଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ କରୁଛି । ତୁମେ ଭଲରେ ଭଲରେ ଫେରିଯାଅ। ଲକ୍ଷ୍ମଣ କନ୍ତୁ ମୋ କଥାରେ କ୍ରୋଧିତ ହୋଇ ଉଠିଲେ, ଚକ୍ଷୁସ୍ଫୁରିତ କରି କହିଲେ, ମୋତେ ପରାସ୍ତ କରିସାରିଲା ପରେ ଯାଇ ମୋ ଅଗ୍ରଜଙ୍କ ସହ ଯୁଦ୍ଧ କରିବ । ଇଚ୍ଛା ନଥିଲେ ଲକ୍ଷ୍ମଣଙ୍କ ସହ ମୋତେ ଯୁଦ୍ଧ କରିବାକୁ ପଡ଼ିଲା। ଦୀର୍ଘ ସମୟ ଧରି ଆମ ଦୁହିଁଙ୍କର ଯୁଦ୍ଧ ଚାଲିଲା। ମୋର ପ୍ରତିଟି ବାଣକୁ ସେ ଅସ୍ତ୍ର ଦ୍ୱାରା ପ୍ରତିରୋଧ କରି ଦେଇଥିଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୧୧ ॥

ସୃଷ୍ଟିର ସକଳ ଉପାଦାନ ସେହି ନଭିକ ମଧରେ ଥିଲା । ଦିତି, ଆମେ ଯଦି ଗୋଟିଏ ଶବ୍ଦ ବା ବାକ୍ୟକୁ ବିଶ୍ୱାସରେ ପ୍ରତିଦିନ ମନ ମଧରେ ଆବୃତ୍ତି କରିଥାଉ, ତାହା ଅଦୃଶ୍ୟ ଜଗତରେ ଏକ ପ୍ରତିକ୍ରିୟା ସୃଷ୍ଟି କରେ । କାରଣ ଶବ୍ଦ ହିଁ ବ୍ରହ୍ମ । ବେଦ ସ୍ରଷ୍ଟା ବ୍ରହ୍ମା ମାନେ ବର୍ଷ, ବର୍ଷ ଧରି ବେଦ ମନ୍ତ୍ର ଗୁଡ଼ିକ ରେ ପ୍ରାକୃତିକ ଶକ୍ତି ଗୁଡ଼ିକର ବନ୍ଦନା କରିବାରୁ, ତାଙ୍କର ବଂଶଜ ମାନଂକ ଗୁଣ ସୂତ୍ର ରେ ମଧ ଏହି ଶକ୍ତି ରହିଥିଲା ।ମଣିଷର ପୁନର୍ଜ୍ଜନ୍ମ ଅଛିକି ନାହିଁ ମୋତେ ଜଣାନାହିଁ । ସେ ଗର୍ଭରେ ଥାଇ ଶୁଣି ପାରେ କି ନାହିଁ ମୁଁ ଜାଣିନାହିଁ । କିନ୍ତୁ ଆମ ପୂର୍ବଜଙ୍କ ଗୁଣ ସୂତ୍ର ଆମ ଠାରେ ଥାଏ । ଏହିପରି ଅଭିମନ୍ୟୁ ହୁଏତ ଯୋଦ୍ଧାର ଜ୍ଞାନ ପ୍ରାପ୍ତ ହୋଇଥିଲେ । ନବଜାତ ଶିଶୁଟି କିପରି ନିଦ୍ରାରେ ହସିଥାଏ ? ଏହି ଉଚ୍ଚାରିତ ବେଦ ମନ୍ତ୍ର ମାନେ ଏକ ବୃକ୍ଷ ରୂପରେ ଫଳ ଲାଭ ପର୍ଯ୍ୟନ୍ତ ସଫଳ ହୋଇଗଲେ । ବାୟୁ ଚାଳନା ହେଉଛି ଯୋଗ ର ଶକ୍ତି । ସୂଚନା ଅନୁସାରେ ସାଧକ ମାନଂକ ପାଇଁ ବାୟୁକୁ ରୁଦ୍ଧ କରିବା ହେଉଛି ବାୟୁକୁ ପ୍ରସାରିତ କରିବା । ଏହିପରି ନିଗମ ଯୋଗ ଶକ୍ତି ସେ ଫଳକୁ ପୃଥିବୀରେ ଅବତରଣ କରାଇଲା ।' ସକଳ ବେଦ ହୋଇ ବୃକ୍ଷେ, ଫଳ ଫଳିଲେ ଅନ୍ତରୀକ୍ଷେ । ଏହି ଫଳ ଥିଲା ଜ୍ଞାନ ଫଳ । (ଶ୍ରୀମଦ୍ ଭାଗବତରେ ଏହି ଫଳ ଶବ୍ଦଟିର ପ୍ରୟୋଗ ଗଛର ଫଳ ଅର୍ଥରେ ପ୍ରୟୋଗ କରାଯାଇନାହିଁ । ଏହା ଏକ ଫଳାଫଳର ସୂଚନା ମାତ୍ର । ଶୁକ ମୁନୀ ଏହି ଜ୍ଞାନ ଫଳର ସ୍ୱାଦ ପାଇ ମାୟା, ମୋହରେ ଜୀବନ ବିତାଇ ଦେଲେ । କେହି ବାସ୍ତବ ବାଦୀ ଏହି ବୃକ୍ଷକୁ ଏକ ବୃକ୍ଷ ଏବଂ ଫଳକୁ ସୂର୍ଯ୍ୟ କହିଥାନ୍ତି, ଯାହା ସୃଷ୍ଟିର ଜୀବନ । ମାତ୍ର ବ୍ରହ୍ମା, ଯିଏକି ବ୍ରହ୍ମକୁ ଧାରଣ କରିଥିଲେ, ସେ ଏହି ଯୋଗ ବଳରେ ସୃଷ୍ଟିର ସମସ୍ତ ତତ୍ତ୍ୱ ଓ ଜ୍ଞାନ ଲାଭ କଲେ । ବିଷ୍ଣୁଙ୍କ ନାଭିରୁ ବ୍ରହ୍ମା ବା ସ୍ରଷ୍ଟା ଯୋଗ ବା ଯୁକ୍ତ ହୋଇ ତାରକା ମାନଙ୍କର ସୃଜନ କଲେ । ଏହି ତାରକା ମାନଂକ ମଧରେ କେତେକ ତାରକା ଥିଲେ, ସେମାନଙ୍କ ଉପାଦାନରେ ପୃଥିବୀ ପରି ଜଳ, ବାୟୁ, ପ୍ରାଣୀ ଓ ଉଦ୍ଭିଦ ମାନ ସୃଷ୍ଟି ହୋଇ ପାରିବ । ଏହିପରି ଜୀବନ୍ତ ଗ୍ରହ ମାନଙ୍କ ଉପାଦାନକୁ କଶ୍ୟପ କୁହା ଯାଉଥିଲା । କୋଟି, କୋଟି ବର୍ଷ ପରେ ସୃଷ୍ଟିର ନିୟମ ଅନୁସାରେ ଏହି ଗ୍ରହ ଓ ତାରା ମାନେ ଶକ୍ତିହୀନ ବା ମୃତ ହୋଇଗଲେ ଓ ଧୂଳି କଣରେ ପରିଣତ ହୋଇ ଗୋଟିଏ କୃଷ୍ଣାବର୍ତ୍ତ ସୃଷ୍ଟି ହେଲା । ଶ୍ରୀମଦ୍ ଭାଗବତ ଅନୁସାରେ ସତ୍ତ୍ୱ ବିକାରରୁ ମନ, ଜଳରୁ ପୃଥିବୀ ବା ଜୀବନ, ଏହାପରେ ବିଜ୍ଞାନ ମହିମା ରେ କୌଣସି ସ୍ଥାନ ପାଇନଥିବା ଭୂତ ମାନେ ଏକତ୍ରିତ ହୋଇ ଗୋଟିଏ ଅଣ୍ଡ ସୃଷ୍ଟି କଲେ । ତେଜ ବିକାରରୁ ବୁଦ୍ଧି, ଇନ୍ଦ୍ରିୟ ଆଦି ଜନ୍ମ ହେଲେ । ଜୀବର ଅଙ୍ଗମାନେ ସୃଷ୍ଟି ହେଲା ।କିନ୍ତୁ କେବଳ ଭଗବାନ ହିଁ ଅଚେତନ ଜୀବ ଠାରେ ଚେତନା ସୃଷ୍ଟି କଲେ । ଏହି ଅଣ୍ଡ ବହୁଦିନ ଜଳରେ ( ପୃଥିବୀରେ ପ୍ରଥମେ ଜଳରୁ ଜୀବନ ସୃଷ୍ଟି ) ରହିବା ପରେ ଜୀବମାନେ ଜନ୍ମ ହେଲେ । ବିଷ୍ଣୁଙ୍କ ନାଭିରେ ଭୂର୍ବ ଲୋକ, ଶିରରେ ସତ୍ୟ ଲୋକ, କଣ୍ଠରେ ମହର୍ଲୋକ ଆଦି ଓ ତଳ ମାନେ ପାଦ ପର୍ଯ୍ୟନ୍ତ ରହିଥିଲେ । ଭୁ ଲୋକ ଥିଲା ପୃଥିବୀ । ବିଷ୍ଣୁଙ୍କଠାରୁ ଉତ୍ପତ୍ତି ଏହି ଉପାଦାନ ଓ ଲୋକ ମାନେ ମାନବ ଠାରେ ମଧ ନିର୍ଦ୍ଦିଷ୍ଟ ରହିଅଛି । ଏହି ଭୁର ଲୋକ ହେଉଛି ନାଭି, ଯାହା ମଧ୍ୟ ଭାଗରେ ଥାଇ ଉଭୟ ଦିଗରେ ଜୀବନ ସଞ୍ଚାଳନ କରେ । ଏହା ବ୍ୟତୀତ ଜୀବନ ଧାରଣ ହୁଏନାହିଁ । ଅଶ୍ୱିନୀ କୁମାର ମାନେ ନାସା ରେ ଥାଇ ବାୟୁ ଚାଳନା ବା ରୋଗ ପ୍ରତିରୋଧ କରନ୍ତି । ଦେହର ନାଡୀ ମାନେ ନଦୀ ଏବଂ ରସନା ସର୍ବଦା ଜଳ ଦେଉଥିବାରୁ ଏହା ବରୁଣ ବା ସମୁଦ୍ର, ଅଗ୍ନିରୁ ଶବ୍ଦ ସୃଷ୍ଟି ହେଲା ।ଏହା କୃଷ୍ଣ ଗର୍ତ୍ତ ଅଞ୍ଚଳ ହୋଇ ପାରେ ! ଯାହା ମଧ ରେ ବିଶ୍ୱ ର କୌଣସି ଶକ୍ତି ପ୍ରବେଶ କରି ପାରନ୍ତି ନାହିଁ । ଏହି କୃଷ୍ଣ ଗର୍ତ୍ତ ନିକଟରେ ବିଶାଳ ଜଳ ରାଶି ଥିବାର ସନ୍ଧାନ ମିଳିଛି । ବୈଜ୍ଞାନିକ ମାନେ (ପଠିତ)ଏହି ସୂତ୍ର ଅନୁସାରେ ଏହି କୃଷ୍ଣ ଗର୍ତ୍ତର ଅପର ପାର୍ଶ୍ୱରେ ଆଲୋକିତ ତେଜ ବା ଜ୍ୟୋତି ପୂର୍ଣ୍ଣ ଏକ ଶୁକ୍ଳ ଗର୍ତ୍ତ ଅଛି ବୋଲି ଚିନ୍ତା କରୁଛନ୍ତି । ଏହା ହିଁ ସୃଷ୍ଟି ର ଆରମ୍ଭ ସ୍ଥାନ ଓ ଏହି ଠାରୁ ଜାତ ହୋଇ ସୃଷ୍ଟି ପ୍ରସାରିତ ହୋଇଥିଲା ଓ କୃଷ୍ଣ ଆବାର୍ତ୍ତ ଶେଷ ସ୍ଥାନ ଓ ପୁଣି ଏଠାରୁ ପୁନର୍ଜନ୍ମ ହୋଇଥିଲା ଓ ଧୂଳି କଣା ମାନେ ଏହାର ଅପର ପାର୍ଶ୍ୱ ରେ ବା ସେହିଠାରେ ଏକ ନୀହାରୀକା ସୃଷ୍ଟି କଲେ ।ଏହି ନୀହାରିକାର ଆକୃତି ଏକ ପ୍ରଜାପତି ପରି ଥିଲା । ଏହାହିଁ ଥିଲା ବ୍ରହ୍ମାଙ୍କ ସ୍ୱରୂପ । କିନ୍ତୁ ସେହି ଧୂଳି କଣ ମଧରେ, ଶରୀର ମଧରେ ଚେତନା ବା ଆତ୍ମା ପରି ଜୀବନ ଶକ୍ତି ମାନେ ଅମୃତ ହୋଇ ରହିଥିଲେ । ଏହି ପ୍ରଜାପତି ନୀହାରିକ । ମଧରେ ସୃଷ୍ଟିର ପ୍ରସାରଣ କରୁଥିବା ନବଧା ପ୍ରଜାପତିଙ୍କ ସହ ସମସ୍ତ ପ୍ରଜାପତି ମାନେ, ଯେଉଁ ମାନେ ବଂଶ ରକ୍ଷା ଓ ନୂତନ ଜୀବ ସୃଷ୍ଟି କରନ୍ତି, ସମସ୍ତେ ବାସ କରୁଥିଲେ । ମନ୍ଥନ( ଧୀରେ ଧୀରେ ଗୋଟିଏ ସ୍ଥାନର ଅଣୁ ଅନ୍ୟ ସ୍ଥାନରେ ମିଶାଇବା ) ବା ବିଭାଜନ କରିବା, ପାଳନ କରିବା, ଯୁକ୍ତ ବା ଯୋଗ ବା ଗୁଣିତକ କରିବା ଓ ମିଶ୍ରଣ କରି ସୃଷ୍ଟିର ପ୍ରସାରଣ କରିବା ପ୍ରଜାପତି ମାନଂକ କାର୍ଯ୍ୟ ଥିଲା । ଏହିପରି ଏକ କଣ ବା କ୍ଷୁଦ୍ରାଦି କ୍ଷୁଦ୍ରରୁ ଏକ ବିଶାଳ ନିହାରିକା ସୃଷ୍ଟି କଲା । ଏହା ମଧରେ ଅଦିତି ଜ୍ୟୋତି ( ପ୍ଲାଜମା) ଥିଲେ ଏବଂ ସେମାନେ କ୍ରମେ ଛାୟା ପଥ ମାନ ସୃଷ୍ଟି କଲେ ଓ କ୍ରମେ ଆକାଶ ଗଙ୍ଗା ଛାୟାପଥ ମଧରେ ଏକ ନିହାରିକ । ଓ ସେଥିରୁ ଏକ ଅଣ୍ଡ ସୃଷ୍ଟି କଲେ । ସେହି ଅଣ୍ଡ ପ୍ରସାରିତ ହୋଇ ସେଥିରୁ ସୂର୍ଯ୍ୟ ଓ ଗ୍ରହ ମାନେ ସୃଷ୍ଟି ହେଲେ ଓ ପୁଣି ଏହା ସଙ୍କୁଚିତ ହୋଇ ପୂର୍ବ ପରି ହୋଇଗଲା । ଅଦୃଶ୍ୟ ଭାବ ରେ ଏହି ବ୍ରହ୍ମ ବିଭିନ୍ନ ଲୋକ ବା ଜଗତ ମଧ ସୃଷ୍ଟି କଲେ ଓ ସେହି ଉପାଦାନ ମନୁଷ୍ୟ ଶରୀରରେ ଯୁକ୍ତ ହେଲା । (ଗୀତାରେ ଭଗବାନ କହିଛନ୍ତି ଯେ ସମସ୍ତ ଜୀବ ମାନଂକ ମଧରେ ମୁଁ ଅଛି । କିନ୍ତୁ ମୋ ମଧରେ ସେମାନେ କେହି ନାହାନ୍ତି । ) ଦିତି, ଜୀବ ମଧରେ ଜଡ ଓ ଜଡ ମଧରେ ଜୀବ ଅଛି। ଯେପରି ମାନବ କୃତ ଓ ମାନବ ଦ୍ୱାରା ନିୟନ୍ତ୍ରିତ ଯନ୍ତ୍ର ମାନେ ମାନବ ମାନଂକ ଠାରୁ ସହସ୍ର ଗୁଣରେ ଶକ୍ତିଶାଳୀ ସେହିପରି ଏମାନେ ନିବିଡ ଅନ୍ଧକାର ମଧରେ ମାନବଠାରୁ କୋଟି, କୋଟି ଗୁଣ ଦୃଷ୍ଟି, ଶ୍ରବଣ , ପର୍ଯ୍ୟବେକ୍ଷଣ ଆଦି ଶକ୍ତି ବଳରେ ସ୍ରଷ୍ଟାଙ୍କ ନିୟମ ଅନୁସାରେ ନିୟନ୍ତ୍ରିତ ହୋଇ ଅତି ଶୃଙ୍ଖଳିତ ଭାବେ ନିଜର କାର୍ଯ୍ୟ କରି ଚାଲି ଥିଲେ ।'

'ତାପରେ ?'

'ଦିତୀ, ପ୍ରାୟ ଚାରିଶହ ପଚାଶ କୋଟି ବର୍ଷ ତଳେ ସୂର୍ଯ୍ୟ ସୃଷ୍ଟି ହେଲେ । ଏହାପରେ ବୃହସ୍ପତି ଓ ପୃଥିବୀ ଆଦି ସୃଷ୍ଟି ହେଲେ । ବୁଧ,ଶୁକ୍ର ଓ ମଙ୍ଗଳ ଗ୍ରହ ସୃଷ୍ଟି ହୋଇ ନଥାନ୍ତି । ସେହି ସମୟରେ ପୃଥିବୀ ଓ ବୃହସ୍ପତି ମଧରେ ଏକ ଗ୍ରହ ବା ଉପଗ୍ରହ ଥିଲା । ଏହାର ନାମ ତାରା । ପୃଥିବୀ ଅଣ୍ଡାକାର ପଥରେ ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିଲା ବେଳେ ,ଏହା ଏକ ବିଶାଳ ବୃତ୍ତାକାର ପଥରେ ପରିକ୍ରମା କରୁଥିଲା । କୌଣସି ସମୟରେ ସୂର୍ଯ୍ୟ ବା ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା କକ୍ଷ ଚ୍ୟୁତ ହେଲା ଓ ଉଭୟ ଗ୍ରହ ମଧରେ ଧକା ଲାଗି ପୃଥିବୀର ଗୋଟିଏ ବିଶାଳ ଖଣ୍ଡ ଓ ଗୋଟିଏ କ୍ଷୁଦ୍ର ଖଣ୍ଡ ଏବଂ ଏହି ଗ୍ରହର ଏକ ବିଶାଳ ଓ କ୍ଷୁଦ୍ର ଖଣ୍ଡ ତଫାତ ହୋଇ ପୃଥିବୀ ଚାରି ପଟେ ଘୁରି ବୁଲିଲେ । ସମୟ କ୍ରମେ ବିଶାଳ ଖଣ୍ଡଟି ତାରାର କ୍ଷୁଦ୍ର ଖଣ୍ଡ ସହ ଯୁକ୍ତ ହୋଇ ଚନ୍ଦ୍ର ସୃଷ୍ଟି ହେଲେ ଓ ତାରାର ବିଶାଳ ଖଣ୍ଡଟି ପୃଥିବୀର ଅତି କ୍ଷୁଦ୍ର ଖଣ୍ଡ ସହ ମିଳିତ ହୋଇ ବୁଧ ଗ୍ରହ ସୃଷ୍ଟି ହେଲେ ଓ ସୂର୍ଯ୍ୟଙ୍କ ନିକଟକୁ ଟାଣି ହୋଇ ଘୁରିବାରେ ଲାଗିଲେ । (କଳ୍ପିତ) । ଏହାପରେ ଅନ୍ୟ କେତେକ ଗ୍ରହ ସୃଷ୍ଟି ହେଲେ । ସୂର୍ଯ୍ୟଙ୍କ ପୂର୍ବରୁ ଧ୍ରୁବ ତାରା ସୃଷ୍ଟି ହୋଇ ଥିଲେ । ସେ ବର୍ତ୍ତମାନ ର ଧ୍ରୁବ ତାରା ନଥିଲେ ।ଜୀବନ ସୃଷ୍ଟିର ଆରମ୍ଭରେ ଆକାଶ ରେ ଦେଖା ଦେଇଥିଲେ କଶ୍ୟପ ତାରା । (କାସ୍ପିଆ ନାମରେ ଏକ ତାରା ତିନି ଶହ କୋଟି ବର୍ଷପୂର୍ବେ ଥିଲା । ଏହା କଶ୍ୟପ ତାରା ହୋଇପାରେ !! କିନ୍ତୁ ବିଜ୍ଞ ମାନଂକ ମତରେ କଶ୍ୟପ ଏକ ସପ୍ତ ଋଷି ମଣ୍ଡଳ ମଧରେ ଥିଲେ । ପଚାଶ କୋଟି ବର୍ଷ ହେଲା ସେ ଆଉ ଆକାଶ ରେ ନାହାନ୍ତି । ପ୍ରଥମେ ଯଦି ପୃଥିବୀର ଦିନ, ରାତି ଛ 'ଘଣ୍ଟା ଥିଲା, ପ୍ରଥମ କୋଟିରେ ତିନି ଘଣ୍ଟା, ଦ୍ୱିତୀୟ କୋଟିରେ ଚାରି ଘଣ୍ଟା, ତୃତୀୟ କୋଟିରେ ପାଞ୍ଚ ଘଣ୍ଟା ଓ ଚତୁର୍ଥ କୋଟିରେ ଛ ଘଣ୍ଟାରୁ ଚାରି ଘଣ୍ଟା ବଢ଼ିଛି । ଶେଷ ଶୋହଳ ଘଣ୍ଟା ପ୍ରାୟ ଏକରୁ ଛ କୋଟି ବର୍ଷ ପୂର୍ବେ ସୃଷ୍ଟି ହୋଇଥିଲା । ପୃଥିବୀ ରେ ଚବିଶ ଘଣ୍ଟା ଓ ମହାକାଶରେ ଶୋହଳଟି ସୂର୍ଯ୍ୟ ଉଦୟ ହେବାର ଗୋଟିଏ ସେକେଣ୍ଡ ବା ମିନିଟ ପୂର୍ବରୁ ଯଦି ନୃବାନର ମାନେ ସୃଷ୍ଟି ହୋଇଥିଲେ, ଏହି ଏକ ମିନିଟ ପୂର୍ଣ୍ଣ ହେବାକୁ ପ୍ରାୟ ଛବିଶ ଲକ୍ଷ ବର୍ଷ ଲାଗିଥିଲା । ଦିତି, ଆମ ପୃଥବୀ ଭୂଲୋକ ଅଟେ । ଅନ୍ୟ ଲୋକ ମାନେ ବୋଧହୁଏ ପିଣ୍ଡ ଓ ବ୍ରହ୍ମାଣ୍ଡରେ ଅଦୃଶ୍ୟ ଭାବରେ ଥିବା ଶକ୍ତିର ଜଗତ । ସ୍ୱ ଲୋକ ବୋଧହୁଏ ଶୁକ୍ଳ ଆବର୍ତ୍ତ ମଣ୍ଡଳ ପରି । ଯେଉଁଠି ପରମ ଆତ୍ମ ଶକ୍ତି ନିଜ ଇଚ୍ଛାରେ ସ୍ରଷ୍ଟା ଓ ସୃଷ୍ଟିର ସୃଜନ କରି ଏହାକୁ ପରିଚାଳିତ କରିଥାଏ । ଏହା ଜୀବନ ଶକ୍ତିର କେନ୍ଦ୍ର ହୋଇଥାଏ । ସତ୍ୟ ଲୋକରେ ସତ୍ୟ ମାନେ ପ୍ରକାଶ ହୁଅନ୍ତି !! ଏହି ତଥ୍ୟ ମାନ ଏଥି ସହ ସଂପର୍କିତ ସାଧକ ଓ ବିଜ୍ଞମାନେ ସବିଶେଷ ଓ ସଠିକ୍ ଭାବେ ଜାଣିଥିବେ !! ଏହି ଶୁକ୍ଳ ଗର୍ତ୍ତ, ସୂର୍ଯ୍ୟ, ବିଷୁବ ବୃତ୍ତ, ଏମାନେ ଶକ୍ତିର କେନ୍ଦ୍ର ବା ନାଭି ଅଞ୍ଚଳ । ବିଷ୍ଣୁଙ୍କ ହସ୍ତରେ ଥିବା ଶଙ୍ଖ ଏହି ନାଭିର ପ୍ରତୀକ ହୋଇପାରେ !! ପୁରୀକୁ ଶଙ୍ଖ ନାଭି ମଣ୍ଡଳ କୁହା ଯାଏ । ଏମିତିରେ ପୃଥିବୀ ଓ ଦେବ ଗ୍ରହ ମାନେ ବାମରୁ ଦକ୍ଷିଣକୁ ଘୁରୁଥାଏ । (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ନୀଳ ତୃଷ୍ଣା

### ସୁଲକ୍ଷଣୀ ସାହୁ



ଆକାଶେ ଅନୁରାଗ ଲୋଡିନି ମୁଁ ଯେ
ମାଗିନି ତା ସମ୍ମୋହନ ନୀଳ ନୀଳ
ନୀଳମୟ ଆବେଗ ପ୍ରେମଭକ୍ତି ମୁକୁଳିତ
ନୀଳ ନୀଳ ନୟନେ କି ମାୟା କରିଛି
ସେ ନୀଳ ବର୍ଣ୍ଣ ରସିକଚନ୍ଦ୍ର।

ମାଗିନି ନାମ ଏଇ ଆମ ନୀଳ ନୀଳ ସମ୍ପର୍କର ନିବିଡ଼ପଣକୁ
ପ୍ରତୀକ୍ଷାରତ ଏ ମନ ରୁଦ୍ଧିତ
ଛନକାରେ କ୍ଷଣେ କ୍ଷଣେ ଆନ୍ଦୋଳିତ
ଖୋଜି ଖୋଜି ତା ଉପସ୍ଥିତି ଦିନ ରାତି
ହୁଏ ନୀଳ ବିରହ ବ୍ୟାଧିତ।

ନୀଳ ନୀଳ ସାଗରର ଅସୀମ ନୀଳ ଉଦବେଗରେ
ଖୋଜେ କେବେ କେବେ ତା' ନୀଳ ନୀଳ ମୋହକ
ଅଯୂତ ଗ୍ଲାନିରେ ଆତୁର ମୁଁ
ନୀଳ ନୀଳ ବିସ୍ତୃତ ତରଙ୍ଗାୟିତ ନୀଳ ଆବରଣ
ନୀଳ ମଳିନ ପଲକେ ଚାହିଁ ରହିଥାଏ
ନିରବ ମୋ ଅସମର୍ଥ ପାରିବାପଣ।

ନୀଳ ନୀଳ ଜ୍ୟୋସ୍ନାଭିଜା ନୀଳ ଜହ୍ନ ରାତି
ନୀଳ ନୀଳ ନଈରେ ଅଭିଷିକ୍ତ କଇଁର ନୀଳ ତାତି
କାଣିଚାଏ ନୀଳ ଆଲିଙ୍ଗନ ସ୍ପୃହାରେ
ଝୁରି ନିଥର ହଲେ ନୀଳ ମନ
କଳା କଳା ବଉଦର ଡହଡହ ଛଳନାରେ
ପୋଡି କୁହୁଁଳୁଥାଏ ଅଭିସାରିକା ରାତିର ନୀଳ ଦହନ
ନୀଳ ନୟନ ନୀଳ ଶ୍ରୀଅଙ୍ଗ ନୀଳ ନୀଳ ବଂଶୀ ସ୍ୱନ
ମୋ ସମ ନୀଳ ଆକୁଣ୍ଠ ନୀଳମୟ...
କୁଞ୍ଜ ବନ,କଦମ୍ବ ମୂଳ, ଯମୁନା କୂଳ,
ନୀଳ ତୃଷିତ ସହସ୍ର ଗୋପୀ ପ୍ରାଣ।


+ଖରିଆର ରୋଡ,
ନୂଆପଡା


## ଧିକ୍କାର

### ଆଦ୍ୟାଶା ମହାପାତ୍ର



ଧିକ୍କାର ସେଇ ହିଂସ୍ର ସ୍ୱଭାବକୁ
ପଶୁତ୍ୱ ଠୁ ଯା' ହୀନ
ଶାନ୍ତି ସଂହତି ଦୟା କ୍ଷମା ଭୁଲି
ବର୍ବରତାରେ ମଗ୍ନ,
ଥରାଇ ଦେଇଛି ଏ ମାଟିର ଛାତି
ଧର୍ମାନ୍ଧ ବିଭୀଷିକା
ଜହ୍ଲାଦ ରଚିଛି ନରସଂହାର
ଭୁଲିଛି ମାନବିକତା ।

ଅସୂୟାର ବହ୍ନି ଜଳେ ଦାଉଦାଉ
ପାଷାଣ୍ଡ ଅନ୍ତରରେ
ଅସହ୍ୟ ହୁଅଇ ଆନନ୍ଦ ଉଲ୍ଲାସ
ଦେଖି ଏଇ ଭୂଖଣ୍ଡରେ,
ଦୁଷ୍ଟ କାପୁରୁଷ ଦୈତ୍ୟ ଆତତାୟୀ
ବୁଦ୍ଧି ବିବେକ ଶୂନ୍ୟ
ରକ୍ତର ହୋଲି ଖେଳେ ନିର୍ବିକାରେ
ହରାଇ ବସିଛି ଜ୍ଞାନ ।



କିଏ ସେଇ ଅରି ଛପି ଛପି ଆଜି
ଘୃଣାର ମଞ୍ଜି ବୁଣେ
ଏ ଦେଶ ସଂହତି ପ୍ରତିହତ କରେ
କୁତ୍ସିତ ସ୍ୱଭାବ ପଣେ,
ବିଶ୍ୱ ସମୁଦାୟ ଘୃଣା କରେ ଯାରେ
ଧିକ୍ ତା'ର ଜୀବନ
ଅଭିସନ୍ଧି ତା'ର ନହେବ ସଫଳ
ବୃଥା ତା'ର ଆସ୍ଫାଳନ ।

ଲୁପ୍ତ ହୋଇବ ଆତଙ୍କ ଅଚିରେ
ଏ ଦେଶେ ଫେରିବ ଶାନ୍ତି
ହିନ୍ଦୁସ୍ଥାନ ହେବ ବିଶ୍ୱ ମହାଗୁରୁ
ସ୍ୱସ୍ତି ସୌହାର୍ଦ୍ଦ୍ୟର ଶକ୍ତି ।


+ନୂଆପଡା, କଟକ


## କାମନା ଏତିକି

### ସୁନନ୍ଦା ମହାନ୍ତି



ଋତୁ ସବୁଙ୍କୁ କରି ବନ୍ଦୀ
ପିନ୍ଧି ବିନ୍ଦି ସିନ୍ଦୁରେ ଛନ୍ଦି
ସଂସାରେ ହୋଇଗଲା ପରେ ବାନ୍ଧି
ଥିଲା କେବେ କନ୍ୟା ଦୁହିତା ହୁଣ୍ଡୀ
ସ୍ତ୍ରୀ ରୂପେ କାଶତଣ୍ଡୀ
ଜନନୀରୁ ଅମଳି ଚଉଷଠି ମସଲା ଗୁଣ୍ଡି
ଭଗିନୀ ସେ ବେଳ ଉଣ୍ଡି
ମାଗିନେଉଥିଲା ଚାନ୍ଦି
ହେଲା ଛନ୍ଦି ବାନ୍ଧି ପୂଜି ଚଣ୍ଡୀ
ନାରୀ ରୂପେ କେତେ କାନ୍ଦି
ବଦଳାଇ ଭେକ ଭୋକ କାରସାଦି ଧନ୍ଦି
ଆଜି ଦୁର୍ଗା ରୂପେ ସଂସାରେ କରି ସିଦ୍ଧି
ନିଜେ ନାରୀ ହୋଇ ଋଦ୍ଧି
ପାଳୁଛି ବିଧି ରଖିଛି ବୁଦ୍ଧି
କରି ସାମାଜିକ ତଉଲ ଭେଦ ଛେଦି
ତଥାପି ପାରୁନି ଭେଦି
ହେଇ ଇଶ୍ୱରୀ ପୂଜି ମାଆ ପଦ ବନ୍ଦି
ନାରୀ ରୂପେ ମାଆ ସାବିତ୍ରୀ ପାର୍ବତୀ
ସତୀ ସୀତା ମାତା ଗୌରୀ ଧୂମାବତୀ
କୋଉ ରୂପ କେବେ ଧରି
ନାରୀ ରୂପ ଦେବୀ ପରି
କେବେ ସଂହାରୀ କେବେ ଭୁଜ ପ୍ରସାରୀ
କରିଦେ ମାଆ ନାରୀକୁ ଏକ ଇଶ୍ୱରୀ
ବତୁରି ବତୁରି ଗୁଣ ଗ୍ରାମ ସ୍ମରି
ନାରୀ ଧର୍ମେ ବାନ୍ଧି ଛନ୍ଦି
ନହେଉ କେ ରୁନ୍ଧି
ଯାଆନ୍ତୁ ସ୍ୱର୍ଗଦ୍ୱାର ଆଗେ ସିନ୍ଦୁର ପିନ୍ଧି।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଭୁବନ କାଳୀ ବଜାର ବଣିକ ସଂଘର ୫୦ ତମ ବାର୍ଷିକ ପୂଜା

ଭୁବନ, ୨୨/୧୦ (ନି.ପ୍ର): ଶକ୍ତି ସ୍ୱରୁପୀଣି,ଅଭୟ ପ୍ରଦାୟିନୀ,ଦୁଷ୍ଟ ନିବାରିଣି ମା' କାଳୀଙ୍କ ଆବାହନ ପାଇଁ ଭୁବନ ଉତ୍ସବ ମୁଖର ହୋଇପଡିଛି । ୧୯୭୬ ମସିହାରେ ସ୍ୱର୍ଗତ କେଶବ ସାହୁ, ବେଣୁଧର ପୃଷ୍ଟିଙ୍କ ଉଦ୍ୟମ ଓ ବ୍ୟବସାୟୀ ଭାଇ ମାନଙ୍କ ସହଯୋଗରେ କାଳୀ ବଜାର ରେ ଆରମ୍ଭ ହୋଇଥିବା କାଳୀ ପୂଜା ଚଳିତ ବର୍ଷ ୫୦ ତମ ( ସ୍ୱର୍ଣ୍ଣ ଜୟନ୍ତୀ ) ବାର୍ଷିକ କାଳୀ ପୂଜା ପାଳନ କରୁଛି । ସଭାପତି ସମୀର କୁମାର ସାହୁଙ୍କ ତତ୍ୱାବଧାନରେ କାଳୀ ବଜାର ବଣିକ ସଂଘ ର ସମସ୍ତ କର୍ମକର୍ତା ଓ ବ୍ୟବସାୟୀ ଭାଇ ମାନେ ସହଯୋଗ କରୁଛନ୍ତି । ଏହି ଅବସରରେ ଆସନ୍ତା ୨୩ ତାରିଖ ଗୁରୁବାର ମାଙ୍କ ବଡ଼ ପୂଜାରେ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ସାମୁହିକ ପ୍ରସାଦ ସେବନ ର ଆୟୋଜନ ହୋଇଛି । ସ୍ୱର୍ଣ୍ଣ ଜୟନ୍ତୀ ପାଇଁ ସୁଉଚ୍ଚ ତୋରଣ ସାଂଗକୁ ରଙ୍ଗୀନ ଆଲୋକମାଳାରେ ସମଗ୍ର ଝଲସୁଛି । ୨୫ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ୨୫ ତାରିଖ ଡି ଫର୍ ଡ୍ୟାନ୍ସ ( ଭୁବନ ଚାମ୍ପିଅନ), ୨୬ ତାରିଖ ସଙ୍ଗମ ଲାଇଫ ସଙ୍ଗୀତ ସନ୍ଧ୍ୟା,୨୭ ତାରିଖ ଆରୀୟନ କ୍ରିଏଟିଭ ମ୍ୟୁଜିକ ମସ୍ତି ଓ ୨୮ ତାରିଖ ଗୀତ ବାହାର କଂସର୍ଟ ନାଇଟ ପରିବେଷଣ କରାଯିବ ଏବଂ ୩୦ ତାରିଖ ଗୁରୁବାର ଭସାଣି ଯାତ୍ରା ଅନୁଷ୍ଠିତ ହେବ।

# କେନ୍ଦ୍ରାପଡା ଜିଲ୍ଲା ବାଲିଯାତ୍ରା ମହୋତ୍ସବର ଭୂମି ପୂଜନ

କେନ୍ଦ୍ରାପଡା, ୨୨/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଶିକ୍ଷା-ସଂସ୍କୃତି ପ୍ରଥା ପରମ୍ପରା, ଧର୍ମପରାଣ ଓ ଭାଇଚାରାର ଅନନ୍ୟ ଗଣପର୍ବ ଜିଲ୍ଲା ବାଲିଯାତ୍ରା ମହୋତ୍ସବ - ୨୦୨୫ ପାଇଁ ଆଜି ଅପରାହ୍ନରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁର, ଗୁଲନଗର, ସୁଜାନଗର ତଥା କେନ୍ଦ୍ରାପଡା ନୂତନ ବସଷ୍ଟାଣ୍ଡ ସନ୍ନିକଟ ବାଲିଯାତ୍ରା ପଡିଆରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ପରମ୍ପରା ଅନୁଯାୟୀ ଗୁରୁ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ମନ୍ଦିରରେ ଗୁରୁ ପୂଜାପରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରର ଆଜ୍ଞାମାଳ ଆଣାଯାଇଥିଲା । ଏଥି ସହିତ ପୀରବାବାଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ଚଳିତ ବର୍ଷ ନଭେମ୍ବର ୫ରୁ ୧୧ ଯାଏ ହେବାକୁ ଯାଉଥିବାରୁ ଏହି ଅବସରରେ ୩ୟ ପ୍ରସ୍ତୁତି ବୈଠକ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂପାଦକ ସରକାରୀ ଓକିଲ ସଂଜୟ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ମନୋରଂଜନ ତ୍ରିପାଠୀ ଆୟବ୍ୟୟ ସଂପର୍କରେ ଆଲୋଚନା କରିଥିଲେ । ଉପସଭାପତି ଅଭିମନ୍ୟୁ ଗୋଛାୟତ, ରମଣୀରଂଜନ ରାଉତରାୟ, ଧିରେନ୍ଦ୍ର ଦାସ, ପତ୍ରିକା ସଂପାଦକ ଶୁଭାଂଶୁ କୁମାର ଦାସ, ଶ୍ରୀଧର କୁମାର ମହାନ୍ତି, ଉପଦେଷ୍ଟା ପଣ୍ଡିତ ହୃଷୀକେଶ ରଥ, କପାଳେଶ୍ୱର ସରପଞ୍ଚ ପ୍ରତିନିଧି ଲୋହିତ ମହାନ୍ତି, କେନ୍ଦ୍ରାପଡା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସମାଜସେବୀ ରବିନ୍ଦ୍ର ସାହୁ, ଉପକୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି,ଗୋଲଖ ପରିଡା, ସେକ୍ ସମସୁର, ଅଶୋକ କୁମାର ସାହୁ, ରାଜୁ କୁବେର, ଟୁକୁନା ନାୟକ, ଦୀପକ ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ପୀତବାସ ଦାସ, ଚିତ୍ତରଞ୍ଜନ ଆଚାର୍ଯ୍ୟ,ବସନ୍ତ କୁମାର ଦାସ,ସତ୍ୟବ୍ରତ ସିଂହ, ମଧୁସୂଦନ ବେହେରା, ଅବନି କୁମାର ଦାସ,ଡଃ ଅଭୟ କୁମାର ରାଉତ, ସେକ୍ କଲିମ୍ ଖାଁ, ରଜନି କାନ୍ତ ଦାସ, ସାମ୍ବାଦିକ ଅଲେଖ ନାୟକ, ଅବଦୁଲ୍ ମୁସ୍ତା ଖାଁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ଉପସ୍ଥିତ ରହି କିପରି ସାତଦିନ ବ୍ୟାପୀ ହେବାକୁ ଯାଉଥିବା ବାଲି ଯାତ୍ରା ମହୋତ୍ସବକୁ ସାନ୍ତି ଶୃଙ୍ଖଳାର ସହ କରାଯିବାକୁ ମତାମତ ପୋଷଣ କରିଥିଲେ । ଏହି ଅବସରରେ ଅଭ୍ୟର୍ଥନା କମିଟି ବିଜ୍ଞାପନ ସଂଗ୍ରହ କମିଟି, ଶୃଙ୍ଖଳା କମିଟି, ପ୍ରତିଯୋଗିତା ଓ ପ୍ରତିଭା ଅନ୍ୱେଷଣ କମିଟି, ପ୍ରତିକା କମିଟି, ସାଂସ୍କୃତିକ କମିଟି, ଅର୍ଥ କମିଟି, ଷ୍ଟଲ ସଜ୍ଜୀକରଣ କମିଟି, ମିଡିଆ କମିଟି, ବୋଇତ ବନ୍ଦାଣ କମିଟି, ପରିଚାଳନା କମିଟି, ଅଡିଟ କମିଟି, ସମ୍ବର୍ଦ୍ଧନା କମିଟି, ସାଂସ୍କୃତିକ କମିଟି,ସଞ୍ଚୟ ପରିଚାଳନା କମିଟି, ପାର୍କିଂ କମିଟି ଇତ୍ୟାଦି ୧୫ଗୋଟି କମିଟି ଗଠନ କରଯାଇଥିଲା ।

# ଗଛ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପରିବେଶବିତ ଦୀପା ରାଣିଙ୍କ ଦ୍ୱାରା ପାଳିତ

ମାଲକାନଗିରି, ୨୨/୧୦ (ନି.ପ୍ର): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରୀ ୩ ପଂଚାୟତର ବୀରକିଶୋରପୁର ଗ୍ରାମରେ ପରିବେଶବିତ୍ ସୁଶ୍ରୀ ଦୀପା ରାଣି ନାୟକ ଏବଂ ବୀରକିଶୋରପୁର ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ସଂଘର ସଭାପତି ଜଗନ୍ନାଥ ହନ୍ତାଳ ଓ ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ଆଜି ୧୦୦ଟି ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବି.ଇ.ଓ) ସୁଶ୍ରୀ ଗାୟତ୍ରୀ ଦେବି, କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ରଣା, ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ଦାର୍ଲାବେଡା ମହାବିଦ୍ୟାଳୟର ଅଧ୍ୟାପକ ଦିଲୀପ କୁମାର ଓଝା ଓ ସୋମନାଥପୁର ପଂଚାୟତର ସିଆରସିସି ଜଟୀନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା ଏହି ଦୀପାବଳିରେ ବାଣ ଫୁଟେଇ ପରିବେଶକୁ ପ୍ରଦୂଷଣ କରିବା ବଦଳରେ ବୃକ୍ଷ ରୋପଣ କରି ପରିବେଶ ପ୍ରଦୂଷଣ ମୁକ୍ତ କରିବା ଏବଂ ସବୁଜ ଦୀପାବଳି ପାଳନ କରିବା । ଗ୍ରାମବାସୀଙ୍କ ମନରେ ପରିବେଶ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ବୀରକିଶୋରପୁର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ସିଆରପି ଦିଦି ରେବତୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଆଗାମୀ ଦିନରେ ସେଇ ବୃକ୍ଷ ଗୁଡିକର ଯତ୍ନ ନେବା ପାଇଁ ସମସ୍ତ ସଦସ୍ୟ ଶପଥ ନେଇଛନ୍ତି । ସ୍ୱେଚ୍ଛାସେବି ଭାବେ ଶୁଭଙ୍କର ଭୌମିକ, ସୋମନାଥ ହନ୍ତାଳ, ସୁନେଲ ମୁଦୁଲି, ରାଜୁ ଶିସା, ପୂର୍ଣ୍ଣ ମୁଦୁଲି, ଭୀମ ହନ୍ତାଳ ଆଦି ବୃକ୍ଷରୋପଣରେ ସହଯୋଗ କରିଥିଲେ । ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ସବୁ ଗ୍ରାମରେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରି ଲୋକଙ୍କ ମନରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପରିବେଶବିତ୍ ଦୀପା ରାଣି ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ସୁସ୍ମିତାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ମୁଖୀଗୁଡା, ୨୨/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ରେଙ୍ଗାଲପାଲି ଗାଁର ଜଣେ ବିବାହିତ ମହିଳା ସୁସ୍ମିତା ନାଏକ(୪୨)ଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ରେଙ୍ଗାଲପାଲି ଗାଁର ଭୋଳନାଥ ନାଏକଙ୍କ ସ୍ତ୍ରୀ ସୁସ୍ମିତା ନାଏକଙ୍କ ଗତ ୧୭ ତାରିଖରେ ଦେହ ଅସୁସ୍ଥ ହେବାରୁ କୋକସରା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ସୁସ୍ଥ ଅବସ୍ଥାରେ ୧୮ ତାରିଖରେ ଘରକୁ ଫେରିଥିଲେ । କିନ୍ତୁ, ୧୯ ତାରିଖ ଦିନ ପୁଣି ତାଙ୍କ ଦେହ ଅସୁସ୍ଥ ହେବାରୁ ସୁସ୍ମିତାଙ୍କୁ ତାଙ୍କ ସ୍ୱାମୀ ପୁଣି ୨୦ ତାରିଖରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସୁସ୍ମିତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ୧୦ଟାରେ ମୃତ୍ୟୁ ହୋଇଥିଲା । ଏନେଇ ସୁସ୍ମିତାଙ୍କ ବାପଘର ଲୋକେ ବିଭିନ୍ନ ସନ୍ଦେହ କରି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି । ମୃତ ସୁସ୍ମିତାଙ୍କ ବାପଘର କୋକସରା ଥାନା ଅନ୍ତର୍ଗତ ବରାଡୋଙ୍ଗା ହୋଇଥିବା ବେଳେ ତାଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ରହିଛନ୍ତି।

# ସଂସ୍କୃତ ଭାରତୀର ଧନ୍ୱନ୍ତରୀ ଜୟନ୍ତୀ ପାଳନ

କେନ୍ଦ୍ରାପଡା, ୨୨/୧୦ (ନି.ପ୍ର): ସଂସ୍କୃତ ଭାରତୀ କେନ୍ଦ୍ରାପଡା ଶାଖା ତରଫରୁ ଭଗବାନ ଧନ୍ୱନ୍ତରୀ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡା ପୌରାଂଚଳ ସ୍ଥିତ ଈଶ୍ୱରପୁର ଗ୍ରାମର ବ୍ରହ୍ମ ଗୌଡ଼ିୟ ସେବା ସଂସ୍ଥାନ ଭାଗବତ ଦାସ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତି ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ ଓ ଧନ୍ୱନ୍ତରୀ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଭଗବାନ ଧନ୍ୱନ୍ତରୀଙ୍କ ଆୟୁର୍ବେଦ ଶାସ୍ତ୍ର ଅବଦାନ ସଂପର୍କରେ ମଠାଧିଶ ପଣ୍ଡିତ ସଚ୍ଚିଦାନନ୍ଦ ଦାସ ଗୋସ୍ୱାମୀ, ପଣ୍ଡିତ କୂଳମଣି ପଣ୍ଡା, ଶିକ୍ଷାବିତ୍ ମୁରଲୀଧର ପାତ୍ର, ପଣ୍ଡିତ ମାଧବଚନ୍ଦ୍ର ପତି ଆଲୋଚନା କରିଥିଲେ । ନୃସିଂହ ଚରଣ ତ୍ରିପାଠୀ ଆମ ଭାରତୀୟ ପରମ୍ପରା ରେ ଆୟୁର୍ବେଦର ଉପଯୋଗିତା ଓ ବୃକ୍ଷଲତା ମାନଙ୍କର ଔଷଧୀୟ ଗୁଣ ସଂପର୍କରେ ଆଲୋକାପତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପତି, ଶିବାନନ୍ଦ ପ୍ରଧାନ, ନାରାୟଣ ପଣ୍ଡା, ବସନ୍ତ କୁମାର ପରିଡା, ମନମୋହନ ସାମଲ, ଅକ୍ଷୟ ନାୟକ, କ୍ଷିରୋଦ ସେନାପତି ପ୍ରମୁଖ ଯୋଗ ଦେଇଥିବା ବେଳେ ସହ ସଂଯୋଜକ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିରରେ ୬୭ତମ ପୋଲିସ ସହିଦ ଦିବସ ପାଳିତ

ବଲାଙ୍ଗିର, ୨୨/୧୦ (ନି.ପ୍ର): ଆଜି ବଲାଙ୍ଗୀର ମନୋହରପୁର ପୋଲିସ ପଡିଆଠାରେ ଜିଲ୍ଲା ପୋଲିସ ପକ୍ଷରୁ ୬୭ତମ ସହିଦ ଦିବସ ପାଳିତ ହୋଇଯାଇଛି । ବଲାଙ୍ଗୀର ଏସପି ଅଭିଲାଷ ଜୀ ପ୍ୟାରେଡର ଅଭିବାଦନ ଗ୍ରହଣ କରିବା ସହିତ ସହିଦ ହୋଇଥିବା ପୋଲିସ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ପ୍ରକାଶ ଯେ, ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନସେନାଙ୍କ ଛଳନାପୂର୍ଣ୍ଣ ଆକ୍ରମଣରେ ୧୦ ଜଣ ପୋଲିସ ସହିଦ ହୋଇଥିଲେ । ସେଥିପାଇଁ ୨୧ ଅକ୍ଟୋବରକୁ ଭାରତ ସରକାର ସହିଦ ଦିବସ ଭାବରେ ପାଳନ କରିଆସୁଛନ୍ତି । ପ୍ରତିବର୍ଷ ସହିଦ ହେଉଥିବା ପୋଲିସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଆଜି ଏସପି ଅଭିଲାଷ ଜୀ ସେହି ସହିଦମାନଙ୍କ ନାମ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଏହା ସହିତ ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ସହିଦ ଦିବସ ଉପଲକ୍ଷେ ଦେଇଥିବା ବାର୍ତାକୁ ମଧ୍ୟ ପଢି ଶୁଣାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ରିଜର୍ଭ ପୋଲିସର ଆରଆଇଙ୍କ ନେତୃତ୍ୱରେ ୬୭ ଜଣ ପୋଲିସ ପ୍ୟାରେଡ କରିଥିଲେ । ଏସପି ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ହିମାଂଶୁ ବେହେରା, ଗୁଣନିଧି ମଲ୍ଲିକ, ସଦର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ଅସିଷ୍ଟାଂଟ କମାଣ୍ଡାଂଟ ଶରତକୁମାର ସୁନା, ଆଦର୍ଶଥାନା ଆଇଆଇସି ଅବନୀ ସାହୁ, ସଦର ଆଇଆଇସି ରାଜକୁମାର ବିଶ୍ୱାଳ, ସାଇବର ଆଇଆଇସି ଭାରତୀ ନାଏକ ପ୍ରମୁଖ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ, ସାମ୍ବାଦିକ ଗଣ ଯୋଗଦେଇଥିଲେ ।

# ପୂଜକଙ୍କୁ ମାଡ ମାରି ଶିକ୍ଷକ ଫେରାର: ପୂଜକ ଗୁରୁତର, ଥାନାରେ ମାମଲା

ଧର୍ମଶାଳା, ୨୨/୧୦ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଧିନରେ ଅଘଟଣ । ପୂଜକଙ୍କୁ ମାଡ ମାରି ଶିକ୍ଷକ ଫେରାର ହୋଇଯାଇଥିବା ବେଳେ ପୂଜକ ଜଣକ କଟକ ଭର୍ତି ହୋଇଥିବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଗୁରୁତର ପୂଜକ ଜଣକ ହେଲେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡବାଗସାହି ଗ୍ରାମର ନରହରି ପାଢୀ ବୋଲି ଜଣାପଡିଛି । ଏନେଇ ନରହରିଙ୍କ ପରିବାର ପକ୍ଷରୁ ଥାନାରେ ବଡବାଗସାହି ଉପ୍ରା ବିଦ୍ୟାଳୟର କଳା ଶିକ୍ଷକ ଜଗନ୍ନାଥ ସାହୁ(୩୬)ଙ୍କ ନାମରେ ଏତଲା ଦିଆଯାଇଛି ।

ଅଭିଯୋଗ ମୁତାବକ,ସୋମବାର ପୟାଁ ଶ୍ରାଦ୍ଧ କରିବା ପାଇଁ ବଡବାଗସାହି ଗ୍ରାମର କାଳନ୍ଦୀ ବାରିକଙ୍କ ଘରକୁ ପୂଜକ ନରହରି ପାଢୀ ଯାଇଥିଲେ । ଘରେ କାଳନ୍ଦୀ ନ ଥିବାରୁ ଓ ତାଙ୍କ ମୋବାଇଲ ବନ୍ଦ ଥିବାରୁ କାଳନ୍ଦୀଙ୍କ ସହ ସ୍ଥାନୀୟ ମାର୍କେଟକୁ ଯାଇଥିବା ଉକ୍ତ ଗ୍ରାମର କେଦାର ସାହୁଙ୍କ ପୁଅ ଜଗନ୍ନାଥଙ୍କୁ କାଳନ୍ଦୀଙ୍କ ପୁଅ ବବଲୁ ଫୋନ କରି ପୂଜକଙ୍କୁ ଫୋନ ଧରାଇ ଦେଇଥିଲେ । କାଳନ୍ଦୀ ସମ୍ପର୍କରେ ପୂଜକଙ୍କ ନାତି ହୋଇଥିବାରୁ ଗେଲରେ ମଜାକ କରିଥିଲେ । କିନ୍ତୁ ସେହି ସମୟରେ ମୋବାଇଲଟି ଜଗନ୍ନାଥଙ୍କ ହାତରେ ଥିଲା । ପୂଜକଙ୍କ ଏଭଳି କଥା ଶୁଣି ଜଗନ୍ନାଥ ରାଗି ଯାଇ ସଂଗେ ସଂଗେ କାଳନ୍ଦୀଙ୍କ ଘରେ ପଂହଚି ଯାଇଥିଲେ । ସେଠାରେ ପୂଜକ ଉପସ୍ଥିତି ଥିବା ଦେଖି ପ୍ରଥମେ ପୂଜକଙ୍କୁ ଚପଲରେ ପିଟିବା ସହ ଏକ ବାଉଁଶରେ ବେକକୁ ଆକ୍ରମଣ କରି ଜଗନ୍ନାଥ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ଫଳରେ ପୂଜକ ନରହରି ଗୁରୁତର ହୋଇପଡି ଥିଲେ । ତାଙ୍କୁ ପରିବାର ଓ ସ୍ଥାନୀୟ ଲୋକେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଅବସ୍ଥା ସଙ୍କଟାପନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ଘଟଣାକୁ ନେଇ ନରହରିଙ୍କ ପରିବାର ପକ୍ଷରୁ ବ୍ରହ୍ମବରଦା ଥାନାରେ କଳା ଶିକ୍ଷକ ଜଗନ୍ନାଥଙ୍କ ନାମରେ ଏତଲା ଦେଇଥିଲେ । ଥାନାରେ କେସ୍ ନଂ ୨୪୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

# ଭଗବାନ ଶ୍ରୀ ସତ୍ୟସାଇଙ୍କ ଶତଜନ୍ମୋତ୍ସବ ଅବସରରେ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ଧର୍ମଶାଳା, ୨୨/୧୦ (ନି.ପ୍ର): ଯାଜପୁର ଜିଲା ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଆନୁକୂଲ୍ୟରେ କଂଟିଗଡିଆ ଭଜନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଯାଇଛି । ଚଳିତ ବର୍ଷ ଭଗବାନ ଶ୍ରୀ ସତ୍ୟସାଇଙ୍କ ଶତତମ ଜନ୍ମୋତ୍ସବ ଅବସରରେ ବିଭିନ୍ନ ସେବାମୂଳକ ରାଜ୍ୟସଂଗଠନ ନିର୍ଦ୍ଦେଶକ୍ରମେ ଚାଲୁଅଛି । କଂଟିଗଡିଆ ଭଜନ ମଣ୍ଡଳୀର ଆବାହକ ତଥା ଅବସରପ୍ରାପ୍ତ ପ୍ରାଧାପକ ତୁହିନାଂଶୁ ରଥଙ୍କ ତତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସେବା ଶିବିରରେ ପୂର୍ବତନ ଜିଲ୍ଲା ଚିକିତ୍ସାଧିକାରୀ ଡକ୍ଟର ବିଜୟ କୁମାର ଶତପଥୀ ଏହାକୁ ଉଦଘାଟନ କରିଥିଲେ । ଏହି ଶିବିରରେ ବିଭିନ୍ନ ରୋଗର ଡାକ୍ତରମାନେ ଯୋଗଦେଇ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଂଟନ କରିଥିଲେ । ଏହି ଶିବିରରେ ୫୨୫ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯାଇଥିଲା । ସ୍ୱାସ୍ଥ୍ୟ ସେବା ଶିବିରରେ ପୂର୍ବତନ ଜିଲ୍ଲା ଚିକିତ୍ସାଧିକାରୀ ତଥା ଜିଲ୍ଲା ସତ୍ୟସାଇ ସେବା ସଂଗଠନର ପୂର୍ବତନ ସଭାପତି ଡକ୍ଟର ନିଶିକାନ୍ତ କର, ହୃଦରୋଗର ବିଭାଗର ଡକ୍ଟର ପ୍ରଦୀପ୍ତ କୁମାର ରଥ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ସୁଖଦା ମିଶ୍ର, ଚକ୍ଷୁ ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ, ଦନ୍ତ ଚିକିତ୍ସକ ଡା. ସୁମନ କଲ୍ୟାଣ ବେହେରା, ଓ ନାସାକର୍ଣ୍ଣ , ଗଳା ବିଭାଗ, ମେଡିସିନ ବିଭାଗର ଡାକ୍ତରମାନେ ଯୋଗଦେଇଥିଲେ । ବାଳବିକାଶ ଗୁରୁମା ସୁଭାଷିନୀ ରଥ, ଅପପୃତା ରଥ, ସଞ୍ଜୀବ କୁମାର ଜେନା, ପ୍ରଫୁଲ୍ଲ କୁମାର ବେହେରା, କାର୍ତିକ ଚନ୍ଦ୍ର ଜେନା, ଅରୂପାନନ୍ଦ ଜେନା, ବ୍ରହ୍ମାନନ୍ଦ ପଣ୍ଡା, ହରେକୃଷ୍ଣ ମିଶ୍ର, ବଟକୃଷ୍ଣ ମହାରଣା, କୃପାସିନ୍ଧୁ ମହାରଣା, ସୁଭାଷ କୁମାର ପଣ୍ଡା, ମନୋରଞ୍ଜନ କର, ଦୁଃଶାସନ ବେହେରା, ସଞ୍ଜୀବ କୁମାର ହୋତା, ବିଜୟ କୁମାର ସାମଲ, ଶିବିର ପରିଚାଳନା କରିଥିବାବେଳେ ଇନରହୁଇଲ୍ କ୍ଲବର ପୂର୍ବତନ ସଭାନେତ୍ରୀ ତଥା ସମାଜସେବୀକା ମାଧୁରୀ ଶତପଥୀ, ଗୋପବନ୍ଧୁ ସେବା ସଂଘର ସଭାପତି ଅକ୍ଷୟ କୁମାର ଜେନା ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ଜାରକା ସମିତିର ଆବାହକ ଅର୍ଜୁନ ଚରଣ ରାଉତ ସଂଯୋଜନା କରିଥିବାବେଳେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ଯତୀନ୍ଦ୍ର ମୋହନ ଦାସ, ମଦନାନନ୍ଦ ମଲ୍ଲିକ, ନରେନ୍ଦ୍ରନାଥ ଶତପଥୀ, ସୁବାଷ ଚନ୍ଦ୍ର ସାହୁ, ଶିବରାମ ସାହୁ, ଗଗନ ବିହାରୀ ଦତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୈମିଷାରଣ୍ୟରେ ଫେରନ୍ତା ଭାଗବତ ପାରାୟଣ ଶ୍ରଦ୍ଧାଳୁଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨୨/୧୦ (ନି.ପ୍ର): ଉତର ପ୍ରଦେଶର ନୈମିଷାରଣ୍ୟ ଠାରେ ବଲାଙ୍ଗୀର, ସୋନପୁର ଓ ବରଗଡ ଜିଲ୍ଲାର ଶତାଧିକ ଶ୍ରଦ୍ଧାଳୁ ଗତ ୬ ତାରିଖରୁ ସାମାଜିକ କର୍ମୀ ଶ୍ରୀକର ମିଶ୍ର ଓ ତାଙ୍କ ସହଧର୍ମିଣୀ ସୁଲୋଚନା ମିଶ୍ରଙ୍କ ନେତୃତ୍ୱରେ ଯାଇ ସେଠାରେ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଉତ୍ସବ ପାଳନ କରିଥିଲେ । ଏଥିରେ ଗାୟକ ରତ୍ନ ସୁରେନ୍ଦ୍ର କୁମାର ତ୍ରିପାଠୀ ବ୍ୟାସ ଭାବରେ ଭାଗବତ ପାଠ କରିଥିବା ବେଳେ ପଣ୍ଡିତ ମହାବୀର ବେଦବାକ୍ ପୂଜାବିଧି କରିଥିଲେ । କର୍ତା ଭାବରେ ନାରାୟଣ ପ୍ରସାଦ ମିଶ୍ର ଓ ତୃପ୍ତିମୟୀ ମିଶ୍ର କାର୍ଯ୍ୟ ନିର୍ବାହ ସହ ସମସ୍ତ ଖର୍ଚ୍ଚ ବହନ କରିଥିଲେ । ସମସ୍ତ ଶ୍ରଦ୍ଧାଳୁ ଭାଗବତ ପାରାୟଣ ପରେ ଅଯୋଧ୍ୟା ଯାଇ ସୁନ୍ଦରାକାଣ୍ଡ ଗାୟନ ସହ ରାମଲାଲାଙ୍କ ଦର୍ଶନ କରିଥିଲେ । ପରେ ବନାରସ ଯାଇ କାଶୀ ବିଶ୍ୱନାଥ ଦର୍ଶନ ସହ ସାଧୁ ସେବା ଏବଂ ରାମାୟଣର ଶବରୀ ଉପାଖ୍ୟାନ ଉପରେ ଏକ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବିଶିଷ୍ଟ ସଂଗଠକ ହରିନାରାୟଣ ପୁଜାରୀଙ୍କ ମାତା ସୁବାସିନୀ ପୁଜାରୀ ବିଶେଷ ସହଯୋଗ କରିଥିଲେ । ଆଜି ନିଜ ଗ୍ରାମ ସଦାଇପାଲି ଫେରିବା ପରେ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ରାଜିନ୍ଦ୍ର ମିଶ୍ର, ଶମ୍ଭୁ ନାଏକ, ରମେଶ ନାଏକ, ଉର୍ବଶୀ ନାଏକ, ସାଏବାନି ପଟେଲ, ଜୟନ୍ତୀ ସାଏ, ସୁଜାତା ନାଏକ, ଲଳିତା ଗୁରୁ, ତପସ୍ୱିନୀ ନାଏକ, ସରୋଜିନୀ ବାରିକଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଦୀର୍ଘ ୧୫ ଦିନର ତୀର୍ଥଯାତ୍ରା ସଫଳ ହୋଇଥିବାରୁ ଆୟୋଜକ ନାରାୟଣ ପ୍ରସାଦ ମିଶ୍ରଙ୍କୁ ସମସ୍ତ ଶ୍ରଦ୍ଧାଳୁ ଆଶିର୍ବାଦ ପ୍ରଦାନ କରିଥିଲେ ।

# ଆଦର୍ଶ ଗ୍ରାମରେ ନିଶା ନିବାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର, ୨୨/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଂଚାୟତର ବଡ଼ମାଳ, ଟାଙ୍ଗରାଣିକୁ ଚଳିତ ବର୍ଷ ଓଡିଶା ସରକାର ଆଦର୍ଶ ଗ୍ରାମରେ ନାମିତ କରିଥିବାବେଳେ ଆଜି ଗ୍ରାମର ସମସ୍ତ ମହିଳା ପୁରୁଷଙ୍କୁ ନେଇ ସମ୍ପୂର୍ଣ୍ଣ ନିଶା ବନ୍ଦ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ପ୍ରତ୍ୟେକ ବର୍ଷ ଗ୍ରାମରେ ଖଜୁରୀ ରସ, ହାଣ୍ଡିଆ ଓ ଦେଶୀମଦ ରନ୍ଧା ଠିକା ଦିଆଯାଉଥିବାବେଳେ ଚଳିତ ବର୍ଷ ମଧ୍ୟ ଗ୍ରାମରେ କାହାକୁ କିଛି ନଜଣାଇ ଗ୍ରାମରେ ଖଜୁରୀ ରସ ପାଇଁ ଠିକା ଦେଇଛନ୍ତି । ଏହାକୁ ନେଇ ଗ୍ରାମରେ ମହିଳାଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି ହେବାରୁ ଆଜି ଗ୍ରାମର ସମସ୍ତଙ୍କୁ ଏକାଠି କରି ଏକ ବୈଠକ ଆୟୋଜନ କରାଯାଇ ମଦ, ଖଜୁରୀ ରସ, ହାଣ୍ଡିଆ ଠିକା ବନ୍ଦ କରାଯିବା ସହ ଯେଉଁ ବ୍ୟକ୍ତି ମାଦକ ଦ୍ରବ୍ୟ ବିକ୍ରି କରିବ ସର୍ବନିମ୍ନ ତାଙ୍କଠାରୁ ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବା ସହ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତି ନିଆଯାଇଛି । ଏହି ଆଲୋଚନା ସମୟରେ ବଡ଼ମାଳ, ଲଡ୍ରୋପାଳ, ଭାଲୁଡ଼ିହି, ଗୁଣ୍ଡଲପାଣି ଗ୍ରାମର ସମସ୍ତ ମହିଳା ପୁରୁଷଙ୍କ ସହ ଆଶା, ଅଙ୍ଗନବାଡି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ପ୍ରମୁଖ ଉପସ୍ଥିତ ଥିଲେ । ନିଶା ନିବାରଣ ଆୟୋଜନ ବୈଠକ ସମୟରେ ସତ୍ୟନାରାୟଣ ପଟେଲ, ନୟନ ପଟେଲ, ହୃଦାନନ୍ଦ ନାଏକ, ଦିଲୀପ ବଗାର, ସୌଦାମିନୀ ନାଏକ, ତପସ୍ୱିନୀ ନାଏକ,ବିନି ମୁଣ୍ଡା, ଶାନ୍ତିଲତା ନାଏକ ପ୍ରମୁଖ ସୁଚିନ୍ତିତ ମତାମତ ମଧ୍ୟ ଦେଇଥିଲେ ।

# ଝୋଟରୁ ପ୍ରସ୍ତୁତ ସାମଗ୍ରୀକୁ ନେଇ ତାଲିମ ଶିବିର, ସ୍ୱାବଲମ୍ବୀ ହୋଇପାରିବେ ମହିଳା

ଭଦ୍ରକ, ୨୨/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୋଳସାହି ପଂଚାୟତ ଅଧୀନ ଗାଜିପୁର ଗ୍ରାମରେ ଝୋଟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ ନେଇ ଚାଲିଥିବା ତାଲିମ ଶିବିର ରବିବାର ଉଦଯାପିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଚାଷୀ ଗଣେଶ ପ୍ରସାଦ ଖାମୁରାଇଙ୍କ ସଭାପତିତ୍ୱ ଓ ଅବସର ପ୍ରାପ୍ତ ଅଧକ୍ଷ ଶିବ ଚରଣ ଖାମୁରାଇଙ୍କ ସଂଚାଳନରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଯୋଗଦେଇ ଝୋଟରୁ ପ୍ରସ୍ତୁତ ସାମଗ୍ରୀ ତିଆରିକରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ଯୋଗଦେଇ ପ୍ଲାଷ୍ଟିକକୁ ବର୍ଜନ କରାଯାଇ ଝୋଟ ତିଆରି ସାମଗ୍ରୀ ବ୍ୟବହାରକରି ପରିବେଶକୁ ପ୍ରଦୂସନମୁକ୍ତ କରିବାଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ାସ୍ଥିତ ରାଇଡର ମୁଖ୍ୟ ଆୟୋଜକ କିଶୋର କୁମାର ସାହୁ, ସହକାରୀ କୃଷି ଅଧିକାରୀ ସତ୍ୟଜିତ ସେଠୀ, ଜିଲା ସହ କୃଷି ଅଧିକାରୀ ଜୟନ୍ତ ଧିନ୍ଦା, ତାଲିମ ଅଧିକାରୀ ପ୍ରିୟଙ୍କା ମହାପାତ୍ର, ଶିକ୍ଷାବିତ ଭରତ ବିଶ୍ୱାଳ, ବ୍ୟାଙ୍କ ଅଧିକାରୀ ସୁଦର୍ଶନ ସାହୁ, ବରିଷ୍ଠ ନାଗରିକ ଧନେଶ୍ୱର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଝୋଟ ପ୍ରସ୍ତୁତ ସାମଗ୍ରୀକୁ ଆକର୍ଷଣୀୟ ଓ ବହୁଳ ଉତ୍ପାଦନ କରିପାରିଲେ ମହିଳାମାନେ ଜୀବିକା ନିର୍ବାହ କରିବାରେ ସମର୍ଥ ହୋଇପକ୍ଷରିବେ ବୋଲି କହିଥିଲେ । ଏହି ଅବସରରେ ଗାଜିପୁର ଗ୍ରାମର ମା ଲକ୍ଷ୍ମୀ ଝୋଟ ଉତ୍ପାଦନ ଗୋଷ୍ଠିର କର୍ମକର୍ତାଙ୍କୁ ୩ଟି ମେସିନ ଓ ଝୋଟ ତିଆରି କପଡ଼ା ପ୍ରଦାନ କରାଯାଇଥିଲା । ତାଲିମ ଅଧିକାରୀଭ ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିରରେ ମମତା ପାଣିଗ୍ରାହୀ, ପ୍ରମିଳା ଜେନା, ଭାରତୀ ମିଶ୍ର, ଲକ୍ଷ୍ମୀପ୍ରିୟା ମାହାନା, ତୁଳସୀ ପାଣିଗ୍ରାହୀ, ସୁଭଦ୍ରା ଖାମୁରାଇ, ସିପ୍ରା ଖାମୁରାଇ, ମାମି ଖାମୁରାଇ, ସରସ୍ୱତୀ କଣ୍ଡାର, ଜୟନ୍ତୀ ସାହୁ, ନିତୁରାଣୀ ସାହୁ, ମିନତୀ ପାଲ, ଚନ୍ଦ୍ରିକା ଶଙ୍ଖୁଆ ପ୍ରମୁଖ ତାଲିମପ୍ରାପ୍ତ ମହିଳାମାନେ ଯୋଗ ଦେଇଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ଚେସ୍ ଚମ୍ପିଅନସିପ୍-୨୦୨୫ ଉଦ୍‌ଯାପିତ

କେନ୍ଦ୍ରାପଡା, ୨୨/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ଚଳିତ ବର୍ଷର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ -୨୦୨୫ ତଥା ୫ମ ଡକ୍ଟର ବୈଷ୍ଣବ ପରିଡା ସ୍ମାରକୀ ଚେସ ଚାମ୍ପିଅନସିପ ର ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆର ଆୟର ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଉଦବୋଧନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଜେପିର କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ମହିଳା ନେତ୍ରୀ ଗୀତାଞ୍ଜଳି ସେଠୀ, କେନ୍ଦ୍ରାପଡାର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍ ର ପୂର୍ବତନ ସମ୍ପାଦକ ମନୋଜ ପରିଡା ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି କିଶୋର ପଣ୍ଡା, ସମ୍ପାଦକ ତଥା ଅଲ ଓଡ଼ିଶା ଚେସ ଆସୋସିଏସନ୍ ର ଯୁଗ୍ମ ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଆସୋସିଏନର ସହ ସଂପାଦିକା ପିଙ୍କି ମହାପାତ୍ର, ଉପସଭାପତି ଧରଣୀ ଧର ସେଠୀ, ଅମରେଶ ସାହୁ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଵ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ପଣ୍ଡା ଏବଂ ସୁନାକର ବେହେରା ପ୍ରମୁଖ ବିଭିନ୍ନ ସାହାଯ୍ୟ ସହଯୋଗ କରିଥିଲେ ।

# ଚୋରା ଦେଶିମଦ କାରଖାନା ଉପରେ ଚଢ଼ାଉ



ବେତନଟୀ ୨୨/୧୦ (ନି.ପ୍ର) : ବେତନଟୀ ଅବକାରୀ ଥାନା ପକ୍ଷରୁ ଆଜି ବଡ଼ସାହି ଥାନା ଅଞ୍ଚଳ ରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ ଏବଂ ରନ୍ଧାମଦ ସମେତ ଚୋରାମଦ ଚାଲାଣ କରୁଥିବା ଏକ ନମ୍ବରବିହୀନ କାରକୁ ଜବତ କରାଯାଇଥିବା ବେଳେ ଏହି ବେଆଇନ କାରବାରରେ ଜଡିତ ଦୁଇଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଆଦିଡିହା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାର ପୁଅ ଗଦାଧର ଜେନା (୪୫) ଏବଂ ସେହି ଆଦିଡିହା ଗ୍ରାମର ସଦାନନ୍ଦ ଜେନାର ପୁଅ ସଞ୍ଜୟ ଜେନା (୧୯) । ସୂଚନା ମୁତାବକ ବଡ଼ସାହି ଥାନା ଅଧୀନ ଆଦିଡିହା ଅଞ୍ଚଳରେ ଚୋରା ଦେଶିମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ମୋବାଇଲ ୟୁନିଟ ଏବଂ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ଆଦିଡିହା ଗ୍ରାମରେ ଆଜି ମିଳିତ ଭାବରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଆଦିଡିହା ଗ୍ରାମରେ ଚାଲିଥିବା ଚୋରା ଦେଶିମଦ କାରଖାନାରୁ ୩ହଜାର ୭ଶହ ୫୦କିଲୋଗ୍ରାମ ଓଜନର ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ନଷ୍ଟ କରାଯାଇଥିଲା । ଏଥି ସହିତ ଅବକାରୀ ବିଭାଗର ମିଳିତ ଚଢ଼ାଉର ଖବପାଇ କୌଶକ୍ରମେ ଏକ ନମ୍ବର ବିହିନୀ କାରଯୋଗେ ୪ଶହ ଲିଟର ରନ୍ଧାମଦ ନେଇ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତେନ୍ତୁଳି ଗାଁ ଠାରେ ଉକ୍ତ ଚୋରାମଦ ବୋଝେଇ ନମ୍ବର ବିହୀନ କାରକୁ ଜବତ କରାଯାଇଥିଲା । ଏହି ଚଢ଼ାଉରେ ମୋବାଇଲ ୟୁନିଟ ଅଧିକାରୀ ତଥା ଉଦଳା ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡି, ଏଏସଆଇ ଜି. କାମେଶ୍ୱର ଏବଂ ବେତନଟୀ ଟିମ ସମେତ ସଶସ୍ତ୍ର ପୁଲିସଫୋର୍ସ ସାମିଲ ଥିଲେ । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ଦିଲ୍ଲୀରେ ଅଭିନେତା ତଥା ଗାୟକ ଋଷଭ ଟଣ୍ଡନଙ୍କ ବିୟୋଗ

ନୂଆଦିଲ୍ଲୀ, ୨୨/୧୦ (ନି.ପ୍ର): ବଲିଉଡ୍ ଅଭିନେତା ଗୋବର୍ଦ୍ଧନ ଅସରାନୀଙ୍କର ଦେହାନ୍ତ ପରେ ଚଳଚ୍ଚିତ୍ର ଜଗତରୁ ଆଉ ଏକ ଦୁଃଖଦ ସମ୍ବାଦ ସାମ୍ନାକୁ ଆସିଛି। ପ୍ରସିଦ୍ଧ ଅଭିନେତା ଓ ଗାୟକ ଋଷଭ ଟଣ୍ଡନଙ୍କର ଆଜି ଏଠାରେ ହୃଦଘାତ ହେବାରୁ ଦେହାନ୍ତ ଘଟିଛି। ସେ ୩୫ ବର୍ଷ ବୟସର ଥିଲେ। ଋଷଭ ଟଣ୍ଡନଙ୍କୁ ତାଙ୍କ ମଞ୍ଚ ନାମ 'ଫକୀର' ଭାବରେ ମଧ୍ୟ ଜଣାଯାଉଥିଲା। ତାଙ୍କର ଅକାଳ ମୃତ୍ୟୁ ଭାରତୀୟ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତକୁ ଗଭୀର ଆଘାତ ଦେଇଛି। ଋଷଭଙ୍କ ଜଣେ ଘନିଷ୍ଠ ବନ୍ଧୁ ସୋସିଆଲ ମିଡିଆ ଜରିଆରେ ତାଙ୍କର ଦେହାନ୍ତର ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଲିସ ଏସଆଇ ନିଯୁକ୍ତି ...

ଶ୍ରୀ ମାଝୀ ଏହି ନିଯୁକ୍ତି ପରୀକ୍ଷା ଦୁର୍ନୀତି ସିଣ୍ଡିକେଟରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଛଡ଼ାଯିବ ନାହିଁ ଓ ପାତାଳରୁ ଖୋଜି ବାହାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ପରୋକ୍ଷରେ 'ସିବିଆଇ' ତଦନ୍ତର ସଙ୍କେତ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ବହୁଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷାର ତଦନ୍ତ ଭାର ସିବିଆଇକୁ ଅର୍ପଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପିଥାଇପାରେ । ଏହି ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି । ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରିବା ଓ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର ପାଇଁ ନିଷ୍ପତ୍ତି ନେଇଥିବା ତାଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି । ପୁଲିସ୍ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା କର୍ମଚାରୀ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ସରକାର ଓପିଆରବି ବଦଳରେ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ବିଚାର କରୁଥିବା ମଧ୍ୟ ଜଣାପଡ଼ିଛି । ବିରୋଧୀ ବିଜେଡି ଖୋଲାଖୋଲି ଭାବେ ପ୍ରଥମଦିନରୁ ଓପିଆରବି ଅଧ୍ୟକ୍ଷ, ଗୃହ ସଚିବ ଓ ସିଲିକନ୍ ଟେକଲାବ ମାଲିକଙ୍କୁ 'ଢେଙ୍କାନାଳ ଲିଙ୍କ୍' କହି କାଠଗଡ଼ାରେ ଛିଡ଼ା କରିବା ସହ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ ପାଇଁ ଦାବି କରିଥିଲେ ମଧ୍ୟ କ୍ରାଇମବ୍ରାଂଚ ଏମାନଙ୍କୁ କାହାରିକୁ ଛୁଇଁ ପାରିନଥିଲା । ଭାର ନେବାକୁ ଯାଉଥିବାରୁ ପୁଲିସ ଶୀର୍ଷ ପଦାଧିକାରୀ ଓ ଗୃହ ବିଭାଗର ଅଧିକାରମାନଙ୍କ ମଧ୍ୟରେ ଛନକା ପଶିଛି । ଆଇଟିଆଇ ଲିମିଟେଡକୁ କିଏ ଓ କାହିଁକି ବାରମ୍ବାର ନିଜର ପାର୍ଟନର ପରିବର୍ତ୍ତନ କରିବାକୁ ଅନୁମତି ଦେଉଥିଲା ତଥା ଏଥିରେ ଗୃହ ବିଭାଗ ଓ ଓପିଆରବି କର୍ତ୍ତୃପକ୍ଷଙ୍କ ଭୂମିକା କ'ଣ ଥିଲା, କାହା ଅନୁମତିରେ ସିଲିକନ୍ ଏହି ପରୀକ୍ଷା ପରିଚାଳନାକୁ ପଂଚସଫ୍ଟକୁ ଆଉଟସୋର୍ସିଂରେ ଦେଇଥିଲା, ଓପିଆରବି ଅଧ୍ୟକ୍ଷ ସନ୍ତୋଷ ଉପାଧ୍ୟାୟ କାହିଁକି ଅଚାନକ ଇସ୍ତଫା ଦେଇ ପଳାଇଲେ, ଚାକିରି ଆଶାୟୀଙ୍କଠୁ ଆଦାୟ ଦେଇଥିବା କୋଟି କୋଟି ଟଙ୍କାରୁ କିଏ କେତେ ନେଇଛ ସେସବୁର ଖୋଲତାଡ଼ ସିବିଆଇ କରିବ ବୋଲି ଆଶା କରାଯାଉଛି ।

### ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ...

ବରଂ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି । ଅପର୍ଣ୍ଣା ମୃତ୍ୟୁକୁ ନେଇ ସେତେବେଳେ ଚର୍ଚ୍ଚା ବଢିଥିଲା ଯେତେବେଳେ ମହିଳା କନେଷ୍ଟବଳ ଶୁଭମିତ୍ରାଙ୍କ ହତ୍ୟାକାଣ୍ଡରେ ଦୀପକଙ୍କ ସମ୍ପୃକ୍ତି ମିଳିଥିଲା । ଶୁଭମିତ୍ରାଙ୍କୁ କୋର୍ଟରେ ବିବାହ କରିବା ପରେ ବୀମା ଟଙ୍କା ପାଇଁ ତାଙ୍କୁ ହତ୍ୟା କରି ପୋତି ଦେଇଥିଲେ ଦୀପକ । ପରେ ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ସନ୍ଦେହ କରିଥିଲେ ।

### ଭାରତୀୟ ଦ୍ରବ୍ୟ ଉପରେ ...

କିଛି କୃଷି ଜାତୀୟ ଉତ୍ପାଦ ଯଥା ମକା ଓ ସୋୟାମିଲକୁ ଅଧିକ ମାତ୍ରାରେ ଆମଦାନୀ କରିପାରେ। ଭାରତର କୃଷି ବଜାରରେ ଆମେରିକା ପ୍ରବେଶ କରିବା ପାଇଁ ଦୀର୍ଘ ଦିନରୁ ପ୍ରୟାସ କରି ଆସୁଛି। ତେଣୁ ଡିଲ ପରେ ଆମେରିକା ବଡ଼ ଆଶ୍ୱସ୍ତି ମିଳିବ। ଡିଲ୍‌ରେ ଏମିତି ଏକ ବ୍ୟବସ୍ଥା ରହିବ, ଯାହା ନିୟମିତ ଟାରିଫ ଓ ବଜାରର ସ୍ଥିତିର ସମୀକ୍ଷା କରିବ। ଏହାଦ୍ୱାରା ସମୟ ସହିତ ଦୁଇ ଦେଶ ବାଣିଜ୍ୟ ସର୍ତ୍ତକୁ ପାଳନ କରିବାକୁ ସକ୍ଷମ ହେବେ। ଆମେରିକାର କୃଷି ଜାତୀୟକୁ ଭାରତରେ ପ୍ରବେଶ ପାଇଁ ଅନୁମତି ନୂଆଦିଲ୍ଲୀ ଦେଇପାରେ। ଏହା ବଦଳରେ ଆମେରିକା ପ୍ରଶାସନ ଭାରତୀୟ ଆମଦାନୀ ଉପରେ ଲାଗୁ କରୁଥିବା ଟାରିଫକୁ ୧୫ରୁ ୧୬%କୁ ହ୍ରାସ କରିବ। ଟାରିଫ ହ୍ରାସ ହେଲେ ଟେକ୍ସଟାଇଲ, ଇଞ୍ଜିନିୟରିଂ ଦ୍ରବ୍ୟ ଓ ଫାର୍ମାସିଟ୍ୟୁକାଲ ସାମଗ୍ରୀଗୁଡ଼ିକ ଆମେରିକା ବଜାରରେ ଅଧିକ ପରିମାଣର ଆଦୃତ ହୋଇପାରିବ। ବାଣିଜ୍ୟ ଡିଲ୍ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରସ୍ପର ସହ ଫୋନରେ କଥା ହୋଇଥିଲେ। ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଥିଲେ ଯେ ମୋଦିଙ୍କ ସହ ସେ ବାଣିଜ୍ୟ ଓ ଶକ୍ତି ସହଭାଗିତା ସମ୍ପର୍କରେ ଆଲୋଚନା କରିଛନ୍ତି।

# ସୁନହଟ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ମହାସମାରୋହରେ ପାଳିତ



ବାଲେଶ୍ୱର , ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁନହଟ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଶିଶୁ ମହୋତ୍ସବ ସୁରଭି ୨୦୨୫ - ୨୦୨୬ ସଭାପତି ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସୁମନ୍ତି ମଣ୍ଡଳଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ଶନିବାର ଦିନ ୨୫ ତାରିଖରେ ଶେଷ ହେବ । ପ୍ରଥମ ଦିବସରେ ବିଭିନ୍ନ ସ୍କୁଲରୁ ଆସିଥିବା ବାଳକ ବାଳିକା ମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ରେ ଭାଗ ନେଇଥିଲେ । ବିଭିନ୍ନ ସ୍କୁଲରୁ ଆସିଥିବା ବାଳକ ବାଳିକା ମାନେ ବିଭିନ୍ନ ପ୍ରକାର ନାଚ ଗୀତରେ ଅଂଶ ଗ୍ରହଣ କରିଥିଲେ। ଝରଣା ମଲ୍ଲିକ ଲେଖିଥିବା ଓ ଗାଇଥିବା ଗୀତରେ ଛୋଟ ଛୋଟ ପିଲାମାନେ ନୃତ୍ୟ ପରିଚାଳନା କରିଥିଲେ। ପିଲାମାନେ ନୃତ୍ୟ ରେ ଭଲ ଭାବରେ ପରିବେଷଣ କରିଥିବାରୁ ଶିକ୍ଷୟତ୍ରୀ ଝରଣା ମଲ୍ଲିକ ପିଲାମାନଙ୍କୁ ଦୁଇଟି ଲେଖାଏଁ ପୁସ୍ତକ ଦେଇ ପୁରସ୍କୃତ କରିଥିଲେ । ଏହି ଶିଶୁ ମହୋତ୍ସବ ସୁରଭି ରେ ସ୍କୁଲରେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ପିଲାମାନଙ୍କ ସହିତ ଆସିଥିବା ଅଭିଭାବକ ମାନେ ମଧ୍ୟ ଉପସ୍ଥିତ ରହି ଶିଶୁ ମହୋତ୍ସବ କୁ ଉତ୍ସାହିତ କରିଥିଲେ । ସରକାରୀ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

# ମାଣିଖମ୍ବ ନିମ କାଳୀଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ

ବାଲେଶ୍ୱର , ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମ୍ୟୁନିସପାଲିଟି ର ୨୭ ନମ୍ବର ୱାର୍ଡ ମାଣିଖମ୍ବ ନିମ କାଳୀଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ନିମ କାଳୀ ଶହ ଶହ ବର୍ଷ ପୂର୍ବରୁ ପୂଜା ପାଇ ଆସୁଛନ୍ତି। ଏହି ନିମ କାଳୀ ଙ୍କ ବାର୍ଷିକ ଉତ୍ସବ କାଳୀ ପୂଜା ଦିନ ପାଳିତ ହୋଇ ଆସୁଛି ।ଏହା ସର୍ବ ପୁରାତନ ଓ ଏଠାରେ ନିଆରା ପୂଜା ହୋଇଥାଏ । ଏହି ପୂଜା ପାଇଁ କୌଣସି ଚାନ୍ଦା ଉଠାଯାଏ ନାହିଁ ଲୋକ ମାନେ ସ୍ୱତ ପ୍ରବୃତ୍ତ ଭାବ ରେ ମାଙ୍କ ପୂଜା ପାଇଁ ଦାନ କରନ୍ତି । ସବୁ ବର୍ଷ ପରି ଏବର୍ଷ ମଧ୍ୟ ୫ ଜଣ ବ୍ରାହ୍ମଣ ଙ୍କ ଦ୍ୱାରା ମା ନିମ କାଳୀ ଙ୍କ ପୂଜା ହୋଇ ଥିଲେ ।ମୁଖ୍ୟ ପୂଜକ ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୪ ପ୍ରହର ପୂଜା ହୋମ ଯଜ୍ଞ ହୋଇଥିଲା । ବହୁ ଦୂର ଦୁରାନ୍ତରୁ ଭକ୍ତ ମାନେ ମାଙ୍କ ପାଖରେ ପୂଜା ଡଲା ଲଗାଇଥିଲେ । ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଯୁବ ଗୋଷ୍ଠୀ ମାଙ୍କ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ଭକ୍ତ ମାନଙ୍କ ପାଇଁ ମାଙ୍କ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ ।

# କାଳୀପୂଜା ଭୋଗ ଦେବାକୁ କେନ୍ଦ୍ର କରି ଜାତିଆଣ ଆକ୍ଷେପକୁ ନେଇ ଥାନାରେ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଜଳେଶ୍ୱର, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବର୍ତନା ପଞ୍ଚାୟତ କସିଦା ଗ୍ରାମରେ ପ୍ରତ୍ୟେକ ବର୍ଷ ପରୀ ଏ ବର୍ଷ ମଧ୍ୟ କାଳିପୂଜା ଅନୁଷ୍ଠିତ ହୋଇଥିଲା ଏବଂ ଗ୍ରାମ ର ନିୟମ ଅନୁସାରେ ପୂଜା ପରେ ମା କାଳୀ ଙ୍କ ଭୋଗ ମଧ୍ୟ ଗାଁ ରେ ସମସ୍ତ ଙ୍କ ଘରେ ବିତରଣ କରାଯାଏ । ପୂଜା ପରେ ମଙ୍ଗଳବାର ଭୋଗ ବାଣ୍ଟିବା ପାଇଁ ଗ୍ରାମ ତରଫରୁ କିଛି ବ୍ୟକ୍ତି ଯାଇଥିଲେ ଏହି ଗ୍ରାମ ର ତପନ ଜେନା ଙ୍କ ଘରେ ଭୋଗ ବାଣ୍ଟି ଆସିବା ପରେ ତପନ ଙ୍କ ସ୍ତ୍ରୀ ଗ୍ରାମ ପୂଜା କମିଟି ଉପସଭାପତି ଙ୍କୁ ଫୋନ କରି ଜଣେ ଅଛୁଆଁ ତଳ ଜାତି ସମୟ ତପନ ଙ୍କ ସ୍ତ୍ରୀ ଗାଳିଗୁଲଜ କରିବା ସହିତ ସ୍ୱାମୀ ତପନ ଦାସ ପୂଜା ମଣ୍ଡପ ନିକଟକୁ ଆସି ଭୋଗ ଫୋପଡ଼ିବା ସହିତ ଜଣେ ଅଛୁଆଁ ଓ ତଳ ଜାତି ଲୋକ ହାତରେ ଭୋଗ କାହିଁକି ଦେଲ ବୋଲି କହି ପ୍ରଶ୍ନ କରିବା ସହିତ କମିଟି ସଦସ୍ୟ ଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଗ୍ରାମବାସୀ ଙ୍କ ତରଫରୁ ମଙ୍ଗଳବାର ଜଳେଶ୍ୱର ଥାନା , ନମ୍ପୋ ଫାଣ୍ଡି ଏବଂ ଏସଡିପିଓ ଙ୍କ ପାଖରେ ବରେନ୍ଦ୍ର ଜେନା ଏବଂଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଉକ୍ତ ବ୍ୟକ୍ତି ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ ପାଇଁ ଗ୍ରାମ ମୁଖ୍ୟ ରବିନ୍ଦ୍ର ନାଥ ବାରିକ,କମିଟିର ଉପ ସଭାପତି ଦାଶରଥି ନାୟକ, ସରପଞ୍ଚ ପ୍ରତିନିଧି ପଦ୍ମ ଲୋଚନ ବେହେରା,ରବିନ୍ଦ୍ର ନାଥ ପାଳ,ୱାର୍ଡ଼ ସଭ୍ୟା ରଞ୍ଜିତା ବିର, ୱାର୍ଡ଼ ସଭ୍ୟା ସୁଷମା ରାଣୀ ଜେନା, ଚନ୍ଦନ କୁମାର ଜେନା, ବରେନ୍ଦ୍ର ନାଥ ଜେନା, ସଞ୍ଜୟ କୁମାର ରାଉଳ, ସଞ୍ଜୀବ ଜେନା, କାର୍ତ୍ତିକ ଜେନା, ବିଶ୍ୱଜିତ ଜେନା, ଅନ୍ନପୂର୍ଣ୍ଣା ଜେନା, ମୀନାରାଣୀ ଜେନା ଦାବୀ କରିଛନ୍ତି।

## ନିମୋନିଆରେ ଆଖି ବୁଜିଲେ ୱାର୍ଡସଭ୍ୟା

ଖଇରା, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅମରିଆ-ଅଗ୍ନିପୁର ପଞ୍ଚାୟତ ଅଧୀନ ୧୦ନମ୍ବର ୱାର୍ଡସଭ୍ୟା ଆଶାୟୀ ସିଂ(୫୦) ନିମୋନିଆରେ ଆକ୍ରାନ୍ତ ହୋଇ ଆଖିବୁଜିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲ ନିଆଯିବା ପରେ ସୁସ୍ଥ ହୋଇ ଘରକୁ ଫେରି ଔଷଧ ସେବନ କରୁଥିଲେ। ରବିବାର ଦିନ ପୁନଶ୍ଚ ଶରିରରେ ଯନ୍ତ୍ରଣା ଅନୁଭବ କରିଥିଲେ । ମେଡିକାଲ ନେବାପାଇଁ ବ୍ୟବସ୍ଥା କରାଯଉଥିବା ବେଳେ ସେ ଆଖୁବୁଜିଥିଲେ । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ସରପଞ୍ଚ ସସ୍ମିତା ଧିନ୍ଦା ଓ ସମିତିସଭ୍ୟା ସଂଯୁକ୍ତ ମହାପାତ୍ର ଶୋକ ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ଇଂରାଜୀ ଔପନ୍ୟାସିକ ପ୍ରଫେସର ଡ. ଧରଣୀଧର ସାହୁଙ୍କ ପରଲୋକ



ଭୁବନେଶ୍ୱର, ୨୨/୧୦ : ବିଶିଷ୍ଟ ଇଂରାଜୀ ସାହିତ୍ୟିକ ଓ କବି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ଧରଣୀଧର ସାହୁଙ୍କ ଗତକାଲି ରାତିରେ କେଶୁରାସ୍ଥ ମାକ୍‌ଲିନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ପ୍ରଫେସର ସାହୁ ଦୀର୍ଘ ତିନି ସପ୍ତାହ ଧରି ରକ୍ତ କର୍କଟ ଜନିତ ରୋଗରେ ପୀଡ଼ିତ ହୋଇ ସମ୍ ହସ୍‌ପିଟାଲ୍ ଓ ପରେ ମାକ୍‌ଲିନ୍ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ୧୯୯୬ ମସିହାରେ ସ୍ୱର୍ଗତଃ ସାହୁଙ୍କର ପ୍ରଥମ ଇଂରାଜୀ ଉପନ୍ୟାସ "ଦି ହାଉସ୍ ଅଫ୍ ସରପେଂଟସ୍" ଭାରତର ଓରିଏଂଟ ଲଙ୍ଗମ୍ୟାନ୍ ଏବଂ ଲଣ୍ଡନର ସଙ୍ଗମ ବୁକ୍‌ସ ଦ୍ୱାରା ଏକା ସାଙ୍ଗରେ ପ୍ରକାଶିତ ହୋଇଥିଲା । ୨୦୦୧ରେ ତାଙ୍କର ଦ୍ୱିତୀୟ ଇଂରାଜୀ ଉପନ୍ୟାସ "ସିମ୍ପଲ୍ ଥିଙ୍ଗସ୍ ଅଫ୍ ଲାଇଫ୍" ଆଟ୍‌ଲାଂଟିକ୍ ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ତାପରେ ଦୁଇଟି ଇଂରାଜୀ ଗଳ୍ପ ସଙ୍କଳନ "ହିରୋ ଆଣ୍ଡ ମନ୍‌ଷ୍ଟରର୍ସ" ଓ "ଦି ଡେକାମେରନ୍ ଅନ୍ ଏ ଗାଁଓ ବିଟ୍" ଏବଂ "ଏ ଡାଇଲଗ୍ ଇଉଥ୍ ଲାଇଫ୍" ପୁସ୍ତକ ଭାରତ ଓ ଭାରତ ବାହାରେ ପ୍ରକାଶିତ ହେବା ସହ ୨୦୦୩ରେ ନୂଆଦିଲ୍ଲୀସ୍ଥ ପେନ୍‌ମ୍ୟାନ୍ ପବ୍ଲିକେସନ୍ ଦ୍ୱାରା "ଥ୍ରୀ ଶତକ ଅଫ ଭର୍ତ୍ତୃହରୀ" ପୁସ୍ତକ ସଂସ୍କୃତରୁ ଇଂରାଜୀ ଅନୁବାଦ ପ୍ରକାଶିତ ହୋଇଥିଲା । ୧୯୯୦ରେ ଦିଲ୍ଲୀର ଏକାଡେମିକ୍ ଫାଉଣ୍ଡେସନ୍ ଦ୍ୱାରା "କ୍ୟାଟସ୍ ଅନ୍ ଏ ହଟ୍ ଟିନ୍ ରୁଫ୍" ପୁସ୍ତକ ସହ "ସ୍ମୃତି ଓ ସଙ୍କେତ" ଓଡ଼ିଆ କବିତା ପୁସ୍ତକ ସେ ରଚନା କରିଯାଇଛନ୍ତି । ଶ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ଡିଗ୍ରୀ ହାସଲ କରି ପ୍ରଥମେ ଭୁବନେଶ୍ୱର ରିଜିଓନାଲ୍ କଲେଜ୍ ଅଫ୍ ଏଜୁକେଶନ୍‌ରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ତାହାପରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ, ଢେଙ୍କାନାଳ ମହାବିଦ୍ୟାଳୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଇତ୍ୟାଦିରେ ଅଧ୍ୟାପନା କରିଥିଲେ । ତାଙ୍କର ପୁସ୍ତକ ଗୁଡ଼ିକ ପୃଥିବୀର ବିଭିନ୍ନ ଦେଶରେ ଆଲୋଚିତ ହେବା ସହ ସେ ଦୀର୍ଘ ଦିନ ଧରି "ଟାଇମ୍‌ସ୍ ଅଫ୍ ଇଣ୍ଡିଆ"ର "ସ୍ପିକିଙ୍ଗ୍ ଟ୍ରି"ରେ ଲେଖୁଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା କନକ ମଞ୍ଜରୀ ସାହୁ, ପୁତ୍ର ଅୟସ୍‌କାନ୍ତ, ଦୁଇଝିଅ ମୋନାଲିସା ଓ ଲୋପାମୁଦ୍ରା ଉପସ୍ଥିତ ଥିଲେ । ସ୍ୱର୍ଗତଃ ସାହୁ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କଲୋଣ ଗ୍ରାମରେ ୧୯୪୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।


OFFICE OF THE SUPERINTENDING ENGINEER,
JAMBHIRA CANAL DIVISION, MORADA,
AT/PO- MORADA, DIST- MAYURBHANJ,
Mail ID- eejcdivisionmorada@gmail.com

Tender Call Notice No- 02/2025-26 of SE. J.C.Division, Morada

| | |
|---|---|
| Name of Work | A. Construction of 02 Nos culvert on left side bank drain at RD 9600m and 9850m of Raibania Distributary.<br>B. Repair & Restoration of Kulipal SM and Jambhirapal SM off-taking at RD 75765m and RD 76655m respectively of Jambhira Left Main Canal.<br>C. Restoration of Slope failure at RD 31710m (Left Side) of Jambhira Left Main Canal.<br>D. Repair of rain cuts & cleaning of shurb bushes from RD 13400m to 29000m of Jambhira Left Main Canal.<br>E. Restoration to canal Breaching at RD 7000m to 10500m of Jambhira Left Main Canal.<br>F. Restoration of Canal Breaching, Rain cut at RD 33300m & 36000m and piping occurred along the RD 32600m, 32630m and 32700m of Jambhira Left Main Canal.<br>G. Restoration to canal Breaching at RD 10800m to 13000m of Jambhira Left Main Canal. |
| Estimated Cost for put to tender in Lakh | A. Rs. 4.56 Lakh. , B. Rs. 3.68 Lakh. , C. Rs. 3.97 Lakh., D. Rs. 3.99 Lakh. , E. Rs. 4.09 Lakh., F. Rs. 2.72 Lakh., G. Rs. 3.99 Lakh. |
| Bid Security/ E.M.D. | A. Rs.4600/-, B. Rs.3700/-, C. Rs.4000/- , D. Rs.4000/-, E. Rs.4100/-, E. Rs.2800/-, F. Rs.4000/- |
| Period of Completion | 01(One) Calendar Month |
| Class of Contractor | "C" Class and "D" Class |
| Date & Time of availability of bid document | 27.10.2025 at 10.00 A.M. |
| Last date/time for receipt of bid | 06.11.2025 up to 4.00 P.M. |
| Opening of Technical Bid | 07.11.2025 at 11.00 A.M. |
| Name & Address of the O.I.T | Superintending Engineer, Jambhira Canal Division, Morada |

OIPR: 32440/11/0014/2526

Superintending Engineer,
Jambhira Canal Division
Morada


## ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ

ନୀଳଗିରି, ୨୨/୧୦ (ନି.ପ୍ର): ଗତ ରବିବାର ଅପରାହ୍ନ ୩ ଘଟିକା ସମୟରେ ନୀଳଗିରି ବ୍ରାହ୍ମଣସମାଜ ସମିତି ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ସମିତିର ସ୍ଥାୟୀ ସଭାପତି ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ମାସ ୬ତାରିଖ ଗୁରୁବାର ଦିନ ବିଶ୍ୱଶାନ୍ତି ମହାଯଜ୍ଞ ହେବାନେଇ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୀତପାଠ, ସପ୍ତସତ ଚଣ୍ଡି, ଯଜ୍ଞ ନାରାୟଣୀଙ୍କ ଉଦେଶ୍ୟରେ ଶତସହସ୍ର ଆହୁତି ପ୍ରଦାନକରାଯିବାର ନିଷ୍ପତ୍ତି ନିଆଯାଇଥିଲା। ତତସହିତ ଅନ୍ନ ଯଜ୍ଞ ମଧ୍ୟ କରାଯିବାର ସୂଚନା ମିଳିଛି। ଉକ୍ତ ବୈଠକରେ ସର୍ବଶ୍ରୀ ପଣ୍ଡିତ ବ୍ରଜେଶ୍ୱର ନନ୍ଦ, ଦୟାନିଧି ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ପଞ୍ଚାନନ ପତି, ଅରବିନ୍ଦ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଧର୍ମପଦ ମିଶ୍ର, କମଳଲୋଚନ ମିଶ୍ର, ପ୍ରଶାନ୍ତ ଚୌଧୁରୀ, ମନମୋହନ ପଣ୍ଡା, ମାଧବାନନ୍ଦ ପଣ୍ଡା ପ୍ରମୁଖ ପଣ୍ଡିତ ଓ ବ୍ରାହ୍ମଣ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ




ବାଲେଶ୍ୱର, ୨୨/୧୦ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ରାଜା ବଗିଚା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂପାଦୀକା ପୂର୍ବାଶା ରାୟଏହି ପ୍ରଦର୍ଶନୀକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ସଂଯୋଜକ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ,ସମାଜସେବୀ ଜ୍ୟୋତିର୍ମୟୀ ଶତପଥୀ ଓ ଗୀତାଞ୍ଜଳି ଶତପଥୀ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ମିଲି ଗୁରୁମା'। ପ୍ରତିମା ଗୁରୁମା' କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲା ବେଳେ ଜୟସ୍ମିତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲେ।ଝୁନୀ ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ ଓ ବିନୀତା ଗୁରୁମା' ଅମୃତ ବଚନ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିତା ଗୁରୁମା', ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ଜ୍ୟୋତି ଗୁରୁମା', ମନୀଷା ଗୁରୁମା', ପ୍ରିତୀ ଗୁରୁମା' , ସୁକନ୍ୟା ଗୁରୁମା', ନନ୍ଦିନୀ ଗୁରୁମା', ରଶ୍ମିତା ଗୁରୁମା', ସରୋଜିନୀ ଗୁରୁମା' ଓ ସେବୀକା ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶିଶୁ ବାଟିକା ର ୭୫ ଜଣ ଶିଶୁ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ମେଲ କଲା: ଓୟୁଜେ

ବାଲେଶ୍ୱର, ୨୨/୧୦ (ନି.ପ୍ର): ରାଜ୍ୟର ସାମ୍ବାଦିକଙ୍କ ସର୍ବନିମ୍ନ ୩ ଦଫା ଦାବୀ ପେନସନ, ପ୍ରୋଟେକ୍ସନ ଓ ଏକ୍ରିଡେସନ ପାଇଁ ବିଧାନସଭା ଆଗରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ସେପ୍ଟେମ୍ବର ୨୨ ତାରିଖ ଦିନ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ରାଜ୍ୟର ୩୦ ଟି ଜିଲ୍ଲାରୁ ପ୍ରତିନିଧି ମାନେ ଧାରଣା ରେ ଅଂଶ ଗ୍ରହଣ କରିଥିଲେ।ଆଜି ତାର ଏକମାସ ଅତିକ୍ରମ କରିଯାଇଛି। ଧାରଣା ପରେ ରାଜ୍ୟ ଶାଖାର ସଭାପତି ପ୍ରସନ୍ନ କୁମାର ମହାନ୍ତି ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସାକ୍ଷାତ କରି ସାମ୍ବାଦିକ ମାନଙ୍କ ଦାବୀ ପୂରଣ ପାଇଁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମ୍ବାଦିକ ମାନଙ୍କ ସମସ୍ୟା ଓ ଦାବିପ୍ରତି ସଚେତନ ଅଛନ୍ତି ଖୁବଶୀଘ୍ର ଏନେଇ ଆଲୋଚନା ପରେ ସରକାର ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି କହିଥିଲେ।ମୁଖ୍ୟମନ୍ତ୍ରୀ ଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତିର ଏକ ମାସ ପରେ ଦାବୀ ପୂରଣ ହେବା ନ ହେବା ନେଇ କୌଣସି ପଦକ୍ଷେପ ନିଆନଯିବାର ଆଶଙ୍କା ପ୍ରକାଶ କରି ଆଜି ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସେ ଦିନ କଥା ମନେ ପକାଇ ମେଲ କରାଯାଇଛି ବୋଲି ଓୟୁ ଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟାକରି ଜଙ୍ଗଲକୁ ଫିଙ୍ଗିଦେଲା ସ୍ୱାମୀ

ଖଇରା, ୨୨/୧୦ (ନି.ପ୍ର):ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶରତ ଗ୍ରାମର ୬ଦିନ ଧରି ନିଖୋଜ ଥିବା ମାଣିକ ମାଝୀ(୨୬)ଙ୍କ ମୃତ ଶରୀର ବୁଧବାର ଦିନ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରାଯାଇଛି । ସ୍ୱାମୀ ମଗତ ସୋରେନ ଫେରାର ଥିବା ବେଳେ ଉତ୍ତ୍ୟକ୍ତ ସ୍ୱାମୀଙ୍କ ଆକ୍ରମଣ ମାଣିକଙ୍କ ମୃତ୍ୟୁ ର କାରଣ ବୋଲି ଖଇରା ପୋଲିସ କହିଛି । ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା(୩୨୭/୨୫) ରୁଜୁ କରାଯାଇଥିବା ବେଳେ ୪ନାବାଳକ ଝିଅପୁଅଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ଶିଶୁ ମଙ୍ଗଳକମିଟିକୁ ହସ୍ତାନ୍ତର କରିଛନ୍ତି ।

## ଶତାୟୁ ହଗୁରୁ ଦାସଙ୍କ ପରଲୋକ: ଅଞ୍ଚଳରେ ଶୋକର ଛାୟା



ନୀଳଗିରି, ୨୨/୧୦ (ନି.ପ୍ର): ପରାଧୀନ ଭାରତ ଠୁଁ ସ୍ୱାଧୀନ ଭାରତର ପ୍ରତ୍ୟେକ ଘଟଣା, ଦୁର୍ଘଟଣାଙ୍କୁ ଅଙ୍ଗେଅଙ୍ଗେ ଲିଭାଇଛନ୍ତି ସେ। ଇଂରେଜ ଶାସନ ଏବଂ ରାଜଶାସନର ଅତ୍ୟାଚାର ଓ ଦୁରାଚାରକୁ ଅତି ପାଖରେ ଦେଖିଥିବା ହଗୁରୁ ଦାସ ଆଉ ନାହାନ୍ତି। ଗତ ସୋମବାର ଭୋର ସମୟରେ ଏହି ଧର୍ମପ୍ରାଣ ଶତାୟୁଙ୍କର ଦେହାନ୍ତ ହୋଇଯାଇଛି । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ୭ ହଗୁର ଦାସ(ଡୁମା) ଙ୍କର ୧୦୮ ବର୍ଷରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ କାରଣରୁ ଶଯ୍ୟାଶାୟୀ ଥିଲେ।ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ପୂର୍ଣ୍ଣଚନ୍ଦ୍ର ଦାସ ଓ ସାନପୁଅ ଭଗବାନ ଦାସ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ରଜେନ୍ଦ୍ରପୁର ସ୍ଥିତ ବାସଭବନରେ ଶେଷଦର୍ଶନ କରିବାସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ।ଅଧ୍ୟାପକ ତ୍ରିଲୋଚନ ବାରିକ, ବନମାଳୀ ବିଶ୍ୱାଳ, ଉପେନ୍ଦ୍ର ନାୟକ, ସଞ୍ଜୟ ନାୟକ, ବିଜୟ ବେହେରା, ଦିପୁ ବାଗ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷଦର୍ଶନ କରିଥିଲେ। ବଡପୁଅ ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଦର୍ଶକଙ୍କ ମନ ମୋହୁଛି ଖଇରା କାଳୀ ମେଢ ଓ ପାର୍ଶ୍ୱମୂର୍ତ୍ତୀ





ଖଇରା, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଠାରେ ଶହେବର୍ଷ ର ପରୁଣା କାଳୀପୂଜା ଚଳିତବର୍ଷ ଜାକଜମକରେ ଆରମ୍ଭ ହୋଇଥିବା ବେଳେ ମେଢ ଦେଖିବାକୁ ଦର୍ଶକ ଙ୍କ ଜବରଦସ୍ତ ଭୀଡ ଲାଗିଛି । ବିଶେଷ ଭାବେ ଶିଳ୍ପୀ ଚୈତନ୍ୟ ବେହେରାଙ୍କ ଦ୍ୱାରା ବାଲେଶ୍ୱରର ସୌମ୍ୟାଶ୍ରୀ ଆତ୍ମହତ୍ୟା ଓ ରାମସେତୁ ପ୍ରସଙ୍ଗକୁ ନେଇ ନିର୍ମିତ ପାର୍ଶ୍ୱମୂର୍ତ୍ତୀ ଦର୍ଶକଙ୍କ ମନଛୁଇଁଛି । ସୋମବାର ରାତିରେ ପୂଜକ ଦ୍ୱାରିକାନାଥ ଶତପଥି ଓ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଦ୍ୱାରା ମାଙ୍କ ପୁଜାର୍ଚ୍ଚନା ସାଙ୍ଗକୁ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ଯୋଗେଶ ଶତପଥି ଓ ଦିଲ୍ଲିପ କୁମାର କରଙ୍କ ଦ୍ୱାରା କଳସ ଅଣାଯାଇଥିଲା । କମିଟି କର୍ମକର୍ତ୍ତା ପ୍ରଶାନ୍ତ କୁମାର ବେହେରା, ଚିତ୍ତନ ବିଶ୍ୱାଳ, ପିତାମ୍ବର ନାୟକ, ଜୟଦେବ ବେହେରା, ଗୌତମ ମହାପାତ୍ର, ଦୟାନିଧି ଜେନା, ବିକ୍ରମ ମହାନ୍ତି, ପୁର୍ଣ୍ଣଚନ୍ଦ୍ର ମୁଖୀ, ଜଗତ ମହାନ୍ତି, ଅଦେଶ ଦାସ,ରମେଶ ଲେଙ୍କା, ଚନ୍ଦ୍ରକାନ୍ତ ଦାସ, ଧର୍ମେନ୍ଦ୍ର ପ୍ରଧାନ, ରବିନ୍ଦ୍ର ବିଶ୍ୱାଳ,ରଘୁନାଥ ପାତ୍ର, ଜିତେନ୍ଦ୍ର ରାଉତ, ହିମାଦ୍ରୀ ବେହେରା ପ୍ରମୁଖଙ୍କ ସହଯୋଗରେ ପୂଜା ପରିଚାଳିତ ହେଉଅଛି ।

## ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଲା ମାଲବୋଝେଇ କଣ୍ଟେନର



ବେତନଟୀ,୨୨/୧୦ (ନି.ପ୍ର) : ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟରାଜପଥ କୋଚ୍ଛିମବିଲ୍ଲା ଠାରେ ବାରିପଦା ଅଭିମୁଖେ ଯାଉଥ ?ିବା ଏକ ମାଲବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ତଳକୁ ଖସିପଡିଥିବା ବେଳେ ଆଜି ବେତନଟୀ ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ଘଟଣା ରୁ ପ୍ରକାଶ ଚେନ୍ନାଇରୁ ରାଞ୍ଚି ଯାଉଥିବା ଏନଏଲ-୦୧ଏଜି-୨୧୨୯ ନମ୍ବର ବିଶିଷ୍ଟ ମାଲବୋଝେଇ କଣ୍ଟେନର ଉପରୁ ଚାଳକ ଜଣକ ନିଜର ନିୟନ୍ତ୍ରଣ ହରାଇ ବସିବାରୁ କଣ୍ଟେନରଟି ଭାରସାମ୍ୟ ହରାଇ ମଙ୍ଗଳବାର ବିଳମ୍ବିତ ରାତିରେ ୧୮ନଂ ଜାତୀୟରାଜପଥ ପାର୍ଶ୍ୱର ତଳକୁ ଖସିପଡି ଓଲୋଟି ପଡିଥିଲା। ଦୁର୍ଘଟଣାଗ୍ରସ୍ତ କଣ୍ଟେନର ଭିତରେ ଚାଳକ ଜଣକ ଫସି ରହିଯାଇଥିବା ବେଳେ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିବାରୁ କଣ୍ଟେନର କ୍ୟାବିନ ଭିତରେ ଫସି ରହିଯାଇଥିବା ଚାଳକଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଶେଷରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ବୁଧବାର କ୍ରେନ ସହାୟତାରେ ଦୀର୍ଘ ସମୟର ଉଦ୍ୟମ ପରେ ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଉଦ୍ଧାର କରାଯାଇଥିଲା।

## ଶ୍ରୀଶ୍ରୀ ଜାନକୀନାଥ ମନ୍ଦିରରେ ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ତା୨୨-୧୦: ବାଲେଶ୍ୱର ଲାୟନ୍ସ ଚକ୍ଷୁ ହସପିଟାଲ ଓ ଶ୍ରୀଶ୍ରୀ ଜାନକୀନାଥ ମନ୍ଦିର ସେବା ଟ୍ରଷ୍ଟର ମିଳିତ ସହଯୋଗରେ ବାହାନଗା ପଞ୍ଚାୟତ ସମିତି ଅନ୍ତର୍ଗତ ଜୁଣିଆ (ଆପିତିରା)ରେ ଅବସ୍ଥିତ ଶ୍ରୀଶ୍ରୀ ଜାନକୀନାଥ ମନ୍ଦିର ପରିସରରେ ଏକ ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଅଛି। ବାଲେଶ୍ୱର ଚକ୍ଷୁ ହସପିଟାଲର ପ୍ରତିଷ୍ଠାତା ଶ୍ରୀଯୁକ୍ତ ନିରଞ୍ଜନ ଖଣ୍ଡେଲୱାଲ୍ ରକ୍ତ କେନ୍ଦ୍ର ଉଦ୍‌ଘାଟନ କରିବା ସଙ୍ଗେସଙ୍ଗେ ଏହା ଗୋପାଳପୁର ଅଞ୍ଚଳର ଅନ୍ୟୂନ ୩୦ଟି ପଞ୍ଚାୟତବାସୀଙ୍କ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କେନ୍ଦ୍ରଟି ରବିବାର ବ୍ୟତୀତ ପ୍ରତ୍ୟହ ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଖୋଲା ରହିବା ସଙ୍ଗେସଙ୍ଗେ କମ୍ପ୍ୟୁଟର ମାଧ୍ୟମରେ ଚକ୍ଷୁପରୀକ୍ଷା ତଥା ଚକ୍ଷୁ ଚିକିତ୍ସା ସଂପର୍କରେ ପରାମର୍ଶ ପ୍ରଦାନ କରାଯାଉଅଛି। ଉକ୍ତ ଉଦ୍‌ଘାଟନ ଉତ୍ସବରେ ବାଲେଶ୍ୱର ଲାୟନ୍ସ କ୍ଲବ୍‌ର ସଭାପତି ଶ୍ରୀଯୁକ୍ତ ଗୋପାଳ ଖଣ୍ଡେଲୱାଲ୍, ରାଜେଶ୍ ଖଣ୍ଡେଲୱାଲ୍, ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, ଅନିଲ୍ ଖଣ୍ଡେଲୱାଲ୍‌ଙ୍କ ସମେତ ବାଲେଶ୍ୱର ଲାୟନ୍ସ ହସପିଟାଲର ପ୍ରଶାସକ ପ୍ରିୟଦର୍ଶୀ ସିଂ ସାମନ୍ତ, ଦେବବ୍ରତ ନନ୍ଦ ଓ ଚକ୍ଷୁ ଚିକିତ୍ସିକା ପ୍ରେରଣା ସାହୁ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବସନ୍ତ କୁମାର ପଣ୍ଡା, ଡା. ବ୍ରଜେନ୍ଦ୍ର କୁମାର ନାୟକ, ବଂଶୀଧର ଯେନା, ସଦାଶିବ ଦାଶ, କରୁଣାକର ଶଙ୍ଖୁଆ, ଦିବାକର ଦାଶ, କୈଳାସ ଚନ୍ଦ୍ର ମିଶ୍ର, ଗଜେନ୍ଦ୍ର ବେହେରା, ଜଗନ୍ନାଥ ମହାରଣା, ଘନଶ୍ୟାମ ଓଝା, ବାବାଜୀ ପାତ୍ର, ବାଞ୍ଛାନିଧି ବିନ୍ଧାଣୀ, ନବକିଶୋର ବେହେରା, ସଞ୍ଜୟ କୁମାର ସାହୁ, ଶୁଭ୍ରାଂଶୁବାଳା ନାୟକ ପ୍ରମୁଖ ଅଞ୍ଚଳବାସୀଙ୍କ ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା।

## ରକ୍ତଦାନ ଶିବିର ୩୨ ୟୁନିଟି ସଂଗ୍ରହ

ବସ୍ତା, ୨୨/୧୦ (ନି.ପ୍ର): ରଘୁନାଥପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗିଲାଯୋଡି ଗ୍ରାମରେ ସାର୍ବଜନୀନ କାଳୀପୂଜା କମିଟି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ। ଏହି ରକ୍ତଦାନ ଶିବିରକୁ ବସ୍ତା ଏସ ଡି ପି ଓ ମାନସ ରଞ୍ଜନ ଦେଓ ଏବଂ ଯୁବନେତା ସୁମନ୍ତ କୁମାର ଜେନା ଉଦଘାଟନ କରିଥିଲେ । ଉକ୍ତ ଉଦଘାଟନୀ ସମାରୋହରେ କାଳିପୂଜା କମିଟିର ସଭାପତି ତଥା ଶିକ୍ଷକ ଅରୁଣ କୁମାର ସାହୁ, ଉପ ସଭାପତି ସୂର୍ଯ୍ୟ କୁମାର ସାହୁ, ଯୁବ ସମାଜସେବୀ ଜ୍ୟୋତିର୍ମୟ ନନ୍ଦ, ସୁଶାନ୍ତ ସାହୁ, ପ୍ରବୀର ସାହୁ, ବଳରାମ ସାହୁ, ହରିଶ୍ଚନ୍ଦ୍ର ସାହୁ, କାଶୀନାଥ ସାହୁ, ଦୀପକ ସାହୁ, ପ୍ରମୋଦ ସାହୁ, ଅନ୍ତର୍ଯାମୀ ସାହୁ, ପିଙ୍କୁ ସାହୁ, ସାଗର ଘୋଷ, ସୁବ୍ରତ ଘୋଷ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଏହି ରକ୍ତଦାନ ଶିବିରରୁ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ନୀଳଗିରି ରକ୍ତ ଭଣ୍ଡାରରେ ନାକ - ପିସିଆର ଟେଷ୍ଟ ଓ ଟେକ୍ନିସିଆନ୍ ପଦବୀ ପୂରଣ ପ୍ରସଙ୍ଗ

### ରକ୍ତଦାତା ସଂଘପକ୍ଷରୁ ଆସନ୍ତା ୩୦ରେ ଧାରଣା



ନୀଳଗିରି, ୨୨/୧୦ (ନି.ପ୍ର): ନୀଳଗିରି ରକ୍ତକେନ୍ଦ୍ରରେ ଟେକ୍ନିସିଆନ୍ ପଦବୀ ଓ ନାକ - ପିସିଆର ଟେଷ୍ଟ ହେଉନଥିବାରୁ ରୋଗୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ନାକ - ପି ସି ଆର ଟେଷ୍ଟ ଓ ଟେକ୍ନିସିଆନ୍ ପଦବୀ ପୂରଣପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ଗତ ୧୪ ତାରିଖରେ ସଂଘପକ୍ଷରୁ ଏକ ଦାବୀପତ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେଥିପାଇଁ ସଂଘପକ୍ଷରୁ ଆସନ୍ତା ୩୦ ତାରିଖରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯିବବୋଲି ଆଜି ସଂଘପକ୍ଷରୁ ଲିଖିତ ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତତସହିତ ଉପଖଣ୍ଡ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ନୀଳଗିରି ଥାନା ଅଧିକାରୀଙ୍କୁ ଲିଖିତଭାବେ ଅବଗତ କରାଯାଇଛି। ସଂଘର ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ବ୍ରଜବିହାରୀ ଦାସ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲିଖିତପତ୍ର ପ୍ରଦାନ କରିଥିବା ଜଣାଯାଇଛି ।

## ଗୁରୁକୁଳ ପିଞ୍ଛାବଣିଆରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ



ବସ୍ତା , ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ପିଞ୍ଛାବଣିଆ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମ ପରିସର ରେ ରେ ଆଶ୍ରମ ର ମୁଖ୍ୟ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ସଭାପତିତ୍ୱ ରେ ପବିତ୍ର ଦୀପାବଳୀ ତଥା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ଓ ବୈଦିକ ଗୁରୁକୁଳ ଆଶ୍ରମ ର ପ୍ରତିଷ୍ଠାତା ସ୍ୱାମୀ ସ୍ୱରୁପାନନ୍ଦ ସରସ୍ୱତୀ ଙ୍କ ପୁଣ୍ୟତିଥି ଦିବସ ପାଳନ ହୋଇଯାଇଅଛି । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ବିଶିଷ୍ଟ ସମାଜସେବୀ, ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିବେଶ ଉପରେ ସଚେତନତା କରାଇବା ସହ ଗୁରୁକୁଳ ରେ ବୃକ୍ଷ ରୋପଣ ଓ ବୃକ୍ଷ ବଣ୍ଟନ ସହ ଗୁରୁକୁଳ ରେ ବ୍ରହ୍ମଚାରୀ ମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଜୀ ଗୁରୁମା ମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ।ମୁଖ୍ୟ ବକ୍ତା ଭାବେ ବେଦାନ୍ତ ଶାସ୍ତ୍ରୀ ତଥା ବିଶିଷ୍ଟ ସାହିତ୍ୟ ଆଚାର୍ଯ୍ୟ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା। ଦୀପାବଳୀ ପାଳନ ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୈଦିକ ବିଦ୍ୱାନ୍ ପଣ୍ଡିତ ସୁରେନ୍ଦ୍ର ସିଂହ , ଅବସରପ୍ରାପ୍ତ କନିଷ୍ଠ କୃଷି ବୈଜ୍ଞାନିକ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ, ହଳଦୀପଦା ମହୋତ୍ସବ କମିଟି ର ସଭାପତି ଶ୍ରୀଯୁକ୍ତ ଅଜୟ କୁମାର ଜେନା, ରୂପସା ସାମିଲ୍ ହସନପୁର୍ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମାଳତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦୀପାବଳୀ ପାଳନ ର ଉଦ୍ଦେଶ୍ୟ ଓ ମାହାତ୍ମ୍ୟ ସମ୍ବନ୍ଧରେ ମତ ରଖିଥିଲେ। ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଆର୍ଯ୍ୟ ସମାଜରେ ଅନୁପ୍ରାଣିତ ହୋଇ ବୈଦିକ ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଆର୍ଯ୍ୟ ସମାଜ ଛାନୁଆ, ବୁଆଁଳ, କସିଦା, ମଧୁପୁରା, ରୂପସାର ଅନେକ କର୍ମକର୍ତ୍ତାଙ୍କ ସହ ଉଦଳା ରୁ ହେମନ୍ତ କୁମାର ବେହେରା, କସିଦା ରୁ ସୁଶାନ୍ତ କୁମାର ପାଳ, ସୁବାସିନି ପାଳ, ଛାନୁଆ ରୁ ତପନ କୁମାର ବାରିକ୍, ବାଲିଆପାଳ ରୁ ସୁଶାନ୍ତ କୁମାର ରାଉଳ, ପିଞ୍ଛାବଣିଆ ରୁ ପଦ୍ମାବତୀ ସାହୁ ଓ ନରେନ୍ଦ୍ର ଆର୍ଯ୍ୟ ଆଦି ଅନେକ ଆର୍ଯ୍ୟ ସଜ୍ଜନଙ୍କୁ ଉପଢୌକନ ସହ ମହର୍ଷି ଦୟାନନ୍ଦଙ୍କ ଜୀବନୀ ପୁସ୍ତକ ଗୁରୁକୁଳ ତରଫରୁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅଭିଭାବକ, ନିମନ୍ତ୍ରିତ ଅତିଥି, ମହାନୁଭବ, ଗ୍ରାମବାସୀ ସମସ୍ତେ ଉପସ୍ଥିତ ହୋଇ ଯଜ୍ଞ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଶିକ୍ଷାଶ୍ରମର କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉଦ୍ୟମ କୁ ସମସ୍ତେ ଭୂୟସୀ ପ୍ରଶଂସା କରିବା ସହ ଅନୁଷ୍ଠାନ ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସର୍ବଶେଷରେ ଶିକ୍ଷାଶ୍ରମ ର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ ଗଣେଶ କୁମାର ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜ ରଜେଶ୍ୱରୀ ବେଶରେ ପୂଜା ପାଇଲେ ମା’ ଭଦ୍ରକାଳୀ



ଭଦ୍ରକ, ୨୨/୧୦ (ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା ଭଦ୍ରକାଳୀ ସପ୍ତ ମାତୃକା ବେଶ ର ତୃତୀୟ ଦିବସ ରେ ରାଜ ରଜେଶ୍ୱରୀ ବେଶ ରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ମା ଙ୍କ ର ଏହି ଚତୁର୍ଦ୍ଧା ରୂପ କୁ ଦର୍ଶନ କରିବା ଲାଗି ଦିନ ସାରା ପୀଠ ରେ ଭିଡ ଲାଗିଥିଲା। ଭକ୍ତ ମାନେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ମାଙ୍କ ଆଶିଷ ଭିକ୍ଷା କରିଥିଲେ। କମଳା ପାଟ ବାସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ରେ ଭୂଷିତ ହୋଇଥିଲେ ମା। ଗଜ ଓ ବ୍ୟାଘ୍ର ବାହନ ରେ ବିରାଜ ମାନ କରିଥିବା ବେଳେ ହସ୍ତ ରେ ଶଙ୍ଖ ଚକ୍ର ଗଦା ପଦ୍ମ ଧାରଣ କରି ଚତୁର୍ଦ୍ଧା ରୂପ ରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି। ରାଜ ରଜେଶ୍ୱରି ବେଶ ରେ ଦର୍ଶନ କଲେ ଭକ୍ତ ଉଚ୍ଚ ପଦ, ମର୍ଯ୍ୟାଦା ପ୍ରାପ୍ତ ହେବା ସହିତ ଯଶ, କୀର୍ତ୍ତି ଓ ପ୍ରଶଂସା ପାଇଥାଏ ବୋଲି ବିଶ୍ୱାସ କରାଯାଏ। ମହା ଯଜ୍ଞ ରେ ବହୁ ଦୂର ଦୁରାନ୍ତ ରୁ ଭକ୍ତ ମାନେ ପୀଠ କୁ ଆସି ଯଜ୍ଞ ମଣ୍ଡପ ରେ ବସି ଆହୂତି ପ୍ରଦାନ କରିଛନ୍ତି। ଶତ ଚଣ୍ଡୀ ପାଠ, ଭାଗବତ ପାଠ, ଗୀତା ପାଠ ତଥା ବେଦବିତ୍ତ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନି ରେ ପୀଠ ରେ ଏକ ନିଆରା ଆଧାତ୍ମିକ ପରିବେଶ ପରିଲକ୍ଷିତ ହେଉଛି। ସାଂସ୍କୃତିକ ସନ୍ଧ୍ୟା ର ତୃତୀୟ ସନ୍ଧ୍ୟା ରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ପ୍ରଦାନ କରିଥଲେ। ପ୍ରବଚନ କାର୍ଯ୍ୟ କ୍ରମ ରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଚତୁର୍ଥ ଦିବସ ଗୁରୁ ବାର ମା ପୀଠ ରେ ସିଂହ ବାହିନୀ ବେଶରେ ଦର୍ଶନ ଦେବେ। ମା ଙ୍କ ର ସିଂହ ବାହିନୀ ବେଶ ଓ ପୁଜା ନିତିକାନ୍ତି ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି।

## ରାଜ୍ୟ ସ୍ତରୀୟ ଟ୍ରାକ ସାଇକ୍ଲିଙ୍ଗରେ ଭଦ୍ରକ ଜିଲ୍ଲାର ସଫଳତା

ଭଦ୍ରକ , ୨୨/୧୦ (ନି.ପ୍ର): ୧୬ତମ ରାଜ୍ୟ ସ୍ତରୀୟ ଟ୍ରାକ ସାଇକ୍ଲିଙ୍ଗ ଚମ୍ପିଆନସିପ୍ ଟି କିଟ୍ ର ମିନତୀ ମହାପାତ୍ର ଭେଲଡ୍ରମ ରେ ଅକ୍ଟୋବର ୧୮ ଏବଂ ୧୯ ତାରିଖ ରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ତାର ଖେଳାଳୀ ମାନଙ୍କୁ ସଂଗ୍ରାମୀ ଦେବୀଦତ୍ତ ନାୟକ ଓ ସୁବାଷ ଗୋଛାୟତ ନେତୃତ୍ୱରେ ପଠାଇଥିଲା ୧୪ ବର୍ଷରୁ କମ୍ ରେ ହର୍ଷିତ ନାୟକ (ବାଳକ) ୫୦୦ ମି. ଏବଂ ୧୦୦୦ମି ଗୋଲ୍ଡ ଓ ବ୍ରୋଞ୍ଜ ,ସସ୍ମିତା ପଣ୍ଡା (ବାଳିକା) ଦୁଇଟି ଇଭେଣ୍ଟ ରେ ଗୋଲ୍ଡ ,୧୬ ବର୍ଷରୁ କମ ରେ ସତ୍ୟଜିତ୍ ଗୋଛାୟତ ( ବାଳକ)୨ଟି ଇଭେଣ୍ଟ ସିଲଭର୍ ,ଅନୁସୟା ନନ୍ଦୀ (ବାଳିକା)୧ଟି ବ୍ରୋଞ୍ଜ ଓ ସଚିନ୍ ଜେନା (ବାଳକ)୧ଟି ଇଭେଣ୍ଟ ରେ ଗୋଲ୍ଡ ପଦକ ହାସଲ କରିଛନ୍ତି ।

## ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ବଡସାହି , ୨୨/୧୦ (ନି.ପ୍ର): ବଡସାହି ବ୍ଲକ ଅନ୍ତର୍ଗତ ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ବୁଢ଼ାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ସି.ଆର.ସି.ସି କାହ୍ନୁଚରଣ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ବନିତା ଗିରି ପ୍ରଧାନଶିକ୍ଷୟତ୍ରୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଲକ୍ଷ୍ମଣ ରାଉତ,ଉମାକାନ୍ତ ସାସମଲ , ଶିବଚରଣ ମଣ୍ଡଳ ଅତିଥି ବୃନ୍ଦ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଜଗନ୍ନାଥ ମିଶ୍ର ଓ ବିଷ୍ଣୁ ଦାସ ମଞ୍ଚ ପରିଚାଳନା କରିଥିଲେ । ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ବିଷୟ ‘ ମୋ ସ୍ୱପ୍ନର ଓଡ଼ିଶା ୨୦୩୬ ‘ର ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା ପ୍ରତିଯୋଗିତା, ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବକନିଷ୍ଠ , କନିଷ୍ଠ ଓ ବରିଷ୍ଠଦଳ ଗଠନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି - ମଧୁସ୍ମିତା ଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ , ମୁଖ୍ୟବକ୍ତା ରମାକାନ୍ତ ମିଶ୍ର ଅଧ୍ୟାପକ ବାବା କାଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗଦେଇଥିଲେ । ଗ୍ରାମାଞ୍ଚଳ ପିଲାମାନଙ୍କର ପ୍ରତିଭା ବିକାଶ ପାଇଁ ସୁରଭି ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥାଏ । ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ପ୍ରତିଭାକୁ ବିକଶିତ ଓ ପ୍ରଦର୍ଶିତ କରିବାର ସୁଯୋଗ ପାଇଥାନ୍ତି। ସେଥି ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଭୂମିକାକୁ ଅତିଥି ବୃନ୍ଦ ଭୂୟସୀ ପ୍ରଶଂସା କରିଛନ୍ତି । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ଲୋକକଳା ଓ ସମୃଦ୍ଧ ଓଡ଼ିଶାର କାର୍ଯ୍ୟକ୍ରମ ପରିବେଷଣ ଦ୍ୱାରା ସମସ୍ତେ ମୁଗ୍ଧ ହୋଇଯାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଜିତେନ୍ଦ୍ର ସିଂହ ଓ ଚିନ୍ମୟ ମିଶ୍ର ସଂଯୋଜନା କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଅତିଥି ବୃନ୍ଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବଶେଷରେ ବିଜୟ ଭାସ୍କର ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida